R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୧୫୨

ତିଥି : ଚତୁର୍ଥୀ

୦୮ ମାର୍ଚ୍ଚ ୨୦୨୬, ରବିବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 152

08 March 2026, Sunday

Sambalpur

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur







# ମହିଳା ଦିବସ

ଆନ୍ତର୍ଜାତିକ ମହିଳା ଦିବସ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ସାରା ବିଶ୍ୱରେ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ରାଜନୈତିକ ସଫଳତାକୁ ସମ୍ମାନ ଜଣାଇବା ପାଇଁ ପାଳନ କରାଯାଏ । ଏହି ଦିବସର ଇତିହାସ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଶ୍ରମିକ ଆନ୍ଦୋଳନରୁ ଆରମ୍ଭ ହୋଇଥିଲା। ୧୯୦୮ ମସିହାରେ ନ୍ୟୁୟର୍କ ସହରରେ ପ୍ରାୟ ୧୫,୦୦୦ ମହିଳା କାମ କରିବାର ସମୟ ସୀମା କମାଇବା, ଭଲ ଦରମା ଏବଂ ଭୋଟ୍ ଦେବାର ଅଧିକାର ଦାବି କରି ଶୋଭାଯାତ୍ରା କରିଥିଲେ । ପରବର୍ତ୍ତୀ ସମୟରେ ୧୯୧୦ ମସିହାରେ କୋପେନହେଗେନ୍‌ରେ ଅନୁଷ୍ଠିତ ଏକ ସମ୍ମିଳନୀରେ କ୍ଲାରା ଜେଟକିନ୍ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ୧୯୭୫ ମସିହାରେ ଜାତିସଂଘ ଏହାକୁ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କରିଥିଲା । ଏହି ଦିବସର ଗୁରୁତ୍ୱ କେବଳ ମହିଳାମାନଙ୍କ ଉପଲବ୍ଧିକୁ ଉତ୍ସବ ଭାବେ ପାଳନ କରିବା ନୁହେଁ । ଲିଙ୍ଗଗତ ସମାନତା ବଜାୟ ରଖିବା ଏବଂ ମହିଳାଙ୍କ ପ୍ରତି ହେଉଥିବା ବୈଷମ୍ୟ ଦୂର କରିବା ପାଇଁ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ଅଟେ । ପ୍ରତିବର୍ଷ ଭିନ୍ନଭିନ୍ନ ଥିମରେ ପାଳନ ହେଉଥିବା ଏହି ଦିବସର ୨୦୨୬ ମସିହା ପାଇଁ ଥିମ ରହିଛି ଗିଭ ଟୁ ଗେନ୍ । ଯାହା ଦର୍ଶାଏ ଯେ ମହିଳାଙ୍କ ବିକାଶରେ ନିବେଶ କଲେ ସମଗ୍ର ସମାଜର ବିକାଶ ହୋଇଥାଏ। ଏହା ବିଭିନ୍ନ ସ୍ଥାନରେ ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ମାନ ପ୍ରଦାନ ଏବଂ ସୋସିଆଲ ମିଡିଆ ଅଭିଯାନ ମାଧ୍ୟମରେ ପାଳନ କରାଯାଏ, ଯେଉଁଠାରେ ନାରୀ ଶକ୍ତିକୁ ପ୍ରଶଂସା କରାଯିବା ସହ ସେମାନଙ୍କ ଅଧିକାର ପାଇଁ ସଂକଳ୍ପ ନିଆଯାଏ। ଏହି ଦିବସ ଆମକୁ ମହିଳା ସଶକ୍ତିକରଣର ଯାତ୍ରାକୁ ଆଗକୁ ନେବାକୁ ପ୍ରେରଣା ଦିଏ। ଏହିଦିନ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରେ ଏକାଧୀକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ।



**କଥାରେ ଅଛି ଝିଅ ହସିଲେ ଘର ହସିଥାଏ । ଗୋଟିଏ ଘରକୁ ସ୍ନେହ ମମତାରେ ବାନ୍ଧି ରଖିବାରେ ସବୁଠାରୁ ବଡ ହାତଥାଏ ଘରେ ଥିବା ମହିଳାଙ୍କର । ଏକ ସୁସମାଜ ଗଢିବାରେ ମଧ୍ୟ ମହିଳାଙ୍କର ଯୋଗଦାନ ଖୁବ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ଏହିଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କଥାରେ ପୁରୁଷର ସହଭାଗୀହୋଇ ଚାଲୁଥିବା ନାରୀ ସମାଜକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ରେ ପାଳିତ ହୋଇଥାଏ ଆନ୍ତର୍ଜାତିକ ମହିଳା ଦିବସ ।**

## ନିଜକୁ ଦିଅନ୍ତୁ ସମୟ

ଏହି ଆନ୍ତର୍ଜାତିକ ମହିଳା ଦିବସରେ, ନିଜର ଦୈନନ୍ଦିନ ସ୍ୱାସ୍ଥ୍ୟ, ଶାନ୍ତି ଏବଂ ଆତ୍ମବିଶ୍ୱାସକୁ କିଭଳି ସଜାଡି ପାରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଜଣେ ମହିଳା ଯେତେବେଳେ ନିଜର ଛୋଟ ଛୋଟ ଅଭ୍ୟାସରେ ଉନ୍ନତି ଆଣନ୍ତି, ସେତେବେଳେ ସେ କେବଳ ନିଜ ପାଇଁ ନୁହେଁ, ବରଂ ସମଗ୍ର ପରିବାର ପାଇଁ ଏକ ସୁସ୍ଥ ପରିବେଶ ଗଢିଥାଆନ୍ତି ।ଅନେକ ସମୟରେ ମହିଳାମାନେ ଆଲମାରିର ସବୁଠାରୁ ଦାମୀ ଶାଢ଼ୀ ବା ସୁଟ୍‌କୁ କେବଳ ବର୍ଷକୁ ଥରେ କିମ୍ବା ଦୁଇଥର କୌଣସି ବାହାଘର କିମ୍ବା ଉତ୍ସବ ପାଇଁ ରଖିଥାଆନ୍ତି । କିନ୍ତୁ ପ୍ରତିଦିନ ଅଫିସ ବା ଘରେ ପିନ୍ଧୁଥିବା ପୋଷାକ ଉପରେ ଧ୍ୟାନ ଦେଇନଥାଆନ୍ତି । କିନ୍ତୁ ସେମାନେ ୯୦ ପ୍ରତିଶତ ଏହି ଦୈନନ୍ଦିନ ପୋଷାକରେ ବିତାଇଥାଆନ୍ତି, ତେଣୁ ଏହାପ୍ରତି ଧ୍ୟାନଦେବାର ଆବଶ୍ୟକତା ବେଶି ରହିଛି । ଏହା ଆତ୍ମବିଶ୍ୱାସ ବଢାଇବାରେ ସହାୟକ ହୋଇଥାଏ । ସେହିଭଳି ଅନେକ ସମୟରେ ଦେଖିବାକୁ ମିଳେ ମହିଳାମାନେ ନିଜର ଶୋଇବା ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଏପରିକି ଏଥିପାଇଁ କୌଣସି ଆରାମଦାୟକ ଜିନିଷ କିଣିବାପ୍ରତି ମଧ୍ୟ ମନ ବଳାନ୍ତି ନାହିଁ, ହେଲେ ଏହାର ପ୍ରଭାବ ସେମାନଙ୍କର ଦୈନନ୍ଦିନ ଜୀବନରେ ପଡିଥାଏ । ସେହିଭଳି ଦେଖିବାକୁମିଳେ ବିବାହ ପୂର୍ବରୁ ମହିଳାମାନେ ନିଜର ତ୍ୱଚାର ଯତ୍ନ ନେଇଥାଆନ୍ତି, ହେଲେ ବିବାହ ପରେ ନିଜ ପାଇଁ ସମୟ କାଢିବାକୁ କୁଣ୍ଠାବୋଧ କରନ୍ତି । ହେଲେ ଏଭଳି କରିବା ଉଚିତ ନୁହେଁ । ନିଜ ପାଇଁ ସମୟ କାଢିବା କୌଣସି ଅପରାଧ ନୁହେଁ । ନିଜକୁ ଭଲ ପାଇଲେ ହିଁ ଅନ୍ୟକୁ ଭଲପାଇ ପାରିବ । ତେଣୁ ନିଜ ପାଇଁ ସମୟ କାଢିବାକୁ କେବେ ବି କୁଣ୍ଠାବୋଧ କରନ୍ତୁ ନାହିଁ ।

### ହସକଥା

ଡାକ୍ତର: ଆପଣଙ୍କୁ ରୋଗରୁ ବଞ୍ଚିବାକୁ ହେଲେ ସମସ୍ତଙ୍କଠାରୁ ଦୂରତା ରଖିବାକୁ ପଡ଼ିବ ।

ରୋଗୀ: ସାର୍, ତାହା ତ ମୁଁ ସବୁବେଳେ କରେ ।

ଡାକ୍ତର: କେମିତି?

ରୋଗୀ: ମୁଁ ସମସ୍ତଙ୍କୁ ଟଙ୍କା ଧାର ମାଗିବା ଆରମ୍ଭ କରିଦିଏ, ଲୋକେ ଆପେ ଆପେ ମୋଠାରୁ ଦୂରେଇ ଯାଆନ୍ତି ।



## କ୍ୟାରିୟରକୁ ଦିଅନ୍ତୁ ଧ୍ୟାନ

ଜଣେ ମହିଳାଙ୍କୁ କେବଳ ଯେ ନିଜ ପରିବାରର ଯତ୍ନ ନେବାର ଅଛି ସେହିଭଳି ଭାବନାରୁ ବାହାରିବାକୁ ପଡିବ । ପରିବାରର ଧ୍ୟାନ ସହିତ ନିଜର ତଥା ନିଜ କ୍ୟାରିୟର ମଧ୍ୟ ଧ୍ୟାନ ରଖିବାକୁ ହେବ । ଯଦି ଆପଣ ବିବାହ ପୂର୍ବରୁ କୌଣସି କ୍ୟାରିୟରରେ ଅଛନ୍ତି , ଏବଂ ବିବାହ ପରେ ମଧ୍ୟ ଏହାକୁ ଚାଲୁ ରଖିବାକୁ ଚାହଁଛନ୍ତି । ତେବେ କାହା କଥାରେ ଏହାକୁ ଛାଡନ୍ତୁ ନାହିଁ । ପରିବାର ସହିତ କଥାହୋଇ ସେମାନଙ୍କୁ ବୁଝାଇ ଆପଣ ନିଜର କ୍ୟାରିୟରକୁ ସମୟ ଦେଇପାରିବେ । ବିବାହ ପରେ ଜଣେ ନାରୀର ଦୁନିଆ ସାଧାରଣତଃ ପରିବାର ଓ ପିଲାମାନଙ୍କ ଚାରିପାଖରେ ଘୁରି ବୁଲେ, କିନ୍ତୁ ଏହି ପ୍ରକ୍ରିୟାରେ ଅନେକ ସମୟରେ ସେ ନିଜର ପରିଚୟ ଓ ସ୍ୱପ୍ନକୁ ହଜାଇ ଦିଏ । କାମ କରିବା କେବଳ ଟଙ୍କା ରୋଜଗାରର ମାଧ୍ୟମ ନୁହେଁ, ବରଂ ଏହା ଆତ୍ମବିଶ୍ୱାସ, ସ୍ୱାଧୀନତା ଏବଂ ଦୁନିଆକୁ ବୁଝିବାର ଏକ ବାଟ, ଯାହା ପିଲାମାନଙ୍କର ଉତ୍ତମ ପାଳନପୋଷଣ ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ । ଯଦି ଆପଣ ପରିବାର ପାଇଁ ନିଜ କ୍ୟାରିୟର ଛାଡ଼ିଛନ୍ତି, ତେବେ ଏହାକୁ ପୁଣିଥରେ ଆରମ୍ଭ କରିବାପାଇଁ ମଧ୍ୟ ଭାବିପାରିବେ । ଯଦି ବିବାହର ପୂର୍ବ କ୍ୟାରିୟରକୁ ବଜାୟ ରଖିବା ସହଜ ନୁହେଁ , ତେବେ ଏହାର ବିକଳ୍ପରେ କିଛି କରିପାରିବେ । ଯେଉଁଥିରେ ଆପଣ ଉଭୟ ପରିବାର ଓ କ୍ୟାରିୟର ଭିତରେ ସନ୍ତୁଳନ ରଖିପାରିବେ । ଏଥିପାଇଁ ନିଜ ସାଙ୍ଗସାଥୀ ଓ ପରିବାର ସହିତ ଆଲୋଚନା କରି କ୍ୟାରିୟର ବାଛନ୍ତୁ, ଯେଉଁଥିରେ ଆପଣ ସହଜରେ ପୁଣି କମବ୍ୟାକ କରିପାରିବେ । ଏହା ଆପଣଙ୍କୁ ଏକ ସକାରାତ୍ମକତା ଜୀବନ ପ୍ରଦାନ କରିବାରେ ଖୁବ ସହାୟତା କରିବ ।







**ମେଷ-** ଶରୀର ଅସୁସ୍ଥ, ଅର୍ଥକଷ୍ଟ, ମୋକଦ୍ଦମାରେ ବିଜୟ, ଶତ୍ରୁ ସମସ୍ୟା, ମାନସିକ ଅଶାନ୍ତି, ଅନୁଷ୍ଠାନରୁ ଲାଭ, ବ୍ୟବସାୟିକ କଷ୍ଟ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ବୃଷ-** ମାନସିକ ଶାନ୍ତି, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ବନ୍ଧୁ ଦର୍ଶନ, ବିଶିଷ୍ଟ କାର୍ଯ୍ୟରେ ବିଳମ୍ବ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ମିଥୁନ-** ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ଶାରୀରିକ ସମସ୍ୟା, ଆଶା ପୂର୍ଣ୍ଣ, ଦ୍ରବ୍ୟପ୍ରାପ୍ତି, ପିଲାଙ୍କ ଚିନ୍ତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା- ମା ଭଗବତୀ ।

**କର୍କଟ-** ମାନସିକ ଖୁସି, ନୂତନ ବନ୍ଧୁପ୍ରାପ୍ତି, ଦେବକାର୍ଯ୍ୟରେ ଆଗ୍ରହ, ମାମଲା ସମାଧାନ, ସୁମିଷ୍ଟ ଭୋଜନ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲଡ଼େନ, ସଂଖ୍ୟା- ୯, ଆରାଧନା-ମା ବୃନ୍ଦାବତୀ ।

**ସିଂହ-** କଳହ, ଶୁଭଖବର, ବନ୍ଧୁଲାଭ, ଈଶ୍ୱରଭକ୍ତି, କାର୍ଯ୍ୟରେ ବିଳମ୍ବ, ଦୂରଯାତ୍ରା, ମାନସିକ ଅଶାନ୍ତି, ସମ୍ପର୍କ ହାନି, ସନ୍ତାନ ଚିନ୍ତା, ଗୃହେ ସମସ୍ୟା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୪, ଆରାଧନା-ଲକ୍ଷ୍ମୀନାରାୟଣ ।

**କନ୍ୟା-** ସମ୍ମାନଲାଭ, ମାନସିକ ଶାନ୍ତି, ଶୁଭଖବର, ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ମାମଲା ସମାଧାନ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ତୁଳା-** ମାନସିକ ଶାନ୍ତି, ଶୁଭକାର୍ଯ୍ୟ, ଗୃହେଉତ୍ସବ, ପାରିବାରିକ ସହଯୋଗ, ଶୁଭକାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଜମି ଗଣ୍ଡଗୋଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା-ପ୍ରଭୁ ସ୍କନ୍ଦ ।

**ବିଛା-** ଭୂସମ୍ପତ୍ତି ଲାଭ, ଅର୍ଥପ୍ରାପ୍ତି, ଅନୁଷ୍ଠାନରୁ ଲାଭ, ସମସ୍ୟା ସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ଶରୀର ସୁସ୍ଥ, ଗୃହେ ଉତ୍ସବ, ବିଦେଶ ଭ୍ରମଣ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ-** ବ୍ୟୟବୃଦ୍ଧି, ଶୁଭଖବର, ମାନସିକ ଅଶାନ୍ତି, ଶାରୀରିକ କଷ୍ଟ, ଅନୁଷ୍ଠାନରୁ ଲାଭ, ଦେବକାର୍ଯ୍ୟ, ସମ୍ପତ୍ତି କ୍ରୟ ବିକ୍ରୟ, ବ୍ୟବସାୟର ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଗୁରୁଜନଙ୍କ ସେବା ।

**ମକର-** କାର୍ଯ୍ୟରେ ସଫଳ, ମାମଲା ସମାଧାନ, ବନ୍ଧୁଲାଭ, ଉତ୍ସବପ୍ରତି ଆଗ୍ରହ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରାରେ ଲାଭ, ଗାଡ଼ିଚାଳନାରେ ସତର୍କ, ଆପୋଷ ବୁଝାମଣା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**କୁମ୍ଭ-** ସହଯୋଗ ବୃଦ୍ଧି, ଆର୍ଥିକ ଚିନ୍ତା, ମାନସିକ ଅଶାନ୍ତି, ଆଶା ସଫଳ, ଶରୀର ସୁସ୍ଥ, ସମ୍ପର୍କ ହାନି, ଯାତ୍ରାରେ କ୍ଷତି, ହତାଶଭାବ, ବାଣିଜ୍ୟରେ ଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୫, ଆରାଧନା-ମା ଦକ୍ଷିଣକାଳୀ ।

**ମୀନ-** ସାମାନ୍ୟ ଲାଭ, ବନ୍ଧୁ ବିଦ୍ୱେଶ, ଶତ୍ରୁ ସମସ୍ୟା, ନୂତନ ବ୍ୟବସାୟ, କଚେରୀ ମାମଲା, ମନସ୍ତାପ, ପାରିବାରିକ ଖୁସି, ସନ୍ତାନଲାଭ, ଦେବକାର୍ଯ୍ୟ ପ୍ରତି ଆଶକ୍ତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ଗଣେଶ ଭଗବାନ ।

**ଚୈତ୍ର କୃଷ୍ଣପକ୍ଷ, ପଞ୍ଚମୀ**
**୮.୩.୨୦୨୬ ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮ ୯୧୭୨୮ ୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୨
ତିଥି : ଚତୁର୍ଥୀ
୦୮ ମାର୍ଚ୍ଚ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 152
08 March 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଟ୍ରମ୍ପଙ୍କ ଆତ୍ମସମର୍ପଣ ପ୍ରସ୍ତାବକୁ ଇରାନର ପ୍ରତ୍ୟାଖ୍ୟାନ

## ଏଭଳି ଆଶା କେବଳ ସ୍ୱପ୍ନ, ଯାହା ପୂରଣ ହେବନି : ଇରାନ

ନୂଆଦିଲ୍ଲୀ, ୭ ।୩ : ଇରାନକୁ ଆତ୍ମସମର୍ପଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁ ଆହ୍ୱାନ ଦେଇଥିଲେ । ଇରାନ ପକ୍ଷରୁ କଡା ଜବାବ ଦିଆଯାଇଛି । ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ, ଏପରି ଆଶା କେବଳ ସ୍ୱପ୍ନ ଯାହା କେବେ ପୂରଣ ହେବନି । ଇରାନ କୌଣସି ଚାପ ଆଗରେ ମୁଣ୍ଡ ନୂଆଁଇବ ନାହିଁ ବୋଲି ତୁମର ଇଚ୍ଛାକୁ କବର ଦେଇଦିଅ ବୋଲି ସେ କହିଛନ୍ତି । ଅପରପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଟାକ୍ଷ କରି ମଧ୍ୟପ୍ରାଚ୍ୟରେ ପରାଜିତ ବୋଲି କହିଛନ୍ତି ।



ତେବେ ଇରାନ ପଡୋଶୀ କଲ୍ଫ ରାଷ୍ଟ୍ରଗୁଡିକରେ ଆକ୍ରମଣ ଲାଗି ଯେଉଁ କ୍ଷୟକ୍ଷତି ହୋଇଛି ସେଥିପାଇଁ ଦୁଃଖପ୍ରକାଶ କରିଛି । ସେ କହିଛନ୍ତି ଯେ, ଉପସାଗର ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣ ଏକ ଭୁଲ ବୁଝାବଣା ଯୋଗୁଁ ହୋଇଛି । ଇରାନ ଉପରେ ଏହି ଦେଶଗୁଡିକ କୌଣସି ଆକ୍ରମଣ କରାଯାଇନାହିଁ । ଏହାକୁ ରୋକିବା ପାଇଁ ଚେଷ୍ଟା କରାଯିବ । ଇରାନ ରାଷ୍ଟ୍ରପତି

■ ପଡ଼ୋଶୀ ରାଷ୍ଟ୍ର ଉପରେ ଆକ୍ରମଣ ଲାଗି ଇରାନର ଦୁଃଖ ପ୍ରକାଶ

■ ଇରାନକୁ ମଧ୍ୟପ୍ରାଚ୍ୟର ପରାଜିତ କହି କଟାକ୍ଷ କଲେ ଟ୍ରମ୍ପ

କହିଛନ୍ତି ଇରାନର ମଧ୍ୟବର୍ତ୍ତୀକାଳୀନ ନେତୃତ୍ୱ ପରିଷଦ ଗତକାଲି ଏହି ନିଷ୍ପତ୍ତି ଅନୁମୋଦନ କରିଛି । ଇତି ମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଇରାନ ରାଷ୍ଟ୍ରପତିଙ୍କ ସହ ଫୋନଯୋଗେ କଥା ହୋଇଛନ୍ତି । କଥାବାର୍ତ୍ତା ସମୟରେ ଏହି ଅଞ୍ଚଳରେ ଚାଲିଥିବା ସଂଘର୍ଷକୁ ବନ୍ଦ କରିବା ଓ ଶାନ୍ତି ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଇରାନ ସହିତ ଜଡିତ ବିବାଦ ଗୁଡିକ ବଳ ପ୍ରୟୋଗ ନୁହେଁ ରାଜନୈତିକ ଓ କୂଟନୈତିକ ଉପରେ ସମାଧାନ କରାଯିବା ଉଚିତ । ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜନୈତିକ ଓ କୂଟନୈତିକ ଉପରେ ସମାଧାନ କରାଯିବା (୯ ପୃଷ୍ଠାରେ)

## ମମତାଙ୍କ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କ୍ଷୁବ୍ଧ

### ଅନ୍ତର୍ଜାତୀୟ ସାନ୍ତାଳି ସମାବେଶ ଲାଗି ଦେଲେନି ବଡ଼ ସ୍ଥାନ

ନୂଆଦିଲ୍ଲୀ, ୭ ।୩ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ପ୍ରୋଟୋକଲରେ ଖିଲାପ ଯୋଗୁଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଟିଏମସି ସରକାର ସେଠାରେ ହେବାକୁ ଥିବା ଆଦିବାସୀଙ୍କର ଏକ ସମାବେଶ ଲାଗି ଛୋଟ ସ୍ଥାନ ପ୍ରଦାନ କରିଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ, ତାଙ୍କ ଭଉଣୀ ମମତା ସହ ତାଙ୍କର କୌଣସି ବିବାଦ ନାହିଁ ।

ପଶ୍ଚିମବଙ୍ଗ ସରକାର ଉତ୍ତର ପଶ୍ଚିମବଙ୍ଗରେ ଅନ୍ତର୍ଜାତୀୟ ଆଦିବାସୀ ସମ୍ମିଳନୀ ଲାଗି ଅନୁମତି ଦେବାକୁ ମନା କରିଥିଲେ । ଏକ ବଡ ସ୍ଥାନ ପରିବର୍ତ୍ତେ ଯେଉଁ ସ୍ଥାନ ଦିଆଯାଇଥିବା ତାହା ବହୁତ ଛୋଟ ଥିଲା । ଫଳରେ ବହୁ ସାନ୍ତାଳ ଲୋକ ଏଥିରେ ଯୋଗ ଦେଇନଥିଲେ । ପରେ ରାଷ୍ଟ୍ରପତି ବିଧାନନଗର ବିଶାଳ ଭୂମିକୁ ଦେଖି କହିଥିଲେ ଯେ କାର୍ଯ୍ୟକ୍ରମ ଏଠାରେ ହୋଇଥିଲେ



ଭଲ ହୋଇଥାନ୍ତା । ଲକ୍ଷ ଲକ୍ଷ ଲୋକ ଏଥିରେ ସାମିଲ ହୋଇପାରିଥାନ୍ତେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଥିଲେ । ସିଲିଗୁଡିକରୁ ଗସ୍ତ ସମୟରେ ରାଷ୍ଟ୍ରପତି କହିଥିଲେ ଯେ ପ୍ରୋଟୋକଲ ଓ ପ୍ରସ୍ତୁତିରେ ଖିଲାପ କରାଯାଇଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କିମ୍ବା ତାଙ୍କର କୌଣସି ମନ୍ତ୍ରୀ ଏହି ଗସ୍ତ ସମୟରେ ତାଙ୍କୁ ସ୍ୱାଗତ କରିବା ପାଇଁ ଆସିନଥିଲେ । ନବମ ଅନ୍ତର୍ଜାତୀୟ ସାନ୍ଥାଳୀ କନକ୍ଲେଭ୍ ବିଧାନନଗରରେ ହେବାକୁ ଥିଲା । କିନ୍ତୁ ପଶ୍ଚିମବଙ୍ଗ ସରକାର ଏହି ସ୍ଥାନକୁ ପରିବର୍ତ୍ତନ କରିଥିଲେ । ସ୍ଥାନ କମ୍ ଥିବାରୁ ଅଳ୍ପ ସଂଖ୍ୟକ ଆଦିବାସୀ ସେଠାରେ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କ ସହ କଥା ହେବାର ଥିଲା । ସାମାଜିକ ସଦ୍‌ଭାବ ଏହି ଅଞ୍ଚଳରେ ବଜାୟ ରଖିବା ଲକ୍ଷ୍ୟ (୯ ପୃଷ୍ଠାରେ)

### ୟୁପିଏସ୍‌ସି ପରୀକ୍ଷାରେ ୧୦୦ତମ ର୍ୟାଙ୍କ

## ସାତ୍ତ୍ୱିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୭ ।୩ (ସବ୍ୟୁ) : ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ଅଲ୍ ଇଣ୍ଡିଆ ର୍ୟାଙ୍କ ୧୦୦ ହାସଲ କରିଥିବା କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତା ନିଜ ପିତାମାତାଙ୍କ ସହ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ, ଏଭଳି ସଫଳତା ରାଜ୍ୟ, ବିଶେଷ କରି କେନ୍ଦୁଝର ଜିଲ୍ଲାର ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହେବ । ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳ ଲକ୍ଷ୍ୟ । ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ପରାମର୍ଶ ଦେଇଥିଲେ ।

## ଆଜି ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୭ ।୩ (ସବ୍ୟୁ) : ବିଶ୍ୱ ମହିଳା ଦିବସ ଅବସରରେ ରାଜ୍ୟର ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀଙ୍କ ଆକାଉଣ୍ଟକୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ୫ ହଜାର କୋଟିରୁ ଅଧିକ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ ।

ପୁରୀର ତାଳବଣିଆ ଠାରେ ଆୟୋଜନ ହେବାକୁ ଥିବା ଏକ ବିଶାଳ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଟଙ୍କା ପ୍ରଦାନ କରାଯିବ । ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୬ ଜଣ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇଛି । ୨ ଲକ୍ଷ ୧୩ ହଜାର ୧୯୮ ଜଣ ନୂଆ ହିତାଧିକାରୀ ଟଙ୍କା ପାଇବେ । ଗ୍ରିଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗରୁ ୩୬ ହଜାର ୩୮୫ ଜଣଙ୍କୁ ସୁଭଦ୍ରା ଟଙ୍କା ମିଳିବ । ଏପ୍ରିଲ ମାସରେ ଯାହାକୁ ୨୧ ହେବ ସେମାନେ ଆବେଦନ କରିପାରିବେ । ଯେଉଁମାନେ ୨୧ ବର୍ଷ ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ।

## ଇରାନ-ଇସ୍ରାଏଲ ଲଢ଼େଇ ଜୋର୍‌ଦାର

ନୂଆଦିଲ୍ଲୀ, ୭ ।୩ : ଆମେରିକା - ଇସ୍ରାଏଲର ଇରାନ ଉପରେ ଆକ୍ରମଣର ପ୍ରଭାବ ଏବେ ପେଟ୍ରୋଲିୟମ ଜାତ ସାମଗ୍ରୀ ଉପରେ ପଡିଛି । ଏଲ୍‌ପିଜି ସିଲିଣ୍ଡର ୬୦ ଟଙ୍କା ବଢିଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୧୧୫ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ଆଗାକୁ ପେଟ୍ରୋଲ ଦର ବୃଦ୍ଧି ପାଇବାର ସମ୍ଭାବନା ଦେଖାଯାଉଛି । ତେବେ ଯୁଦ୍ଧ ଥମିବାର ନାଁ ଧରୁନାହିଁ । ଦୁବାଇରେ ଆଜି ଇରାନ ପକ୍ଷରୁ ବାଲାଷ୍ଟିକ ମିସାଇଲ ମାଡି କରାଯାଇଛି । ଦୁବାଇରେ ଥିବା ଆମେରିକୀୟ ଘାଟିଗୁଡିକୁ ଇରାନ ସେନା



ପକ୍ଷରୁ ୧୫ ବାଲାଷ୍ଟିକ୍ ମିସିଇଲ୍ ସହ ୧୧୯ ଡ୍ରୋନରେ ଆକ୍ରମଣ କରାଯାଉଛି । ଆବୁଧାବିରେ ମଧ୍ୟ ମିସାଇଲ ମାଡ

### ୟୁଏଇରେ ଇରାନର ଡ୍ରୋନ୍, ମିଶାଇଲ ଆକ୍ରମଣ

### ଯୁଦ୍ଧ ପରିସ୍ଥିତି ଯୋଗୁ ୬୦ ଟଙ୍କା ବଢ଼ିଲା ଏଲ୍‌ପିଜି

ହୋଇଛି । ତେବେ ମଧ୍ୟପ୍ରାଚ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଛି ।

ମଧ୍ୟପ୍ରାଚ୍ୟରେ ବିମାନ (୯ ପୃଷ୍ଠାରେ)

## ତେଲ କିଣିବାକୁ ଆମର କାହା ଅନୁମତିର ଆବଶ୍ୟକ ନାହିଁ : ଭାରତ

ନୂଆଦିଲ୍ଲୀ, ୭ ।୩ : ଭାରତ ଯେଉଁଠି ପ୍ରତିଯୋଗିତା ମୂଳକ ମୂଲ୍ୟରେ ଅଶୋଧିତ ତୈଳ ମିଳିବ ତାହା କିଣିବ । ଏଥିଲାଗି କୌଣସି ଅନୁମତି ଉପରେ କଦାପି ନିର୍ଭର କରାଯିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ରୁଷରୁ ତେଲ କିଣିବାକୁ ଆମେରିକା ୩୦ ଦିନ ଲାଗି ଭାରତକୁ ଦେଇଥିବା ଅନୁମତି ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପ୍ରତିକ୍ରିୟା ଦିଆଯାଇଛି । ଆମେରିକା ଭାରତକୁ ତେଲ କିଣିବାକୁ ଅନୁମତି ଦେଉଛି ପ୍ରସଙ୍ଗରେ ବିରୋଧୀ ଦଳଗୁଡିକ ସରକାରଙ୍କ ଉପରେ ବର୍ଷିଥିଲେ । ଏହାପରେ କେନ୍ଦ୍ର ପକ୍ଷରୁ ଏହା କୁହାଯାଇଛି ।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଯୁଦ୍ଧ ଯୋଗୁଁ ଶକ୍ତି ଯୋଗାଣ କ୍ଷେତ୍ରରେ ଯେଉଁ ସମସ୍ୟା ସୃଷ୍ଟି ହେଉଛି, ଏହାର ପ୍ରଭାବ ଭାରତ ଉପରେ ପଡିବ ନାହିଁ । ହରମଜ ପ୍ରଣାଳୀକୁ ଇରାନ ବନ୍ଦ କରିବା ପରେ ତୈଳ ଯୋଗାଣରେ ବାଧା ସୃଷ୍ଟି ହୋଇଥିଲା । ଭାରତ ୨୭ ରୁ ୪୦ ଦେଶରୁ ଅଶୋଧିତ ତୈଳ ଏହି ପ୍ରଣାଳୀ ଦେଇ ଆମଦାନୀ କରିଥାଏ । ତେବେ ଏହାର ବିକଳ୍ପ ଯୋଗାଣ ରାସ୍ତା ଏବେ ଖୋଜାଯାଉଛି । ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତ ଯେଉଁଠି ଶସ୍ତାରେ ଅଶୋଧିତ ତୈଳ ମିଳିବ ତାହାକୁ କିଣିବ । ରୁଷଠାରୁ ତେଲ ଆମଦାନୀ ଜାରି ରହିବ । ଆମେରିକା (୯ ପୃଷ୍ଠାରେ)

## ଆତ୍ମସମର୍ପଣ କଲେ ୧୩୦ ମାଓବାଦୀ

ମାଲକାନଗିରି, ୭ ।୩ (ସବ୍ୟୁ): କେନ୍ଦ୍ର ଗୃହ ମନ୍ତ୍ରନାଳୟ ମାଓବାଦୀଙ୍କ ପାଇଁ ଆତ୍ମସମର୍ପଣ କରିବାର ଶେଷ ସୁଯୋଗ ମାର୍ଚ୍ଚ ୩୧ ତାରିଖ ଧାର୍ଯ୍ୟ କରିଛି । ଆଉ ହାତଗଣତି କିଛି ଦିନ ରହିଗଲା । ମାଓବାଦୀ ଯଦି ଜଂଗଲରୁ ବାହାରି ପୁଲିସ ନିକଟରେ ଆତ୍ମସମର୍ପଣ ନକରନ୍ତି, ତେବେ ସ୍ଥିତି ଭୟଙ୍କର ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପୂର୍ବରୁ ଚେତାବନୀ ଦେଇ ସାରିଛନ୍ତି । ସରକାରଙ୍କ ଟାର୍ଗେଟ ଯେତେ ପାଖେଇ ଆସୁଛି, ମାଓବାଦୀ ସେତେ ଜଂଗଲରୁ ବାହାରି ସଂଗଠନକୁ ତ୍ୟାଗ କରି ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି । ଏହି କ୍ରମରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ସମ୍ମୁଖରେ ୧୩୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ହାଇଦ୍ରାବାଦରେ (୯ ପୃଷ୍ଠାରେ)

## ପାଣିରେ ବୁଡ଼ି ୫ ମୃତ

କୋରାପୁଟ/ବାରିପଦା, ୭ ।୩(ସବ୍ୟୁ): ପୃଥକ ପୃଥକ ସ୍ଥାନରେପାଣିରେ ବୁଡ଼ି ଯାଇ ଶନିବାର ଦିନ ୫ ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଛି। କୋରାପୁଟ ଜିଲ୍ଲାର କୋଲାବ ଜଳଭଣ୍ଡାର ଓ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବଡ଼ଖଲାଡି ନଚ୍ଛିପୁର ଗ୍ରାମରେ ଏଭଳି ହୃଦୟ ବିଦାରକ ଘଟିଛି ।କୋଲାବ ଜଳଭଣ୍ଡାରେ ବୁଡି ଯାଇଥିବା ୩ ମୃତକ ଛାତ୍ର ହେଲେ ଲିଙ୍ଗରାଜ ଖିଲୋ, ଓମ ପ୍ରକାଶ ବେହେରା ଓ ସ୍ୱସ୍ଥିତ ସୁନ୍ଦର ହାଲୱା । ସେହିପରି ନଚ୍ଛିପୁର ଗ୍ରାମରେ ପୋଖରିରେ ବୁଡ଼ି ପ୍ରାଣ ହରାଇଥିବା ୨ଜଣ ହେଲେ ଦାଣ୍ଡଘାଟ ଦେହୁରୀ ସାହି ବିଦ୍ୟାଳୟରେ ପାଠ ପଢୁଥିବା କୋମଳମତି ଛାତ୍ରୀ ଶୁଭସନ୍ଧ୍ୟା ନାୟକ (୭)ଓ ରାଜଲକ୍ଷ୍ମୀ ଶଙ୍ଖୁଆଳ(୮) ମିଳିଥିବା ସୂଚନା ଅନୁଯାୟୀ ଆଜି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) (୯ ପୃଷ୍ଠାରେ)




### ଅପରେସନ୍ ସାଇବର କବଚ

## ୩୨୮ ଗିରଫ, ୬୫୩୨ ଜଣଙ୍କୁ ନୋଟିସ୍

ଭୁବନେଶ୍ୱର, ୭ ।୩ (ସବ୍ୟୁ) : ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନ ସାଇବର କବଚ ସମଗ୍ର ରାଜ୍ୟରେ ଜାରି ରହିଥିବା ବେଳେ ୩୧, ୪୯୮ ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇ ୩୨୮ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୬୫୩୨ ଜଣଙ୍କୁ ନୋଟିସ ହୋଇଛି ।

ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶରେ ଜିଲ୍ଲା ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍‌ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସଂପୃକ୍ତ ସହାୟକ ମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏପର୍ଯ୍ୟନ୍ତ "ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୧, ୪୯୮ ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୧୦୯୦ ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଉଠାଣ ସମ୍ପର୍କରେ ୩୪ ଟି, ଚେକ୍ ଉଠାଣ ସମ୍ପର୍କିତ ୩୫ ଟି ଏବଂ ୨୩ ନକଲି ସିମ୍ ଯାଞ୍ଚ ସମ୍ପର୍କିତ ମାମଲା ରୁଜୁ କରାଯାଇଛି । ଏହା ସହ ୩୨୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ନୂଆ ଓ ପୁରୁଣା ୧୮୩ ଟି ଏଫଆଇଆର୍ ସହ ସଂପୃକ୍ତ ୬୫୩୨ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି ।

ଏହି ବିଶେଷ ଅଭିଯାନରେ ପୁରୀ ଜିଲ୍ଲା ପୋଲିସ ଗୋଟିଏ ବେନାମୀ ଆକଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେହିପରି ରାଉରକେଲା ପୋଲିସ ୨୨ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ବେନାମୀ ଅକାଉଣ୍ଟ ସମ୍ପର୍କିତ ୩ ଟି ଏବଂ ଚେକ୍ ଟଙ୍କା ଉଠାଣକୁ ନେଇ ଗୋଟିଏ ମାମଲା ରୁଜୁ କରି ୩ ଜଣଙ୍କୁ ନୋଟିସ୍ ଜାରି କରିଛି । ଭୁବନେଶ୍ୱର ସହରାଞ୍ଚଳ ପୋଲିସ ୧୨ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ମାମଲା ରୁଜୁ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ କରି ୪ ଜଣଙ୍କୁ ନୋଟିସ ଜାରି କରିଛି । କଟକ ସହରାଞ୍ଚଳ ପୋଲିସ ଟଙ୍କା ଉଠାଣ ସମ୍ପୃକ୍ତ ଗୋଟିଏ ମାମଲା ରୁଜୁ କରିଛି ।

ନୟାଗଡ ପୋଲିସ ୮୨ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୦ ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି । ବଲାଙ୍ଗିର ଜିଲ୍ଲା ପୋଲିସ ୬ ଟି, ସୁବର୍ଣ୍ଣପୁର ପୋଲିସ ୮୦ ଟି, ବାଲେଶ୍ୱର ଜିଲ୍ଲା ପୋଲିସ ୩୩ ଟି ଏବଂ ଭଦ୍ରକ ପୋଲିସ ୨୬ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି । ସେହିପରି ମୟୂରଭଞ୍ଜ ପୋଲିସ ୨୦ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୮ ଜଣଙ୍କୁ ନୋଟିସ୍ କରିଛି । ବ୍ରହ୍ମପୁର ପୋଲିସ ୮୦ ବେନାମୀ ଆକାଉଣ୍ଟ ଯାଞ୍ଚ କରି ଦୁଇଟି ପୁରୁଣା ଏଫଆଇଆର୍ ରେ ସମ୍ପୃକ୍ତ ୮୦ ଜଣଙ୍କୁ ନୋଟିସ୍ କରିଛି । ବୌଦ୍ଧ ପୋଲିସ ୭ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ ଜଣଙ୍କୁ ନୋଟିସ କରିଛି । ଗଞ୍ଜାମ (୯ ପୃଷ୍ଠାରେ)

### ନାବାଳିକା ସହ ଅପରାଧ ସଂକ୍ରାନ୍ତୀୟ ଘଟଣା ପଞ୍ଚାୟତ ସମାଧନ ବହିର୍ଭୁତ: ହାଇକୋର୍ଟ

# ଜିଲ୍ଲାପାଳ ଓ ଏସ୍‌ପି ମାନେ ସଚେତନ ପାଇଁ ନିଅନ୍ତୁ ପଦକ୍ଷେପ

କଟକ,(ସବ୍ୟୁ): ପୋକ୍‌ସୋ (ପ୍ରୋଟେକ୍ସନ ଅଫ ଚିଲେଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍ସ) ମାମଲା ବା ଜଣେ ନାବାଳିକା ସହ ଘଟିଥିବା କୌଣସି ଅପରାଧିକ ମାମଲାର ସମାଧାନ ପଞ୍ଚାୟତ ସ୍ତରରେ କରାଯାଇ ପାରିବ ନାହିଁ । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏଭଳି ଘଟଣାକୁ ପଞ୍ଚାୟତର ସରପଞ୍ଚ ହୁଅନ୍ତୁ ବା କିଛି ବରିଷ୍ଠ ବ୍ୟକ୍ତି ହାତକୁ ନେବା ଉଚିତ୍ ନୁହେଁ । ପଞ୍ଚାୟତ କୌଣସି ପ୍ରକାର ଆଇନ ଅଦାଲତ ନୁହେଁ । ଏଭଳି ଘଟଣା ଆଇନର ଉଲଂଘନ ଧରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ମତ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍‌ପି ମାନଙ୍କୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଧିକାରୀମାନେ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଏବଂ ଅନ୍ୟ ବରିଷ୍ଠ ବ୍ୟକ୍ତିମାନଙ୍କୁ ଏହି ଆଇନ ସମ୍ପର୍କରେ ସଚେତନ କରିବା ଲାଗି ପଦକ୍ଷେପ ନେବେ। ଯଦି କେହି ବି ଭବିଷ୍ୟତରେ ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ପଞ୍ଚାୟତ ମଧ୍ୟରେ ସୀମିତ ରଖିବାକୁ ଚେଷ୍ଟା କରନ୍ତି ବା ସମାଧାନ କରିବାକୁ ଉଦ୍ୟମ କରନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ପୋକ୍‌ସୋ ମାମଲାରେ ନିମ୍ନ ଅଦାଲତ ଦ୍ୱାରା ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ ଆସାମୀ ସନତ କୁମାର ପ୍ରଧାନର ଅପିଲ୍‌କୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ପୀଡ଼ିତାଙ୍କ ଘରକୁ ନିୟମିତ ଭାବେ ଆସାମୀ ସନତ ଆସିଥାଏ । ପୀଡ଼ିତାଙ୍କ ପିତାମାତାଙ୍କ ଅନୁପସ୍ଥିତିରେ ଆସାମୀ ସନତ ତାଙ୍କୁ ବଳାତ୍କାର କରିଥିଲା । ଏହି ଘଟଣା ସମ୍ପର୍କରେ କାହାରି ଆଗରେ କହିଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା । ୨୦୧୬ ମସିହାରେ ଏହି ଘଟଣା ଘଟିଲାବେଳେ ପୀଡ଼ିତାଙ୍କୁ ପ୍ରାୟ ୧୭ ବର୍ଷ ହୋଇଥିଲା। ପରେ ଏହି ଘଟଣା ସଂକ୍ରାନ୍ତରେ ପୀଡ଼ିତା ତା'ର ପରିବାର ଲୋକଙ୍କୁ କହିଥିଲା । ପୀଡ଼ିତାଙ୍କ ବାପା ଏହି ଘଟଣା ସଂକ୍ରାନ୍ତରେ ଗ୍ରାମରେ ଜଣାଇଥିଲେ। ଗ୍ରାମସଭା ଡକାଯାଇ ପୀଡ଼ିତା ସାବାଳିକା ହେବାପରେ ଆସାମୀ ସନତକୁ ବିବାହ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ନିଷ୍ପତ୍ତିରେ ସନତ ମଧ୍ୟ ସହମତି ପ୍ରକାଶ କରିଥିଲା। ୨୦୨୧ ମସିହାରେ ସନତ ପୀଡ଼ିତାଙ୍କୁ ବିବାହ କରିଥିଲା। ବିବାହର ମାତ୍ର ୧୦/୧୫ଦିନ ପରେ ଆସାମୀ ସନତ ଆଉ ଘରକୁ ଆସିନଥିଲା ଏବଂ ପୀଡ଼ିତାଙ୍କ ସହ କୌଣସି ପ୍ରକାର ଯୋଗାଯୋଗରେ ରହିନଥିଲା। ପରେ ସନତର ପରିବାର ଲୋକେ ପୀଡ଼ିତାଙ୍କୁ ନିର୍ଯାତନା ଦେବାସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ପୀଡ଼ିତା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ । ଏହି ଏତଲା ଆଧାରରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ପୋକ୍ସୋ ଆଇନରେ ମାମଲା ରୁଜୁ କରିଥିଲା। ମାମଲାର ଶୁଣାଣି କନ୍ଧମାଳ ଜିଲ୍ଲା ଫାଷ୍ଟ ଟ୍ରାକ ଅଦାଲତରେ ହୋଇଥିଲା। ଅଦାଲତ ପୋକ୍ସୋ ଆଇନରେ ଆସାମୀ ସନତକୁ ୨୦ବର୍ଷ ଜେଲ୍ ଏବଂ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଆସାମୀ ସନତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ପରିପ୍ରେକ୍ଷୀରେ ନାବାଳିକା ପୀଡ଼ିତାଙ୍କ ବଳାତ୍କାର ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ପଞ୍ଚାୟତ ସ୍ତରରେ ସମାଧାନ ପାଇଁ ନିଆଯାଇଥିବା ନିଷ୍ପତ୍ତି କୁ ଭୀଷଣ ସମାଲୋଚନା କରିଛନ୍ତି।

# ମହିଳା ସଶକ୍ତିକରଣର ସୁନାମି ଆସିଛି : ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ) : ଆନ୍ତର୍ଜାତୀୟ ମହିଳା ଦିବସ ପୂର୍ବ ସନ୍ଧ୍ୟାରେ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଦକ୍ଷ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପତ୍ନୀ ତଥା ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ କମ୍ଭମପାଟି ଜୟଶ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଡଃ ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ସୱାଲ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ, ସମେତ ରାଜ୍ୟର ଅନେକ ବିଶିଷ୍ଟ ଅତିଥି ଏବଂ ସଫଳ ମହିଳାମାନେ ଯୋଗ ଦେଇଥିଲେ।

ଅତିଥିମାନଙ୍କ ଆଗମନ ପରେ ବୃକ୍ଷରେ ଜଳଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା, ଯାହା ଅଭିବୃଦ୍ଧି, ଆଶା ଏବଂ ନାରୀଶକ୍ତିର ପ୍ରତୀକ ଅଟେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ତାଙ୍କର ଅଦ୍ୱିତୀୟ ନେତୃତ୍ୱ ଏବଂ ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଜ ଅଭିଭାଷଣରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ଏତେ ସଂଖ୍ୟକ ସଫଳ ମହିଳାଙ୍କ ଉପସ୍ଥିତି ଏକ ବଳିଷ୍ଠ ପ୍ରମାଣ ଯେ, ଆଜିର ଓଡ଼ିଶାରେ ମହିଳାମାନେ ରାଜ୍ୟର ବିକାଶରେ କେବଳ ସହଭାଗୀ ନୁହନ୍ତି, ବରଂ ପରିବର୍ତ୍ତନର ନେତୃତ୍ୱ ନେଇ ରାଜ୍ୟର ବିକାଶ ଧାରାକୁ ଏକ ନୂତନ ରୂପ ଦେଉଛନ୍ତି। ପରିଶେଷରେ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ସୁସ୍ମିତା ଦାଶ ଏବଂ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଡଃ ଆଦ୍ୟାଶା ଦାସଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉତ୍ସବକୁ ଅଧିକ ମନୋଜ୍ଞ କରିଥିଲା।

### ଶୁଭଶ୍ରୀ ମହାରଣା ପାଇବେ ଅନସୂୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର

# ମିଳିବ ୨୧ ହଜାର ଟଙ୍କା ସହ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର

ଭୁବନେଶ୍ୱର (ସବ୍ୟୁ): ଯୁବ ଗାଳ୍ପିକା ଶୁଭଶ୍ରୀ ମହାରଣାଙ୍କୁ ମିଳିବ "ଅନସୂୟା ମହାପାତ୍ର ସ୍ମୃତି ପୁରସ୍କାର । ସେ ତାଙ୍କର ଗଳ୍ପ ସଂକଳନ 'ଗ୍ରେ ' ପାଇଁ ଏହି ପୁରସ୍କାର ପାଇବେ ବୋଲି ତିନିଜଣିଆ ବିଚାରକମଣ୍ଡଳୀ ନିଷ୍ପତ୍ତି ନେଇଛନ୍ତି । ଚଳିତ ମାସ ୧୩ ତାରିଖ ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୁଶ୍ରୀ ମହାରଣାଙ୍କୁ ପୁରସ୍କାର ବାବଦରେ ୨୧ ହଜାର ଟଙ୍କା ସହିତ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ଅଶୋକ ମହାପାତ୍ର ତାଙ୍କ ସ୍ୱର୍ଗତା ମାତା ଅନସୂୟା ମହାପାତ୍ରଙ୍କ ସ୍ମୃତିରେ ଏହି ପୁରସ୍କାର ସଂସ୍ଥାପନ କରିଥିବାବେଳେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ସମୁଦାୟ ବ୍ୟବସ୍ଥା ପରିଚାଳନା କରୁଛି। ସର୍ବୋଚ୍ଚ ୩୦ ବର୍ଷ ବୟସର ଯୁବ ପ୍ରତିଭାଙ୍କୁ ପୁରସ୍କାର ଦିଆଯାଉଛି ବୋଲି ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରକାଶ କରିଛନ୍ତି।

# ନ୍ୟାୟ ସଂହିତା ପ୍ରଦର୍ଶନୀ : ଅପରାଧ ସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ

ଭୁବନେଶ୍ୱର, (ସବ୍ୟୁ) : ଇଡକୋ ପ୍ରଦର୍ଶନୀ ପଡିଆରେ ଓଡିଶା ପୋଲିସ ପକ୍ଷରୁ ଆୟୋଜିତ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ସମାଜର ବିଭିନ୍ନ ବର୍ଗର ଲୋକମାନେ ଆସି ଭାରତର ନୂତନ ଅପରାଧ ଆଇନ ସମ୍ବନ୍ଧରେ ଜାଣିବା ସହ ସଚେତନତା ଲାଭ କରିଛନ୍ତି । ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଟୋ ଚାଳକ,ମହାସଂଘର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି । ପ୍ରଦର୍ଶନୀରେ ରହିଥିବା ବିଭିନ୍ନ ଡିଜିଟାଲ ପ୍ରଦର୍ଶନ, ସୂଚନାମୂଳକ ପ୍ୟାନେଲ ଓ ବ୍ୟାଖ୍ୟା ମୂଳକ ପ୍ରଦର୍ଶନ ମାଧ୍ୟମରେ ସେମାନେ ନୂତନ ଭାରତୀୟ ଅପରାଧ ଆଇନ, ଭାରତର ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ ଅଧିନିୟମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଛନ୍ତି ।

ପ୍ରଦର୍ଶନୀରେ ଅପରାଧ ସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶନ କରାଯାଇଛି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ ଟି ଷ୍ଟଲରେ ଅପରାଧ ସ୍ଥଳ, ୧୧୨ ଜରୁକାଳୀନ ସହାୟତା, ଥାନାର କାର୍ଯ୍ୟପ୍ରଣାଳୀ, ହସ୍ପିଟାଲର ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରଶିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇଛନ୍ତି । ଏହାସହ ନୂତନ ଆଇନ କାର୍ଯ୍ୟକାରୀ ପାଇଁ ସ୍ୱତନ୍ତ୍ର ଯୋଜନା, ପୋଲିସ ଆଧୁନିକୀକରଣ ଓ ସଶକ୍ତିକରଣ, ମହିଳା ବିରୋଧୀ ଅପରାଧ ଉପରେ ରୋକ ଲଗାଇବା, ମାଓ ଦମରେ ଏସଓଜିର ଭୂମିକା ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡିଆରଏଏଫର ଅବଦାନ ଆଦି ସମ୍ପର୍କରେ ମଧ୍ୟ ପ୍ରଦର୍ଶିତ କରାଯାଇଛି । ଦେଶର ଅପରାଧ ଆଇନଗୁଡିକ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହିତ ଡିଜିଟାଲ ଓ ନ୍ୟାୟ କୈନ୍ଦ୍ରିକ ଅପରାଧ ନ୍ୟାୟ ବ୍ୟବସ୍ଥା ବିଷୟରେ ଜନସାଧାରଣ ଅବଗତ କରାଇବା ହେଉଛି ଏହି ପ୍ରଦର୍ଶନୀରେ ପ୍ରମୁଖ ଉଦ୍ଦେଶ୍ୟ । ପ୍ରଦର୍ଶନୀକୁ ଆସୁଥିବା ପରିଦର୍ଶକମାନେ ନୂତନ ଆଇନର ବିଭିନ୍ନ ମୂଳ ବିଶେଷତା ବିଷୟରେ ଜାଣିବା ସହିତ ପୋଲିସର ଆଧୁନିକ ପ୍ରଯୁକ୍ତି ଆଧାରିତ ତଦନ୍ତ ପ୍ରଣାଳୀ ଓ କାର୍ଯ୍ୟ ପଦ୍ଧତି ସମ୍ପର୍କରେ ମଧ୍ୟ ଅବଗତ ହେଉଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ଏହି ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଗାମୀ ଦିନ ଗୁଡିକରେ ମଧ୍ୟ ଅଧିକ ସଂଖ୍ୟକ ଲୋକ ପ୍ରଦର୍ଶନୀକୁ ଆସି ନୂତନ ଆଇନ ବିଷୟରେ ଜାଣିବା ପାଇଁ ଓଡିଶା ପୋଲିସ ପକ୍ଷରୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି । ନ୍ୟାୟ ସଂହିତା ପ୍ରଦର୍ଶନୀ ଭାରତର ଅପରାଧ ନ୍ୟାୟ ବ୍ୟବସ୍ଥାର ଐତିହାସିକ ପରିବର୍ତ୍ତନ ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡିଶା ପୋଲିସ ପ୍ରତିବଦ୍ଧତାର ଏକ ପ୍ରତିଫଳନ ।ବୈଜ୍ଞାନିକ ତଦନ୍ତ, ଆଧୁନିକ ପ୍ରଯୁକ୍ତି ଓ ନାଗରିକ ଅଂଶଗ୍ରହଣ ମାଧ୍ୟମରେ ସଠିକ ସମୟ ମଧ୍ୟରେ ପୀଡିତାଙ୍କୁ ନ୍ୟାୟ ସୁନିଶ୍ଚିତ କରିବାକୁ ଓଡିଶା ପୋଲିସ ସଂକଳ୍ପବଦ୍ଧ ।

# କାଶୀପୁରରେ ଛତୁ ଚାଷ ଜରିଆରେ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଏହାର ଗୋଷ୍ଠୀ ଜୀବିକା କାର୍ଯ୍ୟକ୍ରମ ଅଧୀନରେ, ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକର ସୁଙ୍ଗେର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁମେରପାଦର ଏବଂ ପୋରଲୋଙ୍ଗ ଗ୍ରାମରେ ପ୍ରଥମ ଛତୁ ଚାଷ ପଦେକ୍ଷପକୁ ସଫଳତାର ସହ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପର ଅଂଶବିଶେଷ ଭାବେ ୭୦ ଜଣ ମହିଳା ହିତାଧିକାରୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ଛତୁ ଚାଷ, ଶଯ୍ୟା ପ୍ରସ୍ତୁତି, ପରିଷ୍କାର ପରିଚ୍ଛନ୍ନତା ଏବଂ ଛତୁ ଅମଳ ବୃଦ୍ଧିକୁ ବଜାୟ ରଖିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଚାଷ ଆରମ୍ଭ କରିବା ପାଇଁ ଦୁଇଟି ଛତୁ ଶଯ୍ୟା ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ଅଙ୍କୁରୋଦଗମ ଠାରୁ ଅମଳ ପର୍ଯ୍ୟନ୍ତ



ସୁରୁଖୁରୁରେ ଅଗ୍ରଗତି କରାଯାଇ ପାରିଥିଲା, ପ୍ରାରମ୍ଭିକ ଫଳାଫଳ ଭାବେ ପ୍ରତି ଥରରେ ଶଯ୍ୟା ପିଛା ୧ କିଲୋରୁ ୧.୨ କିଲୋଗ୍ରାମ ପର୍ଯ୍ୟନ୍ତ ଛତୁ ଉତ୍ପାଦନ ହୋଇଥିଲା, ଯାହା ଛତୁ ଚାଷକୁ ଏକ ଅଳ୍ପ ଖର୍ଚ୍ଚ, ଅଧିକ ଆୟ ଉଦ୍ୟୋଗ ଭାବରେ ପ୍ରମାଣିତ କରିଥିଲା। ଶଯ୍ୟା ପିଛା ୨୫ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଥରୁ ମିଳୁଥିବା ଛତୁ କିଲୋଗ୍ରାମ ପିଛା ହାରାହାରି ୧୫୦ ଟଙ୍କାରେ ବିକ୍ରି ହୋଇଥିଲା । ଫଳରେ ଏହି ଚାଷରୁ ଯଥେଷ୍ଟ ଆୟ ସମ୍ଭାବନା ରହିଛି। ହାରାହାରି, ପ୍ରତ୍ୟେକ ହିତାଧିକାରୀ ପ୍ରତି ଥରରେ ପ୍ରାୟ ୨ କିଲୋଗ୍ରାମ ଛତୁ ଉତ୍ପାଦନ କରିବେ ବୋଲି ଆଶା କରାଯାଏ, ଯାହା ସେମାନଙ୍କ ପରିବାର ପାଇଁ ଏକ ଅତିରିକ୍ତ ଆୟର ଉତ୍ସ ସୃଷ୍ଟି କରିବ ।

ଏକ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନା ମହିଳାମାନଙ୍କ ଆର୍ଥିକ ଭାଗିଦାରୀ ବୃଦ୍ଧି, କ୍ଷୁଦ୍ର ଉଦ୍ୟୋଗ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଏବଂ ଆୟରେ ଉନ୍ନତି ଆଣିବାର ସମ୍ଭାବନା ପ୍ରଦର୍ଶନ କରିଛି। ବଣ୍ଟନ ହୋଇଥିବା ୧୪୦ଟି ଶଯ୍ୟା ମଧ୍ୟରୁ ପ୍ରାୟ ୧୦୦ଟି ଶଯ୍ୟାରୁ ବର୍ତ୍ତମାନ ଉତ୍ପାଦନ ହେଉଛି। ବେଦାନ୍ତ ଆଲୁମିନିୟମ ଏକ ବର୍ଷ ମଧ୍ୟରେ ଏହାକୁ ୧୦,୦୦୦ ଶଯ୍ୟା କୁ ବୃଦ୍ଧି କରିବାକୁ ଯୋଜନା କରିଛି, ଯାହାକୁ ନିୟମିତ ସମର୍ଥନ, ସମୟୋଚିତ ସାମଗ୍ରୀ ଯୋଗାଣ, ଶଯ୍ୟା ବିତରଣ ଏବଂ ବଜାର ସୁବିଧା ଦ୍ୱାରା ସମର୍ଥନ ଜାରି ରହିବ । ଡୁମେରପାଦର ଗାଁର ଜଣେ ହିତାଧିକାରୀ ଯଶୋଦା ନାୟକ କହିଛନ୍ତି, "ଏହି ପଦକ୍ଷେପ ମାଧ୍ୟମରେ ଆମେ ବୈଜ୍ଞାନିକ ପଦ୍ଧତିରେ ଛତୁ ଚାଷ ଶିଖିଛୁ ଏବଂ ଏହାଦ୍ୱାରା ଆମ ପରିବାର ଅତିରିକ୍ତ ଆୟ ହୋଇପାରୁଛି । ଏହା ଆମକୁ ଆମ ପରିବାରକୁ ସମର୍ଥନ କରିବାରେ ସାହାଯ୍ୟ କରୁଛି ଏବଂ ଆମକୁ ମିଳିତ ଭାବରେ କାର୍ଯ୍ୟ କରିବା ଏବଂ ଉଦ୍ୟୋଗୀ ଭାବରେ ଆଗକୁ ବଢିବାର ଆତ୍ମବିଶ୍ୱାସ ଦେଇଛି।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ରେ ୭ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ କଲେ ମହାପ୍ରଭୁଙ୍କ ଦର୍ଶନ

ପୁରୀ, (ସବ୍ୟୁ): ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ରେ ୫ ଟି ଜିଲ୍ଲା ର ୭୦୩ ଜଣ ଶ୍ରଦ୍ଧାଳୁ ଆଜି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି ।କେନ୍ଦ୍ରାପଡା, ନୟାଗଡ଼, ଯାଜପୁର, ଗଜପତି ଓ ଅନୁଗୁଳ ଜିଲ୍ଲା ରୁ ଏହି ଶ୍ରଦ୍ଧାଳୁ ମାନେ ଆସିଥିଲେ। ପର୍ଯ୍ୟଟନ ବିଭାଗ ସହାୟତା ଓ ଜିଲ୍ଲା ପ୍ରଶାସନ ର ସହଯୋଗରେ ଶ୍ରୀଜଗନ୍ନାଥ ଯୋଜନା ରେ ଆସିଥିବା ଶ୍ରଦ୍ଧାଳୁ ମାନେ ବୃନ୍ଦାବତୀ ନିବାସ ଠାରେ ପହଞ୍ଚି ଥିଲେ ।ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓଏସଆରଟିସିର ମ୍ୟାନେଜର ରଶ୍ମି ସାହୁ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଦେବସ୍ମିତା ମହାନ୍ତି, ରୂପେଶ ରାଉତ ପ୍ରମୁଖ ବୃନ୍ଦାବତୀ ନିବାସରେ ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ସ୍ୱାଗତ କରିବା ସହ ମହାପ୍ରଭୁଙ୍କ ଦର୍ଶନ ର ବ୍ୟବସ୍ଥା କରାଇଥିଲେ ।ପହଞ୍ଚିବା ପରେ ସେମାନ ଙ୍କୁ ମଧ୍ୟାହ୍ନ ଭୋଜନ କରାଯାଇଥିଲା ।ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରଦ୍ଧାଳୁ ମାନଙ୍କୁ ମହାପ୍ରସାଦ ସେବନ କରାଯାଇଥିଲା।

# ନନ୍ଦନକାନନକୁ ଆସିବେ ନୂଆ ଅତିଥି

ବାରଙ୍ଗ, (ସବ୍ୟୁ) : ନନ୍ଦନକାନନ ପ୍ରାଣୀ ଉଦ୍ୟାନ କୁ ଆସିବେ ନୂଆ ଅତିଥି । ପ୍ରଥମ ଥର ପାଇଁ ରିଙ୍ଗ ଟେଲଡ ଲେମୁର୍ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିବାକୁ ଯାଉଛି । ଯାହାକୁ ନେଇ ଚଳିତ ବର୍ଷ ପ୍ରଥମ କରି ପଶୁପକ୍ଷୀ ଅଦଳବଦଳ ପକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରାଣୀ ଅଦଳ ବଦଳ ପକ୍ରିୟାରେ ବିଶାଖାପାଟଣା ର ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ସହିତ ପଶୁପକ୍ଷୀ ଅଦଳବଦଳ କରାଯିବ । ସେଣ୍ଟ୍ରାଲ ଜୁ ଅଥରିଟି, ନୂଆଦିଲ୍ଲୀ ଏହାକୁ ଅନୁମୋଦନ କରିଛି ।ଶୁକ୍ରବାର ଦିନ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନର ଏକ ଦଳ ନନ୍ଦନକାନନ ରେ ପହଞ୍ଚି ଏହି ସ୍ଥାନାନ୍ତର ପକ୍ରୀୟା ୭ ମାର୍ଚ୍ଚ ରୁ ୧୦ ମାର୍ଚ୍ଚ ପ୍ରଯ୍ୟନ୍ତ ଚାଲିବ ବୋଲି ସ୍ଥିର କରାଯାଇଛି । ଶନିବାର ଦିନ ପ୍ରାଣୀ ଉଦ୍ୟାନ କୁ ଆସିଥିବା ଦଳ ନନ୍ଦନକାନନ ରୁ ୧ ଟି ଅଣ୍ଡିରା ଓ ୨ ଟି ମାଇ ବାରାସିଂହା ,୧ ଟି ଅଣ୍ଡିରା ଓ ୨ଟି ମାଇ ଚଉଶିଙ୍ଗା , ୧ଟି ଅଣ୍ଡିରା ଓ ୧ ଟି ମାଇ ଆସାମୀଜ ମାଙ୍କଡ , ୨ଟି ଅଣ୍ଡିରା ଓ ୨ ଟି ମାଇ ଗୁରାଣ୍ଡି,ଏବଂ ୧ ଟି ଅଣ୍ଡିରା ଓ ୨ ଟି ମାଇ ଘରିୟାଲ କୁମ୍ଭୀର କୁ ସାଙ୍ଗରେ ନେଇ ଯାଇଥିବା ବେଳେ ପ୍ରତିବଦଳରେ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ୧ଟି ଅଣ୍ଡିରା ଓ ୧ ଟି ମାଇ ଜଙ୍ଗଲି କୁକୁର ,ଗୋଟିଏ ସଲଫର୍ କ୍ରେଷ୍ଟ କୁକୁଟ,୨ଟି ଅଣ୍ଡିରା ଓ ୨ ଟି ମାଇ ବୋନେଟ ମାକାକ,୧ ଟି ଅଣ୍ଡିରା ଓ ୧ ଟି ମାଇ ନିଲଗାଇ ସହିତ ନୂଆ କରି ୧ ଟି ଅଣ୍ଡିରା ଓ ୧ ଟି ମାଇ ରିଙ୍ଗ ଟେଲଡ ଲେମୁର ପ୍ରଜାତି ଆସିବ ।ଏହି ସବୁ ନୂଆ ଅତିଥିଙ୍କୁ ସାଙ୍ଗରେ ଧରି ଆସନ୍ତା ୧୦ ତାରିଖରେ ନନ୍ଦନକାନନ ରୁ ଯାଇଥିବା ଟିମ ସାଙ୍ଗରେ ନେଇ ଆସିବେ ବୋଲି ସୂଚନା ମିଳିଛି । ତେବେ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ରୁ ୫ ପ୍ରଜାତିର ୧୧ ଜୀବଜନ୍ତୁ ଆସିବାକୁ ଥିବା ବେଳେ ନନ୍ଦନକାନନ ରୁ ୫ ପ୍ରଜାତିର ୧୪ ଜୀବଜନ୍ତୁ ସେଠାକୁ ପଠାଯାଇଛି ।

# ନେତାଜୀ ବସ ଟର୍ମିନାଲରେ ହେବ ଦ ଭିଲେଜ ଷ୍ଟୋର

କଟକ,(ସବ୍ୟୁ): ଗ୍ରାମୀଣ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଓ ଗ୍ରାମୀଣ ଉତ୍ପାଦକମାନଙ୍କ ପାଇଁ ବଜାର ସଂଯୋଗକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର– ଦ ଭିଲେଜ୍ ଷ୍ଟୋର" ଆରମ୍ଭ ସମ୍ପର୍କରେ ଜିଲ୍ଲା ପରିଷଦ, କଟକ ନୂତନ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ବଜାର ଶୁଭାରମ୍ଭ ପାଇଁ ବିଭିନ୍ନ ପ୍ରସ୍ତୁତି ଓ ପରିକଳ୍ପନା ସମ୍ପର୍କରେ ଆଲୋଚନା ଓ ଚୂଡାନ୍ତ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର – ଦ ଭିଲେଜ ଷ୍ଟୋରର ଖୁବ ଶୀଘ୍ର କଟକ ନେତାଜୀ ବସ୍ ଟର୍ମିନାଲ ଠାରେ ଆରମ୍ଭ ହେବ । ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଗ୍ରାମୀଣ ଉଦ୍ୟମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ (SHGs), ଚାଷୀ, କାରିଗର ଓ ସ୍ଥାନୀୟ ଉତ୍ପାଦକମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଗୁଣାତ୍ମକ ସାମଗ୍ରୀଗୁଡିକର ପ୍ରଚାର ଓ ବିପଣନ କରିବା ପାଇଁ ଏକ ବିଶେଷ ପ୍ଲାଟଫର୍ମ ଭାବେ କାମ କରିବ । ଏହା ମାଧ୍ୟମରେ ଗ୍ରାମୀଣ ଉତ୍ପାଦକମାନେ ସିଧାସଳଖ ବଜାର ସୁଯୋଗ ପାଇବେ ଓ ତାଙ୍କର ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରି ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ ।

ଏହି ବଜାରରେ ହସ୍ତତନ୍ତ ଉତ୍ପାଦ ଭଳି ଖଣ୍ଡୁଆ, ସମ୍ବଲପୁରୀ, ନବକୋଠି, ବୋମକାଇ ସହିତ



ଅନ୍ୟାନ୍ୟ ବିଭିନ୍ନ ପ୍ରକାରର ଶାଢ଼ୀ, କପଡା ଆଦି ଉପଲବ୍ଧ ରହିବ। ସେହିପରି ବାଉଁଶ ଓ ବେତ ଶିଳ୍ପ, ଡୋକରା, ଟେରାକୋଟା ପଦାର୍ଥ, ଶଙ୍ଖ, ଶିଙ୍ଗ ଓ କାଠ ଶିଳ୍ପ, ପଟ୍ଟଚିତ୍ର ଚିତ୍ରକଳା ଓ ବିଭିନ୍ନ ପ୍ରକାରର ଝୋଟ ତିଆରି ସାମଗ୍ରୀ ମଧ୍ୟ ଏଠାରେ ଉପଲବ୍ଧ ହେବ ଏବଂ ଖାଦ୍ୟ ଓ କୃଷି ଉତ୍ପାଦ ମଧ୍ୟରେ ଗୁଡ଼, ମହୁ, ବିଭିନ୍ନ ପ୍ରକାରର ମସଲା ଓ ମିଲେଟ୍ ଆଧାରିତ ଖାଦ୍ୟ ପଦାର୍ଥ ମଧ୍ୟ ଉପଭୋକ୍ତାମାନଙ୍କ ପାଇଁ ରହିବ । ଏହି ପଦକ୍ଷେପ ପାଇଁ କଟକ ଜିଲ୍ଲାର ୪୦ଟି କମ୍ୟୁନିଟି ବେସଡ ଅର୍ଗାନାଇଜେସନ୍ (CBOS) ମାଧ୍ୟମରେ ପଣ୍ୟ ସଂଗ୍ରହ ଓ ଯୋଗାଣ କରାଯାଉଛି। ଏଥିପାଇଁ ପୁରୀ, ଢେଙ୍କାନାଳ, ମୟୂରଭଞ୍ଜ, ସମ୍ବଲପୁର, ଅନୁଗୁଳ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର କମ୍ୟୁନିଟି ବେସଡ ଅର୍ଗାନାଇଜେସନ୍ ମାନଙ୍କଠାରୁ ମଧ୍ୟ ସାମଗ୍ରୀ ସଂଗ୍ରହ ହେଉଛି । ଏହି ଷ୍ଟୋରଟି କଟକ ଗ୍ରାମୀଣ ପ୍ରୋଡ୍ୟୁସର ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ । ବର୍ତ୍ତମାନ ଏହି କମ୍ପାନୀରେ ୧୦ଟି କମ୍ୟୁନିଟି ବେସଡ ଅର୍ଗାନାଇଜେସନ୍ ସଦସ୍ୟ ସଂସ୍ଥା ଓ ୧୦୦ ଜଣ ସେୟାରହୋଲ୍ଡର ଅଛନ୍ତି । ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ସ୍ଥାପନ ଗ୍ରାମୀଣ ସମୁଦାୟ ପାଇଁ ବହୁମୁଖୀ ଲାଭ ଆଣିବ ବୋଲି ଆଶା କରାଯାଉଛି । ଏହା ଗ୍ରାମୀଣ ଉତ୍ପାଦ ପାଇଁ ଏକ ନିର୍ଭରଯୋଗ୍ୟ ବଜାର ସୃଷ୍ଟି କରିବା ସହିତ ଉତ୍ପାଦକମାନଙ୍କ ଆୟ ବୃଦ୍ଧି କରିବ ଓ ସମୁଦାୟ ଆଧାରିତ ସମାବେଶୀ ଆର୍ଥିକ ଉନ୍ନତିକୁ ପ୍ରୋତ୍ସାହନ ଦେବ ଏବଂ ଉତ୍ପାଦକମାନଙ୍କୁ ସିଧାସଳଖ ଉପଭୋକ୍ତାଙ୍କ ସହ ଯୋଡ଼ିବା ମାଧ୍ୟମରେ ମଧ୍ୟସ୍ଥମାନଙ୍କ ଉପରେ ନିର୍ଭରଶୀଳତା କମିବ ଓ ଗ୍ରାମୀଣ ପଦାର୍ଥ ପାଇଁ ଉଚିତ ମୂଲ୍ୟ ସୁନିଶ୍ଚିତ ହେବ ବୋଲି ଓରମାସର ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ନରସିଂହପୁର, କୋକଲାବାର ରାଧାରମଣ ପିଜିର ପ୍ରମିଳା ରାଉତଙ୍କୁ ସମୁଦାୟ ଉନ୍ନତି ଓ ତାଙ୍କର ଦୀର୍ଘ ସମୟର ନିଷ୍ଠାପୂର୍ଣ୍ଣ କାର୍ଯ୍ୟ ପାଇଁ ଲାଇଫଟାଇମ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିଲା । ପୁରସ୍କାର ଗ୍ରହଣ କରିବା ପରେ ପ୍ରମିଳା ରାଉତ ଭାବବିହ୍ୱଳ ହୋଇ ନିଜ ଜୀବନ ଯାତ୍ରା ବିଷୟରେ କହିଥିଲେ। ସେ କହିଥିଲେ ଯେ ଓଡିଶା ରୁରାଲ ଡେଭଲପମେଣ୍ଟ ଏଣ୍ଡ ମାର୍କେଟିଂ ସୋସାଇଟି (ଓରମାସ୍) ତାଙ୍କ ଜୀବନର ପ୍ରତ୍ୟେକ ପଦକ୍ଷେପରେ ସହଯୋଗ କରିଛି ଏବଂ ତାଙ୍କ ସ୍ୱାମୀ ଓ ପୁଅଙ୍କ ଦେହାନ୍ତ ପରେ ଭୟାବହ ଆର୍ଥିକ ସଙ୍କଟ ସମୟରେ ତାଙ୍କୁ ଏକ ନୂତନ ପଥ ଦେଖାଇଥିଲା । ସେ କହିଥିଲେ ଯେ ଓର୍ମାସ ତାଙ୍କୁ ପୁନର୍ବାର ସମ୍ମାନ ଓ ଆତ୍ମବିଶ୍ୱାସ ସହ ଜୀବନ ଗଢ଼ିବାର ସୁଯୋଗ ଦେଇଛି ।

### ରଞ୍ଜନ ସରଙ୍ଗୀ ନବମ ସଂସ୍କରଣ

# ଫାଇନାଲରେ ପ୍ରବେଶ କଲା ରକ୍ ଷ୍ଟାର

ପୁରୀ, (ସବ୍ୟୁ): ସହିଦ ହାବିଲଦାର ରଞ୍ଜନ ସରଙ୍ଗୀ ନାମରେ ନବମ ସଂସ୍କରଣ କ୍ରିକେଟ ଖେଳ ପୁରୀ ପୋଲିସ ଲାଇନ ପଡିଆରେ ଆରକ୍ଷୀ ଅଧକ୍ଷକ ଶ୍ରୀ ପ୍ରତୀକ ସିଂ ଦ୍ୱାରା ଉଦ୍‌ଘାଟନ ହୋଇଥିଲା । ଏହି ସେମି ଫାଇନାଲ ମ୍ୟାଚରେ କଳିଙ୍ଗ ସ୍ୱଟିଙ୍ଗ ବିନାମ ରକ ଷ୍ଟାର ମଧ୍ୟରେ ହୋଇଥିଲା । ପ୍ରଥମେ ଟସ୍ ଜିତି ରକ ଷ୍ଟାର ଅଧିନାୟକ ସତ୍ୟବାନ ସ୍ୱାଇଁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । କଳିଙ୍ଗ ସ୍ପୋର୍ଟିଂ ୧୬ ଓଭର ଖେଳରେ ୪ ଗୋଟି ୱିକେଟ ହରାଇ ୧୬୮ ରନ କରିଥିଲେ । ଜଗନ୍ନାଥ, ସିଲୁ ଓ ସ୍ମୃତି ୧ ୱିକେଟ ନେଇଥିଲେ ।ଏହାକୁ ପିଛା କରି ରକ ଷ୍ଟାର ୯ ଓଭର ୩ ଟି ବଲରେ ବିନା ୱିକେଟ ହରାଇ ୧୭୨ ରନ କରି ମ୍ୟାଚ ଜିତିଥିଲେ । ଅଧିନାୟକ ବାପି ୩୫ ବଲରେ ୧୦୨ , ଲିଟୁ ୨୨ ବଲରେ ୭୦ ରନ କରି ବିଜୟୀ ହୋଇଥିଲେ । ଶେଷରେ ବାପି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଏହି ପ୍ରତିଯୋଗିତାରେ ପୁରୀ ପୋଲିସର ୧୯୫ ଜଣ ୮ଗୋଟି ଦଳରେ ଭାଗ ହୋଇ ଏହି ଖେଳରେ ଅଂଶ ଗ୍ରହଣ କରିଛନ୍ତି ଏହି ଖେଳକୁ ଅନେକ ଦର୍ଶକ ଭରପୁର ମଜା



ନେଇଥିଲେ ଯାହା ଖେଳ ଏକ ତରଫା କରି ରକ ଷ୍ଟାର ବିଜୟୀ ହୋଇଥିଲେ । ଏହା ସହ ଚିତ୍ତରଞ୍ଜନ ମହାନ୍ତି ଆରାଇ, ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ସେକେଟାରୀ ସୂର୍ଯ୍ୟତାପ ଜେନା, କୋଷାଧକ ଦିଲୀପ ଭୋଇ ସହସମ୍ପାଦକ ସତ୍ୟନାରାୟଣ ନାୟକ, ପ୍ରହଲ୍ଲାଦ ଭୋଇ, ରଞ୍ଜନ ପଲେଇ, ତ୍ରିଲୋଚନ ହୋତା ଓ ପ୍ରଶାନ୍ତ ବିଶ୍ୱାଳ, ସୁଧାଂଶୁ ମଙ୍ଗରାଜ, ଅଂଶୁମାନ, ହାପି, ଦିଲ୍ଲୀପ ଛାଟୋଇ, ଜିତୁ ଉପସ୍ଥିତ ରହି ଖେଳକୁ ସୁଚାରୁପେ ପରିଚାଳନା କରିଥିଲେ । ସୂଚନା ଥାଉ କି ରଞ୍ଜନ ସରଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ସହିଦ ହୋଇଥିଲେ। ଏହି ସ୍ମୃତିରେ ପୁରୀ ପୋଲିସ ତାର ୯ ସଂସ୍କରଣ ରଞ୍ଜନ ସରଙ୍ଗୀ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା ।

# ଟିପିଏସଓଡିଏଲର ଲାଇନମ୍ୟାନ ଦିବସ ପାଳନ

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ତରଫରୁ ଲାଇନମ୍ୟାନ ଦିବସ ପାଳିତ । ଲାଇନମ୍ୟାନମାନଙ୍କ ତ୍ୟାଗ, ସାହସ ଏବଂ ସେବାକୁ ସମ୍ମାନ ଜଣାଇ କାର୍ଯ୍ୟକ୍ଷେତ୍ରର ଅଗ୍ରଯୋଦ୍ଧାମାନଙ୍କ ପାଇଁ ଏହି ଦିବସ ପାଳନ କରାଯାଇଛି । ଏହି ଅବସରରେ ୫୫ତମ ଜାତୀୟ ସୁରକ୍ଷା ଦିବସ ଏବଂ ଜାତୀୟ ସୁରକ୍ଷା ମାସ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଆରମ୍ଭ କରାଯାଇଛି । ଗର୍ବ ଏବଂ ଉତ୍ସାହର ସହକାରେ ବିଭିନ୍ନ ଡିଭିଜନର ଲାଇନମ୍ୟାନମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରାୟ ୭୫ରୁ ଉର୍ଦ୍ଧ୍ୱ ଲାଇନମ୍ୟାନମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଛି । ଯେଉଁମାନେ ଏକ ସୁରକ୍ଷିତ, ଭରସାଯୋଗ୍ୟ ଏବଂ ସୁଦୃଢ଼ ବିଜୁଳି ଯୋଗାଣ ପାଇଁ ନିଜର ପ୍ରତିବଦ୍ଧତାକୁ ପ୍ରମାଣିତ କରି ଆସୁଛନ୍ତି । ପ୍ରତିକୂଳ ପାଗ, ଦୁର୍ଗମ ଅଞ୍ଚଳ ଏବଂ ସମୟର ସହକାରେ ଲାଇନମ୍ୟାନମାନେ ସେମାନଙ୍କ ସେବା ଏବଂ କର୍ତ୍ତବ୍ୟକୁ ପାଳନ କରି ଆସୁଛନ୍ତି । ଲାଇନମ୍ୟାନମାନଙ୍କ ନିରବଚ୍ଛିନ୍ନ ପ୍ରୟାସକୁ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ପ୍ରଶଂସା କରିବା ସହିତ ସମ୍ମାନ ଜଣାଇଛନ୍ତି । ଏଥିସହିତ ଏହି ଅବସରରେ କହିଛନ୍ତି, ଆମ ଲାଇନମ୍ୟାନମାନେ ଆମ ଅନୁଷ୍ଠାନର ମେରୁଦଣ୍ଡ ।

ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେମାନେ କାର୍ଯ୍ୟ ସମ୍ପାଦିତ କରିଥାଆନ୍ତି ଯାହା ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବାରେ ରୋକିଥାଏ । ସେମାନଙ୍କ ତ୍ୟାଗ ଏବଂ ଅନୁଶାସନ ଆମର ବିଦ୍ୟୁତ ନେଟ୍‌ୱର୍କକୁ ମଜଭୁତ କରିବାରେ ସହାୟକ ହେଉଛି । ସୁରକ୍ଷା ହେଉଛି ଆମର ପ୍ରାଥମିକତା । ପ୍ରତ୍ୟେକ କର୍ମଚାରୀ ସୁରକ୍ଷିତ ଭାବେ ଘରକୁ ଫେରିବା ଉଚିତ । ଏଥିସହିତ ସେ ଏହି ଅବସରରେ ଟିପିଏସଓଡିଏଲର ମିଶନ ଜିରୋ ହାର୍ମ ଲକ୍ଷ୍ୟକୁ ଦୋହରାଇଛନ୍ତି । ସୁରକ୍ଷା କେବଳ ନିୟମରେ ବନ୍ଧା ନୁହେଁ ବରଂ ସଭିଙ୍କ ମିଳିତ ପ୍ରୟାସରେ ଏହା ହେଉଛି ଏକ ଦାୟିତ୍ୱ ବୋଲି ଏହି ଅବସରରେ ସେ ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ସୁରକ୍ଷା ଶପଥ ନେବା ସହିତ ସୁରକ୍ଷା ନିୟମକୁ ସଠିକ ଭାବେ ଅନୁପାଳନ କରିବା ପାଇଁ ସୁନିଶ୍ଚିତ କରିଛନ୍ତି ।

ଏହି ଅବସରରେ ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଛି । ଯେଉଁଥିରେ ଲାଇନମ୍ୟାନଙ୍କ ଜୀବନର ଯାତ୍ରା, ସଂଘର୍ଷ ଏବଂ ସଫଳତା ପ୍ରଦର୍ଶିତ ହୋଇଥିଲା । ଏଥିସହିତ ସେମାନେ ସେମାନଙ୍କର ଅନୁଭୂତି ବାଣ୍ଟିଥିଲେ । ଚଳିତବର୍ଷର ପ୍ରସଙ୍ଗ ନିରାପତ୍ତା ବୃଦ୍ଧି ପାଇଁ ଲୋକଙ୍କୁ ସୁରକ୍ଷା ଅଭିଯାନରେ ସାମିଲ କରାନ୍ତୁ, ଶିକ୍ଷା ପ୍ରଦାନ ସହ ସଶକ୍ତ କରାନ୍ତୁ ସହିତ ଟିପିଏସଓଡିଏଲ ମାସବ୍ୟାପୀ ସୁରକ୍ଷା ପ୍ରତିଯୋଗିତା ଏବଂ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଘୋଷଣା କରିଛି । ସେହିଭଳି ଅନୁରୂପ କାର୍ଯ୍ୟକ୍ରମମାନ କମ୍ପାନୀର ୬ଟି ସର୍କଲରେ ଆଗାମୀ ଦିନରେ ହେବ ଯାହା ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ସୁନିଶ୍ଚିତ କରେ । ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀ

## ରାମ୍‌ଜିତ ଟୁଡୁ , ଆର. ଅଶ୍ୱନୀ ବଞ୍ଜନ ମୁର୍ମୁଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

ବାରିପଦା, (ସବ୍ୟୁ): ଇଣ୍ଟରନ୍ୟାଶନାଲ ସାନ୍ତାଳ କାଉନ୍ସିଲ ଦ୍ୱାରା ଆୟୋଜିତ ୯ମ ଆନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନ ପଶ୍ଚିମବଙ୍ଗର ସିଲିଗୁଡ଼ି ସ୍ଥିତ ଗୋସାଁଇପୁର ଠାରେ ଆରମ୍ଭ ହୋଇଛି । ଏହି ସମ୍ମିଳନୀରେ ଭାରତ ସହିତ ନେପାଳ ଓ ବାଙ୍ଗଲାଦେଶର ସାନ୍ତାଳୀ ଗବେଷକ, ସାହିତ୍ୟିକ, ସମାଜିକ କର୍ମୀ ଓ ସମ୍ପ୍ରଦାୟର ନେତାମାନେ ଯୋଗଦେଇଥିଲେ । ସମ୍ମେଳନର ଉଦ୍‌ଘାଟନ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଉପସ୍ଥିତ ହୋଇ ସଭାକୁ ସମ୍ବୋଧନ କରିଥିଲେ । ସେ ତାଙ୍କ ଉଦବୋଧନରେ ଆଦିବାସୀ ଭାଷା, ସଂସ୍କୃତି ଓ ପାରମ୍ପରିକତାର ସୁରକ୍ଷା ଓ ସମ୍ବର୍ଦ୍ଧନର ଗୁରୁତ୍ୱ ଉଲ୍ଲେଖ କରିଥିଲେ ଏବଂ ସାନ୍ତାଳ ସମୁଦାୟ ଦ୍ୱାରା ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ହେଉଥିବା ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଓଡ଼ିଶାର ରାମଜିତ ଟୁଡୁ ଓ ଆର ଅଶ୍ୱନୀ ବଞ୍ଜନ ମୁର୍ମୁଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ସମ୍ମାନିତ କରାଯାଇଥିଲା । ସାନ୍ତାଳୀ ଭାଷାର ଡିଜିଟାଲ ମାଧ୍ୟମରେ ପ୍ରଚାର ଓ ପ୍ରସାର ପାଇଁ ତାଙ୍କ ଅବଦାନ ପାଇଁ ଏହି ସମ୍ମାନ ଦିଆଯାଇଛି । ରାମଜିତ ଟୁଡୁ ଜଶିପୁର ରେଭିନ୍ୟୁ ସର୍କିଲରେ ଅସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକଟର (ଏଆରଆଇ)ଓ ଆର ଅଶ୍ୱନୀ ବଞ୍ଜନ ମୁର୍ମୁ ଭାରତୀୟ ଷ୍ଟେଟବ୍ୟାଙ୍କ ଜଶିପୁର ଶାଖାରେ ଶାଖା ପରିଚାଳକ ଭାବେ କାର୍ଯ୍ୟରତ ଅଛନ୍ତି । ଉଭୟ ସାନ୍ତାଳୀ ଭାଷାକୁ ଡିଜିଟାଲ ମାଧ୍ୟମରେ ପ୍ରଚାର କରିବା ଓ ସାହିତ୍ୟ ଉନ୍ନତି ପାଇଁ ଦୀର୍ଘଦିନ ଧରି କାମ କରୁଛନ୍ତି ।




ସମ୍ମିଳନର ପ୍ରଥମ ଦିନରେ ସାନ୍ତାଳୀ ଭାଷାର ବିକାଶ, ଶିକ୍ଷା, ସାମାଜିକ ସଶକ୍ତିକରଣ ଓ ସାଂସ୍କୃତିକ ସୁରକ୍ଷା ଭଳି ବିଷୟରେ ଆଲୋଚନା ହୋଇଥିଲା । ଭିନ୍ନ ଭିନ୍ନ ରାଜ୍ୟ ଓ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କ ସକ୍ରିୟ ଅଂଶଗ୍ରହଣ ଏହି ସମ୍ମେଳନକୁ ବିଶେଷ ମହତ୍ତ୍ୱ ଦେଇଛି । ସମ୍ମେଳନର ଦ୍ୱିତୀୟ ଦିନ ୮ ମାର୍ଚ୍ଚ ୨୦୨୬ରେ ସାନ୍ତାଳମାନଙ୍କର ଆନ୍ତର୍ଜାତୀୟ ସ୍ଥିତି, ପାରମ୍ପରିକତା ଓ ସଂସ୍କୃତିର ସୁରକ୍ଷା, ସାନ୍ତାଳୀ ନାରୀମାନଙ୍କ ଅବଦାନ ଏବଂ ଆଦିବାସୀ ସମୁଦାୟର ଆର୍ଥିକ ଉନ୍ନତି ଭଳି ବିଷୟରେ ବିଭିନ୍ନ ଅଧିବେଶନ ଆୟୋଜିତ ହେବ ।

# ଘର ଭିତରେ ବିସ୍ଫୋରଣ, ମହିଳା ଗୁରୁତର

ବ୍ରହ୍ମପୁର,(ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୁମ୍ଭାରପଲ୍ଲୀ ଗ୍ରାମରେ ରହୁଥିବା ସନ୍ତୋଷ ପାଣିଗ୍ରାହୀଙ୍କ ଘରେ ବିସ୍ଫୋରଣ ହୋଇଛି । ଘରର କାନ୍ଥ ଓ କବାଟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ବିସ୍ଫୋରଣରେ ସନ୍ତୋଷଙ୍କ ସ୍ତ୍ରୀ ଗୁରୁତର ହୋଇଥିବା ଜଣାପଡିଛି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି । ମିଳିଥିବା ସୂଚନା ପ୍ରକାରରେ ଘର ଭିତରେ ଥିବା ଗ୍ୟାସ ସିଲେଣ୍ଡରରୁ ଗ୍ୟାସ ଲିକ ହୋଇ ଘରେ ବିସ୍ଫୋରଣ ହୋଇଥିବା ପୋଲିସ ତଦନ୍ତ ବେଳେ ଜଣାପଡ଼ିଛି । ଏହି ବିସ୍ଫୋରଣରେ ସନ୍ତୋଷଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇ ବର୍ତ୍ତମାନ ଶୀତଳାପଲ୍ଲୀ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଅନ୍ୟପକ୍ଷରେ ସିଲେଣ୍ଡରରୁ ଗ୍ୟାସ ଲିକ ହୋଇ ଏଭଳି ଅଘଟଣ ଘଟିଛି ନା ଆଉ କିଛି କାରଣ ରହିଛି ତାହାର ସଠିକ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ସ୍ଥାନୀୟ ଲୋକ ଏହାକୁ ନେଇ ଚର୍ଚ୍ଚା କରୁଛନ୍ତି ।

# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ବୁଗୁଡ଼ା ,(ସବ୍ୟୁ): ଖୋଲାମେଲାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର , ଯାହା ହାତ ଠାରି ଡାକୁଛି ବିପଦକୁ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଖୋଲଖାଳି ପଞ୍ଚାୟତ ଅନ୍ତର୍ଗତ ବେଲପୁର ଗ୍ରାମ ରାସ୍ତା କଡରେ । ସେହି ପାଖ ଦେଇ ଗାଈଗୋରୁ ଏବଂ ଲୋକେ ଯାତାୟତ ହେଉଥିବା ବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ସେନେଇ ଲୋକେ ଆଶଙ୍କାରେ ରହିଆସୁଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବା ସେ%ୀ ସ୍ଥାନୀୟ ବିଦ୍ୟୁ ବିଭାଗ ଚେଇଁ ଶୋଇଥିବା ପରି ମନେ ହେଉଛି । ଅନେକ ସ୍ଥାନରେ ବିଦ୍ୟୁତ ଅଘଟଣପରେ ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ପ୍ରତି ଯନିବାନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ବୁଗୁଡ଼ା ବିଦ୍ୟୁତ ବିଭାଗ ଏଥି ପ୍ରତି ଆଦୌ ଦୃଷ୍ଟି ଦେଉ ନଥବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବ୍ରହ୍ମପୁର, (ସବ୍ୟୁ): ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଏକାଡ଼େମିକ ଡିନ ପି ରାଜେଶ କୁମାର ଯୋଗ ଦେଇଥିଲେ । ମହିଳା ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ୟାନେଲିଷ୍ଟ ଭାବେ ପି. ରାଜେଶ କୁମାର, ଡ. ଆକାଂକ୍ଷା ପଟ୍ଟନାୟକ, ଆଲୁମିନି ବିଙ୍ଗ କମାଣ୍ଡର ରୀନା ସାହୁ, ଛାତ୍ର ପ୍ରତିନିଧି ଏମ ପବିତ୍ରା ଯୋଗ ଦେଇଥିଲେ । ମହିଳା ଦିବସ ଅବସରରେ ନିଷ୍ଟ ବିଶ୍ୱ ବିଦ୍ୟାଳୟର ମହିଳା ଶ୍ରମିକମାନଙ୍କୁ ଉପହାର ବଣ୍ଟନ କରାଯାଇଥିଲା ।

ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ବାକାଥନ, ବକ୍ତୃତା, ପୋଷ୍ଟର ଉପସ୍ଥାପନା, ରଙ୍ଗୋଲି, ମ୍ୟୁଜିକାଲ ଚେୟାର, ଟେବୁଲ ଟେନିସ, ବ୍ୟାଡ୍ମିଣ୍ଟନ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଅଧାପିକା, ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ପୁର୍ନେନ୍ଦୁ ମିଶ୍ର, ଡ଼ ହରିକୃଷ୍ଣ ଗନ୍ତାୟତ, ଡ଼ ପ୍ରୀତି ରଞ୍ଜନ ସାହୁ, ଡ଼ ପ୍ରଦୀପ ଜେନା, ମିଟୁ ବରାଳ, ସୌମ୍ୟା ମୁଦୁଲି, ସଂଜିତ ମହାନ୍ତି, ସରୋଜ ପାଢ଼ୀ, ପିତାମ୍ବର ସାହୁ, ଡ଼ ଚାରୁଲତା ପଲାଇ, ଡ଼ ରୁନୁ ସାହୁ, ଡ଼ ଅମୃତା ପଟନାୟକ, ରୁଚିକା ପାଢ଼ୀ, ପ୍ରଜ୍ଞା ସାମନ୍ତ, ଆକାଙ୍ଖ୍ୟା, ବାସନ୍ତୀ ପାତ୍ର, ଡ଼ ସରିତା ସାହୁ, ମିନାକ୍ଷୀ ଦାସ, ଡ଼. ବ୍ରଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ବୈଦ୍ୟୁତିକ ବିଭାଗ ମୁଖ୍ୟ ଡ଼. ସସ୍ମିତା ପାଢ଼ୀ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ଜାନଭି ସୋରୁମରେ ନୂଆ ନିଶାନ ଗ୍ରାଭିଟେ କାର୍‌ର ଶୁଭାରମ୍ଭ

# ୫.୬୫ ଲକ୍ଷ ଆରମ୍ଭ ମୂଲ୍ୟରେ ନୂଆ ନିଶାନ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ବଜାରରେ ନିଜ ସ୍ଥିତିକୁ ପୁଣିଥରେ ମଜବୁତ କରିବା ପାଇଁ ନିଶାନ ମୋଟର ଇଣ୍ଡିଆ ଏକ ବଡ଼ ପଦକ୍ଷେପ ନେଇଛି । ୫.୬୫ ଲକ୍ଷ ଆରମ୍ଭିକ ମୂଲ୍ୟରେ ନୂଆ "ନିଶାନ ଗ୍ରାଭିଟେ କାରର ଶୁଭାରମ୍ଭ କରାଯାଇଛି । ୧୪୦ କୋଟି ଭାରତୀୟଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାରଟି ବିଶେଷଭାବେ ଆଧୁନିକ ପରିବାର ପାଇଁ ତିଆରି କରାଯାଇଛି । ନିସାନର ସ୍ୱତନ୍ତ୍ର "ସି' ଡିଜାଇନ୍ ସହିତ ଏହାକୁ ଏକ ବୋଲଡ ଓ ଆକର୍ଷଣୀୟ ଲୁକ୍ ଦିଆଯାଇଛି । ଏହି କାରରେ ୨ ରୁ ୭ ଜଣ ପର୍ଯ୍ୟନ୍ତ ବସିବା ସୁବିଧା ରହିଛି । ସେଥିସହିତ ଜିନିଷପତ୍ର ରଖିବା ପାଇଁ ପ୍ରଚୁର ଜାଗା ମଧ୍ୟ ଦିଆଯାଇଛି । ଏଥିରେ ୩୦ରୁ ଅଧିକ ଷ୍ଟାଣ୍ଡାର୍ଡ ସେଫଟି ଫିଚର୍ ରହିଛି । ଯାହାରେ ଟେ ଏୟାରବ୍ୟାଗ୍, ଇଲେକଟ୍ରୋନିକ୍ ଷ୍ଟାବିଲିଟି କଣ୍ଟ୍ରୋଲ୍ ଓ ହିଲ୍ ଷ୍ଟାର୍ଟ ଆସିଷ୍ଟ ଭଳି ସୁବିଧା ଅନ୍ତର୍ଭୁକ୍ତ । କାରଟି ଫରେଷ୍ଟ ଗ୍ରିନ୍, ଅନିକ୍ସ ବ୍ଲାକ୍, ବ୍ଲେଡ୍ ସିଲଭର, ଷ୍ଟର୍ମ ଷ୍ଟ୍ରାଇଟ୍ ଓ ମେଟାଲିକ୍ ଗ୍ରେ ରଙ୍ଗରେ ଉପଲବ୍ଧ । ଉଦୟପୁର, ୧୭ ଫେବୃଆରୀ ୨୦୨୬ ନିସାନ୍ ମୋଟର ଇଣ୍ଡିଆ ଆଜି ସମ୍ପୂର୍ଣ୍ଣ ନୂଆ ନିସାନ୍ ଗ୍ରାଭିଟେର ଶୁଭାରମ୍ଭ କରିଛି । ଯାହାର ଆରମ୍ଭିକ ମୂଲ୍ୟ




୫.୬୫ ଲକ୍ଷ ରଖାଯାଇଛି । ଏହି ନୂଆ ୭-ସିଟର୍ ଏମପିଭି ଭାରତରେ ନିସାନର ଏକ ନୂଆ ଅଧ୍ୟାୟର ଆରମ୍ଭ କରୁଛି । ଭାରତରେ ଡିଜାଇନ୍ ଓ ନିର୍ମାଣ ହୋଇଥବା ଏହି ଗାଡ଼ି ନିସାନର ଭାରତ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରକାଶ କରେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପ୍ରମେୟ ଏବଂ ନିୟୁଜ ୭ ର ଗ୍ରୁପ ଡାରେକଟର ହିମାଂଶୁ ହୋତା, ସମ୍ମାନିତ ଅତିଥି ଭାବେ ପାହଲ ଗ୍ରାମ୍ୟ ବଜାର ସଭାପତି ପ୍ରଦ୍ୟୁମ୍ନାଭ ପଟ୍ଟନାୟକ, ଅନ୍ୟତମ ଅତିଥି ରୂପେ ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ର ଡିଜିଏମ ପ୍ରଶାନ୍ତ ଭଟନାଗର, ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ର ଇଷ୍ଟ ଜୋନ ରିଜିଓନାଲ ହେଡ ଯୁବରାଜ ପାଟିଲ, ଜାନଭି ନିଶାନ ତଥା ଜାନଭି ଅଟୋ ମୋବାଇଲ ପ୍ରାଇଭେଟ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଜୟସ୍ୱାଲ ଏବଂ ଜାନଭି ନିଶାନ ଅଟୋ ମୋବାଇଲସ ପ୍ରାଇଭେଟ ଲିମିଟେଡ଼ର ସେଲସ ଆଣ୍ଡ ଅପେରସନ ଜି.ଏମ. ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା

# ମହାବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ

ଭଞ୍ଜନଗର,(ସବ୍ୟୁ): ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର କଳାଭୂମିରେ ଶୁକ୍ରବାର ଦିନ ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଉକ୍ତ ପ୍ରଦର୍ଶନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକଟର ଦିଲ୍ଲୀପ କୁମାର ଖୁଣ୍ଟିଆଙ୍କ ତ%ୀବଧାନ ଏବଂ କଳା ଶିକ୍ଷକ ଅକ୍ଷୟ କୁମାର ସେଠୀଙ୍କ ମାର୍ଗଦର୍ଶନ ରେ ବି. ଏଡ. ପ୍ରଥମ ବର୍ଷର ୧୦୦ ଗୁରୁ ଛାତ୍ରଛାତ୍ରୀ ନିଜ ନିଜର ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ସଂସ୍କୃତିରନି ଗୁରୁ ନାରାୟଣ ମହାରଣା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ମହାବିଦ୍ୟାଳୟର ନମୁନା କାର୍ଯ୍ୟକ୍ରମ ର ଭୂୟସୀ ପ୍ରଶଂସା କରିଥିଲେ ।

ଜଣେ ଶିକ୍ଷକ ପାଇଁ କଳାର ଆବଶ୍ୟକତାକୁ ଅନୁଭବ କରି ଶ୍ରେଣୀ କକ୍ଷରେ ଉତ୍ତମ କଳାକାର ହେବାପାଇଁ ଶିକ୍ଷକ ପ୍ରେରଣାର ଉତ୍ସ ହେବା ଆବଶ୍ୟକ । ଉକ୍ତ କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକଟର ରଞ୍ଜନ କୁମାର ନାୟକ, ଅମି ମିସାଲ , କେ. ପ୍ରକାଶ ରେଡ୍ଡି , ଡକଟର ସତ୍ୟବାଦୀ ମାର୍ଥା, ପ୍ରକାଶ କୁମାର ସାହୁ ଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ । ମହାବିଦ୍ୟାଳୟର ପ୍ରଥମ ଏବଂ ଦିତୀୟ ବର୍ଷର ପ୍ରାୟ ଦୁଇ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ନିକଟସ୍ଥ ସରକାରୀ ସୋମନାଥ ଅଭ୍ୟାସ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ମାନେ ଉକ୍ତ ପ୍ରଦର୍ଶିତ ଚିତ୍ର କଳା ଗୁଡ଼ିକ ଦେଖି ଭରପୁର ମଜା ଉଠାଇ ଥିଲେ । ପରିଶେଷରେ ପ୍ରଥମ ବର୍ଷର ସମସ୍ତ ଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ମୟୂରଭଞ୍ଜ ଜିଲ୍ଲା ପୋଲିସ

# ଆଇଆଇସି ସ୍ତରରେ ଅଦଳ-ବଦଳ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ପୋଲିସ ଆଇଆଇସି ସ୍ତରରେ ଅଦଳ-ବଦଳ କରିଛନ୍ତି ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀ। ବାରିପଦା ସଦର ଥାନା ଆଇଆଇସି ଭାବେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ ବଦଳି ହୋଇଥିବାବେଳେ ବାରିପଦା ଭଞ୍ଜପୁର ଥାନା ଆଇଆଇସି ଭାବେ ହେଡ୍‌କ୍ୱାଟାରରୁ ରଶ୍ମି ରଞ୍ଜନ ପୃଷ୍ଟି, ବାଙ୍ଗିରିପୋଷି ଥାନା ଆଇଆଇସି ଭାବେ ଖୁଣ୍ଟା ଥାନାରୁ ଆଇଆଇସି ପଞ୍ଚାନନ ମହାନ୍ତି, ଖୁଣ୍ଟା ଥାନା ଆଇଆଇସି ଭାବେ ବାରିପଦା ସଦର ଥାନାରୁ ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, ବେତନଟୀ ଥାନା ଆଇଆଇସି ଭାବେ ହେଡ୍‌କ୍ୱାଟାରରୁ କ୍ରିଷ୍ଣା ପିଙ୍ଗୁଆ, କରଞ୍ଜିଆ ଥାନା ଆଇଆଇସି ଭାବେ ହେଡ୍‌କ୍ୱାଟାରରୁ ମୃତ୍ୟୁଞ୍ଜୟ ପ୍ରଧାନ ଓ ହେଡ୍‌କ୍ୱାଟାରକୁ କରଞ୍ଜିଆ ଥାନା ଆଇଆଇସି ଶରତ ଚନ୍ଦ୍ର ମହାଳିକ୍ ପ୍ରମୁଖଙ୍କ ବଦଳି ହୋଇଛି। ବଦଳି ହୋଇଥିବା ଇନ୍ସପେକଟର ମାନଙ୍କୁ ତୁରନ୍ତ ନୂତନ ଥାନାରେ ଯୋଗଦେବାକୁ ଏସପି ଶ୍ରୀ ଗୁଣ୍ଟୁପାଲ୍ଲୀ ନିର୍ଦ୍ଦେଶ ଦେଇଛନ୍ତି।

DSPL- 10001/106/2526
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା
ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଇଞ୍ଜେକ୍ସନ୍
ହିତାଧିକାରୀଙ୍କ ପାଇଁ ସୂଚନା
• ନିରାପଦ, ଦୀର୍ଘକାଳୀନ ତଥା ପ୍ରଭାବଶାଳୀ ଗର୍ଭନିରୋଧକ
• ୪ ସପ୍ତାହର ଗ୍ରେସ୍ ପିରିୟଡ୍ ସହିତ ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ
• ବ୍ୟବହାର ପୂର୍ବରୁ ପେଲ୍‌ଭିକ୍ ପରୀକ୍ଷାର ଆବଶ୍ୟକ ନାହିଁ
• ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ ଉପଯୁକ୍ତ (ପ୍ରସବର ୬ ସପ୍ତାହ ପରେ)
• ସ୍ତନ୍ୟପାନକୁ ପ୍ରଭାବିତ କରେନାହିଁ
• ସୁବିଧାଜନକ ଏବଂ ବ୍ୟବହାର କରିବାକୁ ସହଜ
ଯଦି, ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଗ୍ରହଣକରିଥିବା ମହିଳାଙ୍କ କ୍ଷେତ୍ରରେ ଅନିୟନ୍ତ୍ରିତ ରକ୍ତସ୍ରାବ କିମ୍ବା ଆମେନୋରିଆ (ଋତୁସ୍ରାବ ବନ୍ଦ), ଅସ୍ୱାଭାବିକ ଓଜନ ବୃଦ୍ଧି, ଅଧିକ ମୁଣ୍ଡବିନ୍ଧା କିମ୍ବା ଚିଡ଼ିଚିଡ଼ା ଭାବ ଦେଖାଦିଏ ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।
OIPR: 10001/10003/2/25-26/0025
ବିଭିନ୍ନ ଗର୍ଭନିରୋଧକ ପଦ୍ଧତି
ଇଞ୍ଜେକସନ୍ ଏମ.ପି.ଏ.
ଜରୁରୀକାଳୀନ ଗର୍ଭନିରୋଧକ ବଟିକା
ଗର୍ଭନିରୋଧକ ବଟିକା
କପର-ଟି ଆଇ.ୟୁ.ସି.ଡି ୩୭୫ ଆଇ.ୟୁ.ସି.ଡି ୩୮୦ ଗ୍
କଣ୍ଡୋମ
ପୁରୁଷ ବନ୍ଧ୍ୟାକରଣ
ମହିଳା ବନ୍ଧ୍ୟାକରଣ
ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ
ଏହି ସେବା ପାଇବା ପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଲାନ୍‌କୋ ପାୱାର ପ୍ଲାଣ୍ଟକୁ ନେଇ କ୍ଷତିଗ୍ରସ୍ତ ପ୍ରଜାସଙ୍ଘର ଚେତାବନୀ



## କାରଖାନା ହେଲା ନାହିଁ, ଆମ ଜମି ଆମକୁ ଫେରାଅ

## ଲୋକ ବାହାମଣ୍ଡପ ପାଇଁ ଜମି ଦେଇନଥିଲେ- ଆଇନଜୀବୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ଖଡଗପ୍ରସାଦ ଓ କୁରୁଣ୍ଟି ଠାରେ ଥିବା ଲାନକୋ ବାବନ୍ଧ ପାୱାର ପ୍ଲାଣ୍ଟକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାର ନୂଆ ମୋଡ ନେଇଛି । ଏମଓୟୁ ଅନୁସାରେ କାରଖାନା ହେଲାନାହିଁ ଏଣୁ ନିୟମ ଅନୁସାରେ ଆମ ଜମି ଆମକୁ ଫେରାଅ ବୋଲି ପ୍ରଜାସଙ୍ଘ ଚେତାବନୀ ଦେଇଛି । ଓଡାପଡା ବ୍ଲକ ଖଡଗପ୍ରସାଦ, କୁରୁଣ୍ଟି ଗ୍ରାମ ନିକଟରେ ୧ ହଜାର ୨୩୨ ଏକର ଜମିରେ ୧୩୨୦ ମେଗାୱାଟ ବିଜୁଳି ଶକ୍ତି ଉତ୍ପାଦନପାଇଁ ଲାନକୋ ବାବନ୍ଧ ପାୱାର ପ୍ଲାଣ୍ଟ ପାଇଁ ୮ ହଜାର କୋଟି ଟଙ୍କା ବିନିଯୋଗ କରିବାର ଲକ୍ଷ୍ୟ ରଖିଥିଲା । କିନ୍ତୁ ମୁମ୍ବାଇର ନାସନାଲ କମ୍ପାନୀ ଲ ଟ୍ରାଇବୁନାଲ ଏହାକୁ ଦେବାଳିଆ ଦର୍ଶାଇବା ଦ୍ୱାରା ଏହା ବନ୍ଦ ହୋଇରହିଗଲା । ଲାନକୋ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଓ ବାକି ଥିବା ପେମେଣ୍ଟ ସହିତ କମ୍ପାନୀ ଜମିହରା ପ୍ରଜାଙ୍କୁ ଜମି ବାବଦ ବକେୟା ଟଙ୍କା, ଚାକିରୀ, ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ, ପ୍ରତିଶ୍ରୁତି ମୂଳକ ଚାକିରୀ ଓ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ କରିନଥିବା ଓ ଜମି ହରାଙ୍କୁ ତାଙ୍କ ଜମି ଫେରସ୍ତ ଦେଲାନାହିଁ । ଫଳରେ ବାରମ୍ବାର ଆନ୍ଦୋଳନପରେ ପୂର୍ବ ସମୟରେ ଜମି ବାବଦକୁ ୧ ଶହ କୋଟି ୫ଲକ୍ଷ ୬୦ ହଜାର, ନିର୍ମାଣ କାର୍ଯ୍ୟ ପାଇଁ ୧୮ କୋଟି ୨୦ଲକ୍ଷ, ଧାନ ଚାଷ ପାଇଁ ଏକରକୁ ବାର୍ଷିକ ୫ କ୍ୱିଣ୍ଟାଲ ଧାନ ହିସାବରେ ୧୫ କୋଟି, ନିଯୁକ୍ତି ପାଇଁ ୩ କୋଟି ୪୦ ଲକ୍ଷ, ଦରମା ପାଇଁ ୪୦ଲକ୍ଷ ଏବଂ ଚାକିରି ପ୍ରତିଶୃତି ପାଇଁ ୪୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଥିଲା । କିନ୍ତୁ କାରଖାନା କର୍ତ୍ତୃପକ୍ଷ କୌଣସି ପ୍ରତିଶ୍ରୁତି ପାଳନ କରିନାହିଁ । ଗତ ୨୦୦୬ ମସିହାରେ ଲାନକୋ କାରଖାନା ପାଇଁ ଏମଓୟୁ କରିଥିବା ବେଳେ କମ୍ପାନୀ ବ୍ଲାକ ଲିଷ୍ଟେଡ ହେବା ପରେ ୫ ବର୍ଷ ମଧ୍ୟରେ କାରଖାନା କରିପାରିଲା ନାହିଁ । ସରକାରଙ୍କ ନିୟମ ଅନୁସାରେ ପ୍ରଜାମାନଙ୍କୁ ଜମି ଫେରାଇ ଦେବାର ନିୟମ ରହିଛି ।

ଘଟଣାକୁ ନେଇ ଯୁବ ନେତା ଅବିନାଶ ସାମଲ କହିଛନ୍ତି, ଗ୍ରାମବାସୀମାନେ ଜମି ଫେରିପାଇବା ନିହାତି ଦରକାର । ଲାନକୋ ସାଫରନ, ସାଫରନ ଜେଏସଡବ୍ଲୁକୁ ସମସ୍ତ ନୀତି ନିୟମକୁ ଉଲଙ୍ଘନ କରି ବିକ୍ରୀ କରିଛି । ସାଫରନ ୯୨କୋଟି ଟଙ୍କାରେ କିଣି ୮୮୭ ଏକର ଜମିକୁ ୬୯୦କୋଟିରେ ବିକ୍ରି କରିଛି । ଜିଲ୍ଲାପାଳଙ୍କୁ ସମସ୍ତ ବିଷୟରେ ଅବଗତ କରାଯାଇଛି । ଏଣିକି ଅତ୍ୟାଧୁନିକ ଶୈଳୀରେ ଆନ୍ଦୋଳନ ହେବ ବୋଲି କହିଛନ୍ତି । ଆଇନ ଅନୁସାରେ ଆଜି ୫ଜଣ ଆସନ୍ତା କାଲି ୫୦ଜଣ ଆଇନର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ସେହିପରି ପ୍ରଜାମାନଙ୍କ ତରଫରୁ ଆସିଥିବା ଆଇନଜୀବୀ ଲଳିତ କୁମାର ମିଶ୍ରଙ୍କ କହିବା ଅନୁସାରେ ସରକାର ପ୍ରଜାମାନଙ୍କ ଠାରୁ ଜମି କିଣିବା ପରେ ତାକୁ କିପରି ବିକ୍ରି କରାଗଲା ତାହା ତଦନ୍ତ ସାପେକ୍ଷ । ପ୍ରଜା ମାନେ ବାହା ମଣ୍ଡପ ପାଇଁ ଜମି ଦେଇନଥିଲେ ବୋଲି କହିବା ସହିତ ଯେଉଁ ଲକ୍ଷ୍ୟରେ ଜମି ଦେଇଥିଲେ ସେହି ଲକ୍ଷ୍ୟ ପୂରଣ ନହେଲେ ଜମି ଫେରାଇ ଦେବାକୁ କହିଛନ୍ତି ।

ସେହିପରି ୮୮୭ ଏକର ଜମିକୁ ୯୨କୋଟିରେ କିଣି ୬୯୦କୋଟିରେ ବିକ୍ରୀ କରିବା ଦ୍ୱାରା ସରକାରଙ୍କର ୨୫୦କୋଟି କ୍ଷତି ହୋଇଛି । ଇଡକୋ ମଧ୍ୟ ନୀତି ନିୟମକୁ ଉଲଙ୍ଘନ କରି ସମସ୍ତ କାର୍ଯ୍ୟ କରିଛି ବୋଲି କହିବା ସହିତ ଜମି ଅଧିଗ୍ରହଣ ଆଇନର ଉଲଙ୍ଘନ ହୋଇଥିବାର କହିଛନ୍ତି । ଜିଲ୍ଲାପାଳ ସମସ୍ତଙ୍କ ଆପତ୍ତି ଅଭିଯୋଗ ଶୁଣିବା ପରେ ମାମଲାକୁ ଆସନ୍ତା ଏପ୍ରିଲ ୪ ତାରିଖକୁ ଧାର୍ଯ୍ୟ କରିଛନ୍ତି । ଏହି ବୈଠକରେ ଖଗଡପ୍ରସାଦ, କୁରୁଣ୍ଟି ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ ।

# ପାଞ୍ଚ ବର୍ଷର ନାବାଳକଙ୍କୁ ଗଳାକାଟି ହତ୍ୟା



ରାୟଗଡା,(ସବ୍ୟୁ): ପାଞ୍ଚ ବର୍ଷର ନାବାଳକଙ୍କୁ ଅପହରଣ ପରେ ଗଳା କାଟି ହତ୍ୟା । ଏଭଳି ଘଟଣା ଘଟିଛି ବିଷମକଟକ ଥାନା ଅନ୍ତର୍ଗତ ଚାଟିକଣା ରେଳ ଷ୍ଟେସନ ସାହିରେ। ହାତ୍ୟାର ଶିକାର ହୋଇଥିବା ନାବାଳକ ଜଣକ ପୁରୁଷୋତ୍ତମ ଗନ୍ତାୟତଙ୍କ ବଡ଼ ପୁଅ ଋଷି ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ରାତି ୯. ୨୩ ମିନଟରେ ଋଷିର ମାମୁଁଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ମେସଜ ଆସିଥିଲା। ସେହି ମେସେଜରେ ନାବାଳକ ଋଷିକୁ ସେମାନେ ଅପହରଣ କରିଥିବା ଉଲ୍ଲେଖ କରିବା ସହ ୪ ଲକ୍ଷ ଟଙ୍କା ଦାବୀ କରାଯାଇଥିଲା। ସକାଳ ସୁଦ୍ଧା ୪ଲକ୍ଷ ଟଙ୍କା ନ ଦେଲେ ଋଷିକୁ ହତ୍ୟା କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏ ସଂକ୍ରାନ୍ତରେ ପୋଲିସ କିମ୍ବା କୌଣସି ବାହାର ଲୋକକୁ ଜଣେଇଲେ ଏହାର ପରିଣାମ ଭୟଙ୍କର ହେବ ବୋଲି ଧମକ ମଧ୍ୟ ଉଲ୍ଲେଖ ରହିଥିଲା। ଋଷିଙ୍କ ମାମୁଁକୁ ଏହି ମେସେଜ ଆସିବା ପରେ ଏ ସଂକ୍ରାନ୍ତରେ ଋଷିର ବାପା ପୁରୁଷୋତ୍ତମଙ୍କୁ ଜଣାଇଥିଲେ। ପରେ ପରିବାର ଲୋକ ଋଷିକୁ ବହୁ ଖୋଜାଖୋଜି କରିବା ପରେ କିଛି ଘଣ୍ଟା ପରେ ନାବାଳକ ଋଷି ତାଙ୍କ ପୁରୁଣା ଘର ପଛ ପଟେ ରାତି ୯.୪୫ ସମୟରେ ମୃତ୍ୟୁ ଦେହ ଦେଖିବାକୁ ମିଳିଥିଲା। ତୁରନ୍ତ ବିଷମକଟକ ପୁଲିସକୁ ସୂଚନା ଦେଇଥିଲେ। ପରିବାର ଲୋକଙ୍କ ସହ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରି ଘଟଣାରେ ପରିବାର ଲୋକ ସାମିଲ ଥିବା ସନ୍ଦେହ କରି ସେମାନଙ୍କୁ ଉଠାଇ ନେଇ ପଚରାଉଚରା କରୁଛି ବିଷମକଟକ ପୋଲିସ। ପରିବାର ପକ୍ଷରୁ କୁହାଯାଇଛି ଯେ ଋଷିଙ୍କ ଦାଦା ବିପିନ ଗନ୍ତାୟତ ତାଙ୍କୁ ବାହାରକୁ ନେଇଥିଲେ। କିନ୍ତୁ ଫେରିବା ବେଳକୁ କେହି ଦେଖି ନାହାଁନ୍ତି। ପୁଣି ଆଉ ଗୋଟିଏ କଥା ହେଲା ଋଷିଙ୍କ ଜେଜେ ମାଁଙ୍କ ନାମରେ ବ୍ୟାଙ୍କ ଜମାରାଶି ଥିଲା । ତାହା ନେବାପାଇଁ ଦାଦାଙ୍କ ବିଭିନ୍ନ ଚେଷ୍ଟା କରୁଥିବା ହେତୁ ଏପରି ଘଟଣା ଘଟାଇ ପାରନ୍ତି ବୋଲି ଆଲୋଚନା ହେଉଛି। ତେବେ ପୁଲିସ ଆସିଥିବା ଧମକ ମେସେଜ କେଉଁଠୁ ଆସିଲା। ସେ ବ୍ୟକ୍ତି କିଏ । ପରିବାର ସମସ୍ତ ମୋବାଇଲ କଲର ବିବରଣୀ ଯାଞ୍ଚ କରୁଥିବା ବେଳେ ମୃତ୍ୟୁ ଋଷିଙ୍କ ଦାଦା ଏବଂ ପାପାଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଥିବା ମଧ୍ୟ ଖବର ମିଳିଛି।

# ବିକଶିତ ଭାରତ', 'ବିକଶିତ ଓଡ଼ିଶା' ଲୋକଙ୍କ ପାଇଁ ବଜେଟ୍ ଉତ୍ସର୍ଗୀକୃତ: ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ

ଝାରସୁଗୁଡ଼ା,(ସବ୍ୟୁ): ଚଳିତ ବର୍ଷ ବଜେଟ୍ 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା' ଗଠନରେ ସହାୟକ ହେବ ବୋଲି କହିଛନ୍ତି ସ୍ବାସ୍ଥ୍ୟ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ । ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଡ଼. ମହାଲିଙ୍ଗ ଯୋଗଦେଇ ଚଳିତ ବର୍ଷ ବଜେଟ୍ ଉପରେ ଆଲୋକପାତ କରିଥିଲେ । ଗ୍ରାମୀଣ ଓଡ଼ିଶାର ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗ୍ରାମୀଣ ଭିତ୍ତିଭୂମିର ବିକାଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଗ୍ରାମାଞ୍ଚଳର ଭିତ୍ତିଭୂମି ତଥା ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଲୋକଙ୍କପାଇଁ ଉତ୍ସର୍ଗୀକୃତ



।ଏହି ଯୋଜନା ଦ୍ୱାରା ରାଜ୍ୟର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ଅଭିବୃଦ୍ଧିରେ ଗ୍ରାମାଞ୍ଚଳର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ଚାଷୀ, ମହିଳା, ଯୁବବର୍ଗ, ବେତନଭୋଗୀ, ମଧ୍ୟବିତ୍ତ, ସ୍ବାସ୍ଥ୍ୟ ସେବା, ନିଯୁକ୍ତି, ଶିକ୍ଷା ଏବଂ ପ୍ରତିରକ୍ଷା ପରି ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି । ଚଳିତ ବଜେଟରେ ଆୟୁର୍ବେଦ ଠାରୁ ଆରମ୍ଭ କରି ଏଆଇ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଇଛି । 'ବିକଶିତ ଭାରତ ୨୦୪୭' ଏବଂ 'ବିକଶିତ ଓଡ଼ିଶା ୨୦୩୬' ଗଢ଼ିବା ପାଇଁ ଏହା ଏକ ଶ୍ରେଷ୍ଠ ରୋଡମ୍ୟାପ୍ ହେବା ସହିତ ସବୁବର୍ଗର ଆଶା ପୂରଣ କରିପାରିବାରେ ସକ୍ଷମ ହେବ କହିଥିଲେ ମନ୍ତ୍ରୀ ଡ଼. ମହାଲିଙ୍ଗ । ଚଳିତ ବର୍ଷ ବଜେଟରେ ୩. ୧୦ ଲକ୍ଷ କୋଟି ର ହୋଇଥିବା ବେଳେ ୧୬ କୋଟି ଟଙ୍କା କେବଳ ଶିକ୍ଷା ସଂସ୍ଥାର ଉନ୍ନତି ପାଇଁ ଦିଆଯାଇଛି । ୪ ଟି ନୂତନ ବିଶ୍ୱ ବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇ ସାରିଥିବା ବେଳେ ଏଥିରେ ଝାରସୁଗୁଡା ସ୍ଥାନ ପାଇଛି । ସେହିପରି ୪ ଟି ଆୟୁର୍ବେଦିକ କଲେଜ, ୬ ଟି ମେଡିକାଲ କଲେଜ, ୨ ଟି ଇଞ୍ଜିନିଅରିଂ କଲେଜ, ୨ ଟି ହୋମିଓପ୍ୟାଥିକ କଲେଜ ସହ କୃଷି ବିଶ୍ୱ ବିଦ୍ୟାଳୟ ଓ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ପାଇଁ ବଜେଟରେ ନିଷ୍ପତି ନିଆଯାଇଥିବା ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ହେଉଛି ପ୍ରକୃତରେ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ର । ସବକା ସାଥ୍, ସବକା ବିକାଶ୍, ସବକା ବିଶ୍ୱାସ୍, ସବବା ପ୍ରୟାସ୍'ର ଏକ ଶ୍ରେଷ୍ଠ ନିଦର୍ଶନ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ କହିଥିଲେ । ଅଟଳ ରକ୍ତଦାନ ଯୋଜନା, ୧ ହଜାର ଆଇ ସି ୟୁ ବେଡ଼, ୫ ହଜାର ନୂତନ ବେଡ଼ ବ୍ୟବସ୍ଥା, ସାମାଜିକ କଲ୍ୟାଣ ଯୋଜନାରେ ୬ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ମଧୁବାବୁ ପେନସନ ଯୋଜନା ରେ ଭତ୍ତା ପ୍ରଦାନ ଉପରେ ଶ୍ରୀ ତ୍ରିପାଠୀ ଆଲୋକପାତ କରିବା ସହ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଏକ ଜନ କଲ୍ୟାଣକାରୀ ବଜେଟ ବୋଲି କହିଥିଲେ।

## ମାରାଗୁଡା ଲୋକ ମହୋତ୍ସବ-୨୦୨୬

# ସଫଳ ପରିଚାଳନା ପାଇଁ ଅଭ୍ୟର୍ଥନା କମିଟି ବୈଠକ

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲାର ଲୋକ କଳା, ସାହିତ୍ୟ, ସଂସ୍କୃତିର ମହାପାର୍ବଣ ମାରାଗୁଡା ଲୋକ ମହୋତ୍ସବ- ୨୦୨୬ ର ସଫଳ ଆୟୋଜନ ପାଇଁ ଅଭ୍ୟର୍ଥନା କମିଟିର ଏକ ବୈଠକ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ସମସ୍ତଙ୍କୁ ସ୍ବାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଦାଶ ମାରାଗୁଡା ଲୋକ ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମହୋତ୍ସବକୁ ରାଜ୍ୟପାଳ ଡ଼ଃ ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମଙ୍କ ସହିତ ଅନ୍ୟାନ୍ୟ ମନ୍ତ୍ରୀ, ବିରୋଧୀଦଳ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ମହୋତ୍ସବ ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ନୂଆପଡା ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନଏସି ଅଧକ୍ଷା ଡ଼ଃ ସୋନିଆ ଜୈନ, ନୂଆପଡା କ୍ରିକେଟ ସଂଘ ସଭାପତି ସରୋଜ କୁମାର ସାହୁ, ନୂଆପଡା ବିଡିଓ ରୋହିତ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହାରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ନିଜାରତ ଅଧିକାରୀ ଘନଶ୍ୟାମ ମୁଣ୍ଡ, ଡି ଏସ ପି ରମାକାନ୍ତ ଜେନା, ଜେକେଏସଏସ ଉପାଧକ୍ଷ ଅର୍ଜୁନ ଛତ୍ରୀଆ ପ୍ରମୁଖ ଉପସ୍ଥିତ ଥିଲେ।

# ରେଡ଼କ୍ରସ ପରାମର୍ଶଦାତାଙ୍କ ପ୍ରଶିକ୍ଷଣ ଶିବିର

ବୌଦ୍ଧ,(ସବ୍ୟୁ): ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ ଠାରେ ଜୁନିୟର ରେଡକ୍ରସ ପରାମର୍ଶଦାତା ମାନଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେବା ମନୋଭାବ ପ୍ରତି ସ୍ବତଃପ୍ରବୃତ୍ତ ଭାବରେ ଆଗ୍ରହ ପ୍ରକାଶ, ସମ୍ବେଦନଶୀଳ ହେବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଓ ଭାସ୍କର ଚରଣ ଲେଙ୍କା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ନବ କିଶୋର ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୁନିୟର ରେଡକ୍ରସ୍ ୟୁନିଟ ଖୋଲିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରାଥମିକ ଚିକିତ୍ସା , ଅଂଶୁଘାତ ସଚେତନତା, ଏଚ ଆଇ ଭି ଏଡ଼ସ , ସଡ଼କ ସୁରକ୍ଷା ସଚେତନତା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବା କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟକୁ ସଫଳ କରିବା ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲାର ପ୍ରମୁଖ ଉତ୍ସବ ରଥ ଯାତ୍ରା, ରାମଲୀଳା ଯାତ୍ରା, ମହାବିଷୁବ ସଂକ୍ରାନ୍ତିରେ ସେବା ଶିବିର, ଜଳଛତ୍ର ଆଦି ଆୟୋଜନ କରିବା ନିମନ୍ତେ ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଦୁବେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ନବ କିଶୋର ଦୀପ, ସନ୍ତୋଷ ସ୍ବାଇଁ, ବନମାଳୀ ମେହେର, ମନଜିତ ମୋହନ ଚାନ୍ଦ, ଗିରିଜା ଶଙ୍କର ବାଘ ଜୁନିୟର ରେଡକ୍ରସ୍ ପରାମର୍ଶଦାତା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ପରାମର୍ଶଦାତା କୃଷ୍ଣଚନ୍ଦ୍ର ସେଠୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ନବ କିଶୋର ଦୀପ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସ୍ ବ୍ଲକ୍ ସଂଯୋଜକ ମାନଙ୍କ ସହିତ ବିଦ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

## ଗାଡି ଧକ୍କାରେ ଜଣେ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଥାନା ଅନ୍ତର୍ଗତ ୨୬ ନମ୍ବର ଜାତୀୟ ରାଜପଥ ଚାରଗାଁ ଛକ ଠାରେ ମହିନ୍ଦ୍ରା ଗାଡି ଧକ୍କାରେ ୪୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ନାମ ପିତାମ୍ବର ପୂଜାରୀ ଘର ଚାରଗାଁ ବୋଲି ଜଣାପଡିଛି। ମୃତ ବ୍ୟକ୍ତିଙ୍କ କ୍ଷତି ପୂରଣ ଦାବିରେ ଥାନା ସମ୍ମୁଖରେ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ମାନେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଜାତୀୟ ରାଜପଥ ଅବରୋଧ କାରଣରୁ ଗାଡି ଯାତାୟାତ ପ୍ରାୟ ଚାରି ଘଣ୍ଟା ଠପ ହୋଇଥିଲା। ଘଟଣାସ୍ଥଳରେ ଥାନା ଅଧିକାରୀ ରାମାନନ୍ଦ ସାହୁ ପହଞ୍ଚି ଲୋକଙ୍କୁ ବୁଝାସୁଝା ପରେ ରାସ୍ତାରୋକରୁ ଉଠିଥିଲେ ଉତ୍ୟକ୍ତ



ଲୋକେ। ପ୍ରକାଶ ଥାଉକି ଶୁକ୍ରବାର ସନ୍ଧ୍ୟାରେ ୭ ଟା ରେ ଦୁର୍ଘଟଣା ଘଟିଥିଲା। ମୃତ ବ୍ୟକ୍ତିଙ୍କ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ ପରେ ଥାନାରେ କେସ ନମ୍ବର ୬୧/୨୦୨୬ ଦଫା ୨୮୧/ ୧୨୫(ଏ) ,୧୨୫(ବି),ବିଏନଏସ ରେ ମାମଲା ରୁଜୁ କରିଥିବା ନେଇ ସୂଚନା ଦେଇଛନ୍ତି । ଏଏସଆଇ ସସ୍ମିତା ନାୟକ ଘଟଣାର ଅଧିକ ତଦନ୍ତ କରୁଛନ୍ତି। ମୃତ ପିତାମ୍ବର ପୂଜାରୀଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲେ।

# ଆତ୍ମବିଶ୍ୱାସ, ଏକାଗ୍ରତା ଓ ନିରନ୍ତର ପ୍ରୟାସ ଜରୁରୀ



ଜୟପାଟଣା,(ସବ୍ୟୁ): ସ୍ଥାନୀୟ ଇନ୍ଦ୍ରାବତୀ ଡିଗ୍ରୀ ମହାବିଦ୍ୟାଳୟର ୩୭ତମ ବାର୍ଷିକୋତ୍ସବ ପାଳନ ସହ ନୂତନ ଭବନର ଶୁଭ ଉଦଘାଟନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥଲେ । ମୁଖ୍ୟ ବକ୍ତା ଭାବରେ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ କଳାହାଣ୍ଡିର ଅତୀତ ସଫଳତାର ବାର୍ତ୍ତା ପ୍ରଦାନ କରିଥିବା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ଥାନୀୟ ତହସିଲଦାର ସୁଶ୍ରୀ ଦୀପ୍ତିରେଖା ବାଗ ଓ ସାଂସଦ ପ୍ରତିନିଧି ଅବିନାଶ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାର୍ଷିକୋତ୍ସବରେ କଲେଜର ଅଧକ୍ଷ ବୈଦ୍ୟନାଥ ପାଢ଼ୀ ସଭାପତିତ୍ୱ କରିଥିବାବେଳେ ଇଂରାଜୀ ଅଧାପକ ମାନସ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଜୀବନର ସଫଳତାର ତିନୋଟି ମନ୍ତ୍ର ଯଥା-ଆତ୍ମବିଶ୍ୱାସ, ଏକାଗ୍ରତା ଓ ନିରନ୍ତର ପ୍ରୟାସ ସମ୍ପର୍କରେ କଲେଜ ଅଧକ୍ଷ ପାଢ଼ୀ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେବା ସହ କ୍ରମାଗତ ଭାବରେ ଆର୍ଥିକ ସହାୟତା ପ୍ରଦାନ କରିଥା ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ମୁଖ୍ୟ ଅତିଥି ଶ୍ରୀ ଦିଶାରୀ ତାଙ୍କର ଉକ୍ତ ମହାବିଦ୍ୟାଳୟରେ ପଢୁଥିବା ସମୟର ସ୍ମୃତିଚାରଣ କରିଥିଲେ। ଉକ୍ତ ଉତ୍ସବରେ ପୂର୍ବରୁ କୃତିତ୍ୱ ହାସଲ କରିଥିବା ପୁରୁଣା ଛାତ୍ରଛାତ୍ରୀ ମାନଙ୍କୁ ଅପନ୍ନାଦେବୀ ବେଷ୍ଟ ସ୍କୋଲାର ଆୱାର୍ଡ ଓ ସତ୍ୟନାରାୟଣ ମେମୋରିଆଲ ବେଷ୍ଟ ଆୱାର୍ଡ ୨୦୧୮-୨୦୨୫ ଭାବରେ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସ୍ତରୀୟ, ରାଜ୍ୟ ସ୍ତରରେ ପୁରସ୍କୃତ ହେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଚଳିତ ବର୍ଷ ବାର୍ଷିକୋତ୍ସବ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏତଦ ବ୍ୟତୀତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଅର୍ଥାତ ୩୭ଜଣ କର୍ମଚାରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ ।

# 'ବାଲ୍ୟ ବିବାହ ମୁକ୍ତ ଭାରତ' ଅଭିଯାନ- କର୍ମଶାଳା ଓ ପଦଯାତ୍ରା

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା ପ୍ରଶାସନର ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ବାଲ୍ୟ ବିବାହ ମୁକ୍ତ ଭାରତ ୧୦୦ ଦିନିଆ ଅଭିଯାନ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଓ ପଦଯାତ୍ରା ସମ୍ପାଦିତ ହୋଇଥିଲା । ଉପ-ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ରୋକିବା ଏବଂ ଶିଶୁ ସୁରକ୍ଷା ଅଧିକାର ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। କର୍ମଶାଳା ପୂର୍ବରୁ ସକାଳ ୯ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ବିଶାଳ ସଚେତନତା ପଦଯାତ୍ରା ବାହାରିଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ଗର୍ଡିଆ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନୱାଡ଼ି କର୍ମୀ, ସଖୀ, ଶକ୍ତି ସଦନ ଏବଂ ଗଉଓଉଉଅ ସଂଗଠନର କର୍ମକର୍ତ୍ତାମାନେ ସାମିଲ ହୋଇ ବାଲ୍ୟ ବିବାହ ବିରୋଧରେ ସ୍ଲୋଗାନ ଦେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସିଡବ୍ଲ୍ୟୁସି ଅଧକ୍ଷ ଆଶିଷ ପଣ୍ଡା ଯୋଗଦେଇଥିଲେ। ସେ ଚାଇଲ୍ଡ ଲାଇନର ଭୂମିକା, ଶିଶୁ ସୁରକ୍ଷା ପାଇଁ ଥିବା ଆଇନଗତ ପଦକ୍ଷେପ ଏବଂ ରେସ୍କ୍ୟୁ ପ୍ରକ୍ରିୟା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ଅଭିଯାନର ଷ୍ଟାର ପ୍ରଚାରକ ମୀନାକ୍ଷୀ ରାଜ ଏବଂ ଜେଣ୍ଡର ସ୍ପେସିଆଲିଷ୍ଟ ଲୁବ୍ଲିରାଣୀ ପଟେଲ ଗ୍ରାମାଞ୍ଚଳ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୦୦ ଦିନ ଧରି ଚାଲିଥିବା ସଚେତନତା କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବାଲ୍ୟ ବିବାହ ରୋକିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସରପଞ୍ଚ, ଶିକ୍ଷକ ଏବଂ ଗ୍ରାମୀଣ କଳାକାରମାନଙ୍କୁ ସମ୍ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ସମଗ୍ର କାର୍ଯ୍ୟକ୍ରମଟି ଜ୍ଞାନସେନୀ ମହାନନ୍ଦଙ୍କ ଦ୍ୱାରା ସଂଚାଳିତ ହୋଇଥିବା ବେଳେ ଜିଲ୍ଲା ସମନ୍ୱୟକ ଲିଲେଶ୍ୱର ସାହୁ ପ୍ରତ୍ୟକ୍ଷ ଭାବେ ନିରୀକ୍ଷଣ କରିଥିଲେ ।

# ଦିଗଶିରା ସ୍କୁଲ କମିଟିର ପୂର୍ବତନ ସଭାପତିଙ୍କ ପରଲୋକ

ଡୁଙ୍ଗୁରିପାଲି,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ସୁନାଙ୍କ ପିତା ସନମତ ସୁନା (୮୯)ଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି । ସ୍ବାସ୍ଥ୍ୟଗତ କାରଣରୁ ନିଜ ଘରେ ଦୀର୍ଘ ଦିନ ହେବ ଶଯ୍ୟାଶାୟୀ ଥିଲେ । ସେ ଜଣେ ପରୋପକାରୀ, ମେଳାପୀ ବ୍ୟକ୍ତିଥିଲେ । ଦିଗଶିରା ଗ୍ରାମର ଭିଲେଜ କମିଟିର ପୂର୍ବତନ ସଭାପତି , ଐତିହାସିକ ପରମ୍ପରା କୈଳାସୀ ଯାତ୍ରା ମହୋତ୍ସବର ପୂର୍ବତନ ସଭାପତି ଓ ଦିଗଶିରା ସ୍କୁଲ କମିଟିର ପୂର୍ବତନ ସଭାପତି ରହିଥିଲେ। ତାଙ୍କର ମୃତ୍ୟୁ ସମୟରେ ପୁଅ କୁମର ସୁନା, ଦୀନବନ୍ଧୁ, ଝିଅ ଭାନୁମତି , ବୋହୂ କୌଶଲ୍ୟାଙ୍କ ସମେତ ନାତି ନାତୁଣୀ , ବନ୍ଧୁ ବାନ୍ଧବ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଗାଁ ଅଙ୍ଗନଦୀ ଠାରେ ଥିବା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ ସମ୍ପନ ହୋଇଥିଲା ।

# ସାମାଜିକ ସଦଭାବନା ସଭା

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ରାଷ୍ଟ୍ରୀୟ ସ୍ବୟଂ ସେବକ ସଂଘର ବଙ୍ଗୋମୁଣ୍ଡା ବ୍ଲକସ୍ତରୀୟ ସାମାଜିକ ସଦଭାବନା ସଭା ଅନୁଷ୍ଠିତହୋଇଯାଇଛି । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଂଘ ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମାଜିକ ସଦଭାବନା ବୈଠକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ହୋଇଥିଲା ।

# ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ଜଣେ ଛାତ୍ର ବତ୍ସଳ ଆଦର୍ଶ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ବେହେରାଙ୍କୁ ଜୁନାଗଡ ବ୍ଲକ ଅନ୍ତର୍ଗତ ଗଉଡଛେଣ୍ଡିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠରେ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଭିଭାବକମାନେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ନିଜ କର୍ମମୟ ଜୀବନ ମଧ୍ୟରେ ଗୋଟିଏ ବେସରକାରୀ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରିଥିଲେ। ତାଙ୍କରି ଉଦ୍ୟମ ବଳରେ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତିର ସହ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷା ପାଇ ବର୍ତ୍ତମାନ ଦେଶ



ବିଦେଶରେ ଚାକିରୀ କରିବାର ଶୋଭାଗ୍ୟଲାଭ କରିଛନ୍ତି। ଜଣେ ମିଷ୍ଟଭାଷୀ, ପରିଶ୍ରମି ଏବଂ କର୍ତ୍ତବ୍ୟପରାୟଣତା ଯୋଗୁଁ ସେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଶେଷ କରି ଅଭିଭାବକମାନଙ୍କ ପ୍ରଶଂସାର ପାତ୍ର ହୋଇପାରିଥିଲେ। ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଗୋଉଡଛେଣ୍ଡିଆ ଅଞ୍ଚଳର ବୟୋବୃଦ୍ଧ ବର୍ଷୀୟାନ୍ ବ୍ୟକ୍ତି ଟିକ୍ଲୁନ୍ ନାଗ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଏବିଇଓ ସୁଶାନ୍ତ କୁମାର ଠାକୁର ଯୋଗଦେଇଥିଲେ। ଏହି ବିଦାୟକାଳିନ ସଭାରେ ଗଉଡ ଛେଣ୍ଡିଆ ସରପଞ୍ଚ ଶିବପ୍ରସାଦ ହାତୀ, ସ୍କୁଲ ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ହାତୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ବେହେରାଙ୍କ ନୀତି, ଆଦର୍ଶ କର୍ତ୍ତବ୍ୟ ନିଷ୍ଠା ଯୋଗୁଁ ଉକ୍ତ ବିଦ୍ୟାଳୟ ଜିଲ୍ଲାର ଏକ ଅଗ୍ରଣୀ ବିଦ୍ୟାଳୟରେ ପରିଗଣିତ ହୋଇଥିବା ପ୍ରକାଶ କରିଥିଲେ। ଅତିଥିମାନଙ୍କ ସମେତ ଶହ ଶହ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ଗ୍ରାମରେ ନେଇ ପହଞ୍ଚାଇ ଥିଲେ । ବିଦାୟୀ ଶିକ୍ଷକ ଶ୍ରୀ ବେହେରା ନିଜ ଚାକିରୀ ଜୀବନକୁ ସ୍ମରଣୀୟ ରଖିବା ସକାଶେ ଅବସର ଦିନ ନିଜ ସମ୍ପର୍କୀୟ ପରିବାର ବର୍ଗ ବିଭିନ୍ନ ଗ୍ରାମରୁ ଆସିଥିବା ଶୁଭେଚ୍ଛୁ ଏବଂ ଅତିଥିମାନଙ୍କୁ ଏକ ନୈଶ୍ୟ ଭୋଜିରେ ଆପ୍ୟାୟିତ କରିଥିଲେ।

# ସରିଆଁ ଆମ୍ବତୋଟାରେ ନିଆଁ, ଆୟତ୍ତ କଲେ ଯୁବଗୋଷ୍ଠୀ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ସରିଆଁ ଆମ୍ବତୋଟାରେ ସୋମବାର ରାତିରେ ନିଆଁ ଲାଗିଥିଲା। ଏହା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ଯୁଗ୍ମ ସଂପାଦକ ତଥା ଯୁବ ଶିକ୍ଷାବିତ୍ ସୁଧୀର କୁମାର ଧଙ୍ଗଡ଼ାମାଝୀଙ୍କ ଦୃଷ୍ଟିଗୋଚର ହେବାରୁ ସେ ବନ ବିଭାଗ ଓ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ତାଙ୍କ ସୂଚନା କ୍ରମେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସରିଆଁର ପ୍ରଧାନଶିକ୍ଷକ ଗଙ୍ଗା ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନର ସଂପାଦକ ମିଳନ କୁମାର ଭୋଇ, ସଦସ୍ୟ ସୁନନ୍ଦ ଭୋଇ, ପ୍ରତ୍ୟୁଷ କୁମାର ଭୋଇ, ଜିତେନ୍ଦ୍ର ଭୋଇ ଓ ଶିବ ମନ୍ଦିର ପୂଜକ ଧୋବା ଥନାପତି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ସ୍ବାଗତ କରାଯିବା ସହ ବନାଗ୍ନି ନିୟନ୍ତ୍ରଣ ଦିଗରେ ବନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯିବାକୁ ଦାବି ହେଉଛି। ବୃକ୍ଷ ଓ ପରିବେଶର ସୁରକ୍ଷା କେବଳ ପ୍ରଶାସନର କାମ ନୁହେଁ, ଆମ ସମସ୍ତଙ୍କର ଦାୟିତ୍ୱ। ତେଣୁ ଏଥିପାଇଁ ଜନସାଧାରଣ ସହଯୋଗ କରିବାକୁ ଦେବଗିରି ଓ ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆହ୍ୱାନ କରାଯାଇଛି।

# 'ଅପରେସନ ନେତ୍ର'ରେ ଡକାୟତି ମାମଲାର ପର୍ଦ୍ଦାଫାଶ, ୯ ଗିରଫ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ପୋଲିସ 'ଅପରେସନ ନେତ୍ର' ମାଧ୍ୟମରେ ଏକ ବଡ଼ ସଫଳତା ହାସଲ କରିଛି। ଲଇକେରା ଥାନା ଅଧୀନ ତାଲମୁଣ୍ଡା ଗ୍ରାମରେ ଘଟିଥିବା ଡକାୟତି ଘଟଣାର ପର୍ଦ୍ଦାଫାଶ କରି ପୋଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବହୁ ପରିମାଣର ସୁନା-ରୁପା ଅଳଙ୍କାର, ନଗଦ ଟଙ୍କା ଓ ଏକ ବୋଲେରୋ ଗାଡ଼ି ଜବତ ହୋଇଛି। ଗତ ୩ ତାରିଖ ବିଳମ୍ବିତ ରାତିରେ ତାଲମୁଣ୍ଡା ଅଞ୍ଚଳରେ ଏହି ଡକାୟତି ଘଟିଥିଲା। ଘଟଣାକୁ ଗୁରୁତ୍ୱ ସହ ନେଇ ଝାରସୁଗୁଡ଼ା ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା।



ସିସିଟିଭି ଫୁଟେଜ୍ ଓ ସାଇବର ସେଲର ସହାୟତାରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ପୋଲିସ ମାତ୍ର ୭୨ ଘଣ୍ଟା ମଧ୍ୟରେ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଅଞ୍ଚଳର ଦୀପକ ଖଡ଼ିଆ (୨୫), ଅଶୋକ ଖଡ଼ିଆ (୨୦), ଆକାଶ ସାହୁ (୨୪), ଅଜୟ ମୁଣ୍ଡା (୧୯), ଧନଞ୍ଜୟ ଖଡ଼ିଆ (୪୭), ବାବଲୁ ବରାଇୟା (୨୨) ଓ ରେଙ୍ଗାଲି-ଲାଇକେରା ଅଞ୍ଚଳର ଭୋଳା ନାୟକ (୨୫), ବିଶାଳ ଓରାମ (୨୭) ଓ ବିଶ୍ୱଜିତ ପସାୟତ (୨୭)। ଅଭିଯୁକ୍ତଙ୍କ ନିକଟରୁ ଏକାଧିକ ସୁନା ଚେନ୍, ମଙ୍ଗଳସୂତ୍ର, ମୁଦି, ଚୁଡ଼ି ସହ ରୁପା ଅଳଙ୍କାର ଜବତ ହୋଇଛି। ଏହା ସହିତ ୧,୪୩,୮୦୩ ଟଙ୍କା ନଗଦ, ୮ଟି ମୋବାଇଲ୍ ଫୋନ୍, ୧୯୧୬ ମସିହାର ଏକ ପୁରାତନ ରୁପା ମୁଦ୍ରା, ଛୁରୀ, ବେସବଲ୍ ବ୍ୟାଟ୍ ଓ ଲୁଟ୍ କାର୍ଯ୍ୟରେ ବ୍ୟବହୃତ ବୋଲେରୋ (ଓଆର-୧୫-ଏସ-୩୫୪୩) ମଧ୍ୟ ପୋଲିସ ଜବତ କରିଛି।

ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଅପରେସନ ନେତ୍ର ମାଧ୍ୟମରେ ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯାଉଛି ଓ ଅଞ୍ଚଳରେ ଆଇନ-ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ସଦା ତତ୍ପର ଅଛିଛ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାରେ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଚାଲିଛି। ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ପ୍ରଶଂସା କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଅପରେସନ ନେତ୍ର ମାଧ୍ୟମରେ ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯାଉଛି ଓ ଅଞ୍ଚଳରେ ଆଇନ-ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ସଦା ତତ୍ପର ଅଛିଛ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ମାମଲାରେ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଚାଲିଛି।

# ଜଙ୍ଗଲକୁ ନିଆଁ କବଳରୁ ରକ୍ଷା ପାଇଁ ସଚେତନତା

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାମପୁର ରେଞ୍ଜ ପକ୍ଷରୁ ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରିବା ପାଇଁ ଏକ ପ୍ରଶିକ୍ଷଣ କର୍ମଶାଳା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାମପୁର ରେଞ୍ଜ ଏସିଏଫ୍ ମୈତ୍ରୀ ମଞ୍ଜିତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁପତ୍ର ଫରେଷ୍ଟର, ଗାର୍ଡ, କର୍ମଚାରୀ, ଭିଏସଏସ ମେମ୍ବର, ଏସଏଚଜି ମେମ୍ବର, ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରେଢ଼ାଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ, କଦଳିଗଡ କେନ୍ଦୁପତ୍ର ରେଞ୍ଜର ଇତିଶ୍ରୀ ପ୍ରଧାନ,



ରାମପୁର ରେଞ୍ଜ ଫରେଷ୍ଟର ଧର୍ମୁଧର ପ୍ରଧାନ, ଲୁହାପଙ୍କ ଫରେଷ୍ଟର ପ୍ରଶାନ୍ତ ସାହୁ, ରେଢ଼ାଖୋଲ କେନ୍ଦୁପତ୍ର ଫରେଷ୍ଟର ହେମ ସାଗର ସ୍ବାଇଁ ପ୍ରମୁଖ ମଞ୍ଚାସିନ ଥିଲେ । ଏଥିରେ ଜ୍ୟୋସ୍ନା ସୁନାନି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବନ ବିଭାଗ କର୍ମଚାରୀ ମାନଙ୍କୁ ଅଞ୍ଚଳର ଜନ ସାଧାରଣ ସହଯୋଗ କଲେ ଜଙ୍ଗଲକୁ ନିଆଁ କବଳରୁ ରକ୍ଷା କରାଯାଇପାରିବ। ଏହା ସହିତ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ ଶ୍ରୀ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଙ୍ଗଲକୁ ସୁରକ୍ଷା ଦେବାରେ ଅଞ୍ଚଳବାସୀ ମୁଖ୍ୟ ଭୂମିକା ରହିଛି। ନିଆଁ ଲାଗିବା ସ୍ଥାନରେ କର୍ମଚାରୀ ମାନଙ୍କୁ ସହଯୋଗ କରିଲେ ନିଆଁକୁ ଯଥାଶୀଘ୍ର ଆୟତ କରାଯାଇପାରିବ ବୋଲି ଶ୍ରୀ ସେଠୀ ପ୍ରତିକ୍ରିୟା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ପ୍ରଦାନ କରି ସଚେତନତା ସୃଷ୍ଟି କରାଯାଇଥିଲା।

## ନାବାଳିକା ଅସଦାଚରଣ ମାମଲା, ଦୋଷୀଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଅତିରିକ୍ତ ଦୌରା ଜଜ୍ ତଥା ପୋକ୍ସୋ ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଭିଲାଶ ସେନାପତି ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ହଜାର ଟଙ୍କା ଜରିମାନା ରହିଛି । ଜରିମାନା ଅନାଦେୟ ହେଲେ ଅଧିକ ୪ମାସ ସଶ୍ରମ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା ଘରେ ଏକାକୀ ଥିବାବେଳେ ଅଭିଯୁକ୍ତ ଅର୍ଜୁନ ପୋଢ ପନିପରିବା ମାଗିବା ବାହାନାରେ ଗତ ୨୭ଡିସେମ୍ବର, ୨୦୨୩ରେ ଘରେ ପଶିଥିଲା । ନାବାଳିକାକୁ ଟାଣି ଧରିବା ସହ ମୁଁ ତୋତେ ବର୍ତ୍ତମାନ ରଖିବି କହି ଯୌନ ଅନୁଗ୍ରହ ପାଇଁ ଦାବି କରିଥିଲେ । ତେବେ ନାବାଳିକା ଜଣକ ଅଭିଯୁକ୍ତଙ୍କ ନିକଟରୁ ଖସି ପଳାଇବାରେ ସକ୍ଷମ ହୋଇଥିଲା । ଏନେଇ ପୀଡିତାଙ୍କ ପରିବାର ଲୋକେ ୩୦ଡିସେମ୍ବର, ୨୦୨୩ରେ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କୁଚିଣ୍ଡା ଥାନା ପୋଲିସ ୩୧୧/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହାର ବିଚାର କରି କୋର୍ଟ ରାୟ ପ୍ରଦାନ କରିଛନ୍ତି ।

## ଅବ୍ୟବସ୍ଥା ଘେରରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା!



ଜୟପାଟଣା,(ସବ୍ୟୁ): ମଙ୍ଗଳପୁର ହାତୀ ବ୍ୟାରେଜର ଉଦବୃତ୍ତ ଜଳକୁ ପାନୀୟ ଜଳ ଉପଯୋଗୀ କରି ଜୟପାଟଣା ସହରକୁ ଜଳ ଯୋଗାଣ ପାଇଁ ସରକାରଙ୍କ ଯୋଜନା ବାଟବଣା ହେଉଥିବା ମନେହୁଏ। ସର୍ବସାଧାରଣଙ୍କ ଜଳ କଷ୍ଟ ଦୂର କରିବା ପାଇଁ ସରକାର ବସୁଧା ଓ ଜଳଜୀବନ ମିଶନ ଯୋଜନାରେ ଆରମ୍ଭ କରିଥିବା ଅନେକ ପ୍ରକଳ୍ପ ଅଦ୍ୟାବଧି ଅଧପନ୍ତରିଆ ଭାବେ ପଡିରହିଥିବା ବେଳେ ମଙ୍ଗଳପୁରରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ପ୍ରହସନ ପାଲଟି ସହ ଅଂଚଳ ବାସୀଙ୍କ ପାଇଁ ମରିଚିକା ପାଲଟିଛି।

ଲୋକେ ଆଖିଆଗରେ ଜଳ ଯୋଗାଣ ପାଇପ ପଏଣ୍ଟ ମାନଙ୍କୁ ଦେଖି ଦେଖି ଦେହସୁହା ହୋଇଗଲାଣି। ୨୦୨୨ମସିହା ଜାନୁଆରୀ ୫ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପକୁ ୧୫୫କୋଟି ଟଙ୍କା ବରାଦରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗେଇବାକୁ ହାଇଦ୍ରାବାଦର ଏକ ଘରୋଇ ସଂସ୍ଥା ମେଗା ଇଞ୍ଜିନିୟରିଙ୍ଗ ଇନଫ୍ରାଷ୍ଟ୍ରକଚର ଲିମିଟେଡ ହାତକୁ ଦେଇଛନ୍ତି। ଉକ୍ତ ପ୍ରକଳ୍ପ ୨୦୨୪ମସିହା ଜାନୁଆରୀ ୫ତାରିଖରେ ସମ୍ପୂର୍ଣ୍ଣ ହେବାକୁଥିଲା। ହେଲେ ଠିକାଦାର ସଂସ୍ଥାର ମନ୍ଥର ଗତି ଓ ମନମୁଖୀ କାର୍ଯ୍ୟ କଳାପ ଯୋଗୁଁ ୨୦୨୬ମସିହା ମାର୍ଚ୍ଚ ମାସ ୫ତାରିଖ ହୋଇଯାଇଥିଲେ ହେଁ ପ୍ରାୟ ୪୦%କାର୍ଯ୍ୟ ହୋଇଥିବା ଜଣାପଡେ। ଏହି କାର୍ଯ୍ୟ ବାବଦକୁ ଠିକାଦାର ସଂସ୍ଥା ୭୫.୫କୋଟି ଟଙ୍କା ଉଠେଇ ସାରିଥିବା ଜଣାପଡିଛି। ପୁନର୍ବାର ସରକାରଙ୍କ ତରଫରୁ ଅତିଶୀଘ୍ର ପ୍ରକଳ୍ପକାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ୨୦୨୬ଜାନୁଆରୀ ୫ତାରିଖ ପର୍ଯ୍ୟନ୍ତ ୨ବର୍ଷ ର ସମୟ ଅବଧି ଦିଆଯାଇଥିଲେ ହେଁ ମେଗା ପ୍ରକଳ୍ପ କାର୍ଯ୍ୟ ଅସ୍ତବ୍ୟସ୍ତ ଭାବେ ଅଧପନ୍ତରିଆ ହୋଇପଡ଼ିରହିଛି। ସର୍ବସାଧାରଣଙ୍କୁ ଭୁଆଁ ବୁଲେଇ ଏହି ସଂସ୍ଥା ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ନ କରି ସମଗ୍ର ଜୟପାଟଣା ବ୍ଲକ ଅଂଚଳର ପ୍ରତ୍ୟେକ ଗଳି କନ୍ଦି ମାନଙ୍କର କଚା ରାସ୍ତା, କଂକ୍ରିଟ ରାସ୍ତା ଗୁଡିକୁ ଜେ. ସି. ପି. ମେସିନ ସାହାଯ୍ୟରେ ଖୋଳି ଦେଇଥିବା ଯୋଗୁ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ସହ ଉକ୍ତ ରାସ୍ତା ମାନଙ୍କରେ ପାଇପ ପକେଇ ପ୍ରତ୍ୟେକ ଘର ସମ୍ମୁଖରେରେ ସଂଯୋଗ ପାଇପ ଗୁଡିକୁ ପକେଇ ରଖିଥିବା ଯୋଗୁ ବିଭିନ୍ନ ସମୟରେ ବିପଦ ସୃଷ୍ଟି କରିଆସୁଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ରାସ୍ତା ମାନଙ୍କ ଦୁରାବସ୍ଥା ନ କହିବା ଭଲ । କିଛି ଅଂଚଳରେ ସ୍ଥାନୀୟ ଲୋକମାନେ ତୁରନ୍ତ ମରାମତି ନ କଲେ ଆହୁରି ଖୋଳିବାକୁ ପ୍ରତିରୋଧ କରୁଥିବା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପରେ କାର୍ଯ୍ୟରତ ଥିବା ଶ୍ରମିକ ଓ କର୍ମଚାରୀମାନଙ୍କ ସୁରକ୍ଷା ବ୍ୟବସ୍ଥା ନ କହିବା ଭଲ । ଆବଶ୍ୟକୀୟ ଜୋତା,ଚପଲ, ଜ୍ୟାକେଟ,ଗ୍ଲୋଭ, ହେଲମେଟ ଭଳି ସାଧାରଣ ସଂସାଧନର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୁଏଛ। ଏତଦବ୍ୟତୀତ ଜୟପାଟଣା ସହର ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ହୋଇଥିଲେ ହେଁ ଏଠି ଅଫିସ ନ କରାଯିବା କ୍ଷୋଭର ବିଷୟ । ଏଣୁ ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ ଠିକାଦାର ସଂସ୍ଥା ର ବେପରୁଆ ମନୋଭାବ ଏବଂ ମନ୍ଥରତା ଜନସାଧାରଣଙ୍କ ମଧ୍ୟରେ ଅନେକପ୍ରଶ୍ନ ଉଙ୍କି ମାରିଲାଣି। ଏନେଇ ଠିକାଦାର ସଂସ୍ଥାର ସ୍ଥାନୀୟ ଅଧିକାରୀ ମାନଙ୍କ ଯୋଗାଯୋଗରେ ଏହା ସମ୍ପୂର୍ଣ୍ଣ ହେବାକୁ ଆହୁରି ଦୁଇବର୍ଷରୁ ଅଧିକ ସମୟ ଲାଗିବ ବୋଲି ପ୍ରକାଶ କରନ୍ତି। ତେବେ ଜୟପାଟଣା ବ୍ଲକ ଅଂଚଳବାସୀଙ୍କ ଏହି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉପରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରି ସ୍ଥିତି ରେ ସରକାର ଜନସାଧାରଣଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପ ପ୍ରତି ପ୍ରାଧାନ୍ୟତା ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସର୍ବସାଧାରଣରେ ଦୃଢ଼ ଦାବୀ ହେଉଛି ।

## ଜଙ୍ଗଲରୁ କଟାଯାଇଥିବା କାଠ ବନ ବିଭାଗ ଦ୍ୱାରା ଜବତ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ କୁଲୁଡା ଜୋର ପଞ୍ଚାୟତ ନୁଆପାଲି ଗ୍ରାମ୍ୟ ଜଙ୍ଗଲରୁ କୌଣସି ବ୍ୟକ୍ତି ଲଗା ଯାଇଥିବା ଗଛ ଗୁଡିକ କାଟି ଦେଇଥିବା ଅଭିଯୋଗ ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ ଗଛ କଟା ଯାଇଥିବା ସ୍ଥାନରେ ଗଣ୍ଡି ଗୁଡିକ ଖଣ୍ଡ ଖଣ୍ଡ କରି ଗଦା କରି ରଖା ଯାଇଥିବା ଦୁଇ ଦିନ ତଳେ ସାମାଜିକ ଗଣ ମାଧ୍ୟମରେ ଫୋଟ ପ୍ରକାଶ ପାଇଥିଲା । ଫଳରେ ପରିବେଶ ପ୍ରେମୀ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି ।ଘଟଣା ସମ୍ପର୍କରେ ଦାୟିତ୍ୱରେ ଥିବା ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସ୍ଥାନୀୟ ପରିବେଶପ୍ରେମୀ ମାନେ ସୂଚନା ଦେଇଥିଲେ। ବନ ବିଭାଗ ପକ୍ଷରୁ ସମସ୍ତ କାଠ ଗଣ୍ଡି ସିଜ କରି ଅଣାଯାଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି । ଖୁବ ଶୀଘ୍ର ଦୋଷୀଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଜିବ ବୋଲି କନ୍ଧମାଳ ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି ।

## ନର୍ଲା ଥାନା ନୂତନ କୋଠା ଉଦ୍‌ଘାଟିତ

ନର୍ଲା,(ସବ୍ୟୁ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଭରଚୁଅଲ ମାଧ୍ୟମରେ ନର୍ଲା ଥାନାର ନୂତନ କୋଠା ଶୁକ୍ରବାର ଉଦ୍ଘାଟନ କରିଛନ୍ତି । ନର୍ଲା ଥାନା ଅଧିକାରୀ ବିଜୟ ରାଜ୍ ମାଝୀଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନର୍ଲା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ମନ୍ମୟ ଚାନ୍ଦ,ଚିରଞ୍ଜିବୀ ଗୌଡିଆ, ନିଳମଣି ସାହୁ,ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ଲିଲି ଦୀପ ,ନର୍ଲା ସରପଂଚ ତନୁଜା ହର୍ପାଲ,ବାଗ ପୁର ସରପଂଚ ଗୋପାଳ ହାତୀ,ଘଣ୍ଟ ମାଲ୍ ସରପଂଚ ଦେବେନ୍ଦ୍ର ସା, ଘାସିରାମ ସାହୁ, ଜୟନ୍ତ ଗୌଡ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏସପି ମୁକ୍ତି କୁମାର କୁଲୁ ଉପସ୍ଥିତ ରହିଥିବା ବେଳେ ନର୍ଲା ଥାନାର ଭାରପ୍ରାପ୍ତ ଅଧିକାରୀ ସଂଯୁକ୍ତା ପ୍ରଧାନ , ଅବନୀ ଖୁରା, ଏସ୍ ଆଇ ପ୍ରଦୀପ ସେଠୀ, ପ୍ରିୟବ୍ରତ ବେହେରା ସହ ଥାନାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସ୍ତ୍ରୀଙ୍କୁ ବାଡ଼ିରେ ପିଟି ପିଟି ମାରିଦେଲା ସ୍ୱାମୀ, ଅଭିଯୁକ୍ତ ଅଟକ

ଦେବଗଡ଼,(ସବ୍ୟୁ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ବମ୍ପରଡା ଗ୍ରାମରେ ନିର୍ମମ ହତ୍ୟାକାଣ୍ଡ ଘଟିଛି। ବଡ଼ ସ୍ତ୍ରୀଙ୍କ କୌଣସି କଥାକୁ ନେଇ ବଚସା ପରେ ତାଙ୍କର ଦ୍ୱିତୀୟ ସ୍ୱାମୀ ବାଡ଼ିରେ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

ମୃତକ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଥାନା ଫୁଲଝରୀ ଗ୍ରାମର ମଞ୍ଜୁ ବେହେରା (୪୫)। ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ମଞ୍ଜୁ ନିଜର ତିନି ବିବାହିତା ଝିଅ ଓ ୧୨ ବର୍ଷର ପୁଅ ସହ ସମ୍ପର୍କ ଛିନ୍ନ କରି ପ୍ରାୟ ବର୍ଷେ ହେବ ଅନୁଗୁଳ ଜିଲ୍ଲା ପବିତ୍ରନଗରର ଅଜିତ ଦେହୁରୀ (୨୫)ଙ୍କ ସହ ସ୍ୱାମୀ–ସ୍ତ୍ରୀ ଭାବେ ରହୁଥିଲେ। ଉଭୟ ଭିକ୍ଷାବୃତ୍ତି କରି ଚଳୁଥିବା ବେଳେ ବାରକୋଟ ଅଞ୍ଚଳର ବିଭିନ୍ନ ମଣ୍ଡପ, ବାରଣ୍ଡା କିମ୍ବା ଜଙ୍ଗଲ ମଧ୍ୟରେ ରାତ୍ରିଯାପନ କରୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମଞ୍ଜୁ ଏବଂ ଅଜିତ ବମ୍ପରଡା ସ୍ଥିତ ୪ର୍ଥ ଆଇଆର ବାଟାଲିୟନ ପଛପଟେ ଥିବା ବାଘମାରୀ ଜଙ୍ଗଲରେ ଆଶ୍ରୟ ନେଇଥିଲେ। ସେଠାରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଜିତ ଏକ ବାଡ଼ିରେ ମଞ୍ଜୁଙ୍କୁ ନିର୍ମମ ଭାବେ ପିଟି ହତ୍ୟା କରିଥିଲା।

ସକାଳେ ଗ୍ରାମବାସୀଙ୍କ ଠାରୁ ଖବର ପାଇ ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଢାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ ଅତିରିକ୍ତ ଏସପି ଧିରଜ ଚୋପଦାର ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତର ତଦାରଖ କରିଛନ୍ତି। ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ୍ର ସହାୟତା ଲୋଡ଼ାଯାଇଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଅଜିତକୁ ଥାନାରେ ଅଟକ ରଖିଛି।

## ବରିଷ୍ଠ ନାଗରିକଙ୍କ ପରଲୋକ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହରର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ତହସିଲଦାର ବିପିନ ବିହାରୀ ପଟ୍ଟନାୟକ(୯୪)ଙ୍କ ପରଲୋକ ହୋଇଯାଇଛି । ପୂର୍ବରୁ ତାଙ୍କ ପତ୍ନୀ ଓ ପୁତ୍ରଙ୍କ ଦେହାନ୍ତ ହୋଇଥିବା ବେଳେ ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କ ବୋହୂ, ନାତିନାତୁଣୀ, ଦୁଇ ଝିଅ ଜ୍ୱାଇଁ ସମେତ ପରିବାରର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । ଏହି ଖବର ଜଣାପଡିବା ପରେ ମହାନ୍ତିପଡା ସ୍ଥିତ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ଗହଳି ଜମିଥିଲା । ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ ବିଭିନ୍ନ ସଙ୍ଗଠନ ତଥା ଚିତ୍ରଗୁପ୍ତ କଲ୍ୟାଣ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି ।

## ପାଗଳର ପଥର ମାଡ଼ରେ ଗୁରୁତର ମା' ଓ ପୁଅ

କନ୍ଧମାଳ,(ସବ୍ୟୁ): ପାଗଳର ପଥର ମାଡ଼ରେ ଗୁରୁତର ଆହତ ମା' ଓ ପୁଅଙ୍କୁ କନ୍ଧମାଳ ଡାକ୍ତରଖାନାରୁ ବଲାଙ୍ଗିର ଭୀମ ଭୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଖୁଣ୍ଟି ଗୋରା ଅଞ୍ଚଳର ସ୍ୱାମୀ–ସ୍ତ୍ରୀ ଓ ଗୋଟିଏ ୪ ବର୍ଷର ଶିଶୁ ପୁତ୍ର ବାଇକ ଯୋଗେ ଆସୁଥିବା ବେଳେ ତବଡା ଛକରେ ଏକ ପାଗଳ ପଥର ମାରିବା ଫଳରେ ମା' ଓ ପୁଅ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ କନ୍ଧମାଳ ଡାକ୍ତର ଖାନାରେ ଭର୍ତ୍ତି କରା ଯାଇଥିଲା । ପରେ ବଲାଙ୍ଗିର ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିଲା ।

## ଭିସୁଟ୍ କିମ୍ ଏରୋଟ୍ରେଟ୍ ଜାତୀୟ ସ୍ତରରେ ପୁରସ୍କୃତ



ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) କିମ୍ ଏରୋଟ୍ରେଟ ଅଭିନବ ବୈଷୟିକ ଜ୍ଞାନ କୌଶଳ ପାଇଁ ପୁଣିଥରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି । ଚେନ୍ନାଇ କେପିଜି କଲେଜ ଅଫ୍ ଟେକନୋଲୋଜି ଠାରେ ଦକ୍ଷିଣ ଜୋନ୍ ସୋସାଇଟି ଅଫ୍ ଅଟୋ ମେଟିକ ଦ୍ୱାରୀ ଆୟୋଜିତ ଡିଜାଇନ ରିପୋର୍ଟ ବିଭାଗରେ ଭିସୁଟ୍ର ବିଦ୍ୟାର୍ଥୀ ମାନେ ଏହି ସଫଳତା ହାସଲ କରିଥିଲେ । ଏଥିରେ ଦେଶର ବିଭିନ୍ନ ପ୍ରମୁଖ ପ୍ରଦ୍ୟୋଗିକ ସଂସ୍ଥାନର ପ୍ରାୟ ୮୦ଟି ଦଳ ଅଂଶଗ୍ରହଣ କରିଥିଲେ । ଏଥିରେ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହୋଇ ଭିସୁଟ୍ର ଟିମ୍ ନୂତନତା ଧାରଣା, ସଠିକ୍ ଯାନ୍ତ୍ରିକ ବିଶ୍ଳେଷଣ ଓ ଉତ୍କୃଷ୍ଟ ପ୍ରଦ୍ୟୋଗିକ ପ୍ରତିବେଦନ ପାଇଁ ବିଚାରକ ମଣ୍ଡଳୀ ଦ୍ୱାରା ପ୍ରଶଂସିତ ହୋଇଥିଲେ । ଭିସୁଟ୍ ବିଦ୍ୟାର୍ଥୀ ମାନଙ୍କ କଠିନ ପରିଶ୍ରମ, ସମନ୍ୱୟ ଓ ପ୍ରଧ୍ୟାପିକା ମାନଙ୍କ ଦିଗ୍ଦର୍ଶନ ଯୋଗୁଁ ଏହି ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଭିସୁଟ୍ କର୍ତ୍ତୃପକ୍ଷ ଅଭିନନ୍ଦନ ଜଣାଇଛନ୍ତି ।

### ବେସରକାର ଠିକା ସଂସ୍ଥାରୁ ଚାନ୍ଦା ମାଗିବା ମାମଲା

## ଶ୍ରମିକ ନେତା ଅବକାଶ ସାହୁ ଦୋଷମୁକ୍ତ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକର ଶ୍ରମିକ ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ବେସରକାରୀ ଠିକା ସଂସ୍ଥା ଠାରୁ ଜୋର ଜୁଲୁମ ଚାନ୍ଦା ମାଗିବା ମାମଲାରେ ଦୋଷମୁକ୍ତ ହୋଇଛନ୍ତି । ଏହି ମାମଲାକୁ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ପ୍ରତିଶ କୁମାର ସାମଲ ଗତ ଶୁକ୍ରବାର ବିଚାର କରି ଅଭିଯୁକ୍ତ ଶ୍ରମିକ ନେତା ତଥା ଜିଲା ପରିଷଦ ସଭ୍ୟ ଅବକାଶ ସାହୁଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାରୁ ପ୍ରକାଶ ଯେ ଖରଭୁଇଁ ଗ୍ରାମ ଠାରେ ବେସରକାରୀ ଠିକା ସଂସ୍ଥା ଏଆରଏସଏସ ଗତ ୨୦୦୯ ମସିହା ଠାରୁ ଏକ କ୍ରସର ସ୍ଥାପନ କରି କାମ କରିଆସୁଥିଲା । ଉକ୍ତ ଗ୍ରାମରେ ଆହୁରୀ ୩ ଗୋଟି କ୍ରସର ସ୍ଥାପନ ହୋଇଛି । କ୍ରସର ଯୋଗୁଁ ଖରଭୁଇଁ ଅଳରେ ପରିବେଶ , ଘର, ଓ ଚାଷ ନଷ୍ଟ ହେଉଥିବା ନେଇ ଶ୍ରମିକ ନେତା ଅବକାଶ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ କ୍ରସର ବନ୍ଦ ପାଇଁ ଆନ୍ଦୋଳନ କରିଥିଲେ । କିନ୍ତୁ ଠିକା ସଂସ୍ଥା ପ୍ରଶାସନକୁ ହାତ କରି କ୍ରସର ଚଳାଇବା ଯୋଗୁଁ ଗ୍ରାମର ମହିଳା, ପୁରୁଷ ଓ ଛାତ୍ର ଛାତ୍ରୀ ମାନେ ରାସ୍ତା ବନ୍ଦ କରି ଆନ୍ଦୋଳନ କରିଥିଲେ । ଆନ୍ଦୋଳନ ଯୋଗୁଁ ଠିକା ସଂସ୍ଥା କ୍ରସର ବନ୍ଦ ହୋଇଯିବା ଫଳରେ ଶ୍ରମିକ ନେତା ଅବକାଶ ସାହୁ ୨୦୧୫ ମସିହାରୁ ଜୋର ଜବରଦସ୍ତ ଧମକାଇ ଚାନ୍ଦା ମାଗୁଥିବା ନେଇ ଗତ ୨୧.୧୦.୨୨ରେ ପ୍ଲାଣ୍ଟ ମ୍ୟାନେଜର ଅଭିଷେକ ଅଗ୍ରୱାଲା ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ହରଭଙ୍ଗା ପୋଲିସ ଥାନା କେସନଂ ୯୨/୨୨ରେ ଏକ ମାମଲା ରୁଜ କରି ଗତ ୧୫.୧୧.୨୨ରେ ଶ୍ରୀ ସାହୁଙ୍କୁ ବାଣିଗୋଛା ଠାରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶଙ୍କ ଅଦାଲତରେ ସିଟି କେସନଂ ୨୪୧/୨୨ ହୋଇ ବିଚାର ହୋଇଥିଲା । ମାମଲାରେ ସମସ୍ତ ସାକ୍ଷୀଙ୍କ ବୟାନକୁ ଭିତି କରି ଅଦାଲତ ଅଭିଯୁକ୍ତ ଅବକାଶ ସାହୁଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଶ୍ରୀ ସାହୁଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଜିତ କୁମାର ବାରିକ ପରିଚାଳନା କରୁଥିଲେ ।

## ଦାଦାବଟି ନେଇ ଗଣ୍ଡଗୋଳ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସାପ୍ତାହିକି ହାଟରେ କିଛି ଯୁବକ ଦାଦାବଟି ଆଦାୟ କରୁଥିଲେ। ଜଣେ ବ୍ୟବସାୟୀଙ୍କୁ ଦୁଇ ଶହ ଟଙ୍କା ଦୁଇ ଜଣ ମାଗିଥିଲେ। ଟଙ୍କା ଦେବାକୁ ବ୍ୟବସାୟୀ ଜଣକ ମନା କରିବାରୁ ସେମାନଙ୍କ ଜିଣିଷପତ୍ର ଫୋପାଡ଼ିବା ସହ ପ୍ରଥମେ ବଚସା ହୋଇଥିଲା। ପରେ ଯୁବକ ଜଣକ ଛୁରୀ କାଢ଼ି ଆକ୍ରମଣ କରିବା ସମୟରେ ବ୍ୟବସାୟୀ ଜଣକ କୌଣସି ମତେ ରକ୍ଷା ପାଇଯାଇଥିଲେ। କିନ୍ତୁ ଦୁର୍ବୃତ୍ତମାନେ ମୁଥ ମାରି ବ୍ୟବସାୟୀଙ୍କର ଦୁଇଟି ଦାନ୍ତ ଭାଙ୍ଗି ଦେଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ପାଖ ଦୋକାନରେ ସଉଦା କରୁଥିବା ଏକ ଘରୋଇ ଟିଭି ଚ୍ୟାନେଲର ପ୍ରତିନିଧି ସେଠାରେ ପହଂଚି ଭିଡିଓ ଉତ୍ତୋଳନ କରିବାକୁ ଉଦ୍ୟମ କରିଥିଲେ। ଦାଦାବଟି ଆଦାୟ କରୁଥିବା ଦୁଇଜଣ ଯୁବକ ସେହି ସାମ୍ବାଦିକଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଟାଣି ନେଇଁ ଭାଙ୍ଗି ଦେଇଥିବା କୁହାଯାଉଛି । ତାଙ୍କ ମୋବାଇଲ ତଳେ ନିଆଁ ଲାଗିଯାଇଥିଲା। ପରେ ଅନେକ ବ୍ୟବସାୟୀ ଓ ସାମ୍ବାଦିକ ଥାନାରେ ପହଂଚି ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ହାଟ ବନ୍ଦ କରି ଥାନା ସମ୍ମୁଖରେ ଧାରଣା ଦେବୁ ବୋଲି ମୁରଲୀ କ୍ରିଷ୍ଣା, ପି. ନରେଶ, ପ୍ରତାପ ଗୁପ୍ତା ଭଳି ଅନେକ ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଏସପିଙ୍କୁ ଏହି ଘଟଣା ଉପରେ ସାମ୍ବାଦିକମାନେ ଅବଗତ କରାଇଛନ୍ତି। କିଛି ଦିନ ହେଲା ସାପ୍ତାହିକି ହାଟରେ ମୋବାଇଲ ଚୋର ରାକେଟ ବନ୍ଦ ହୋଇଥିବା ବେଳେ ବର୍ତ୍ତମାନ ଦାଦାବଟି ଆଦାୟ ପୁଲିସ ପାଇଁ ନୂଆଁ ଚାଲେଞ୍ଜ ସୃଷ୍ଟି କରିଛି। ଦାଦାବଟୀ ଆଦାୟ କରୁଥିବା ଦୁଇଜଣ ଯୁବକ ଭଜମନ କୁଲଦୀପିଆ ଓ ଜି. ଶୁଭମ ବୋଲି ଚିହ୍ନଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ ସେମାନେ ଫେରାର ହୋଇଯାଇଛନ୍ତି। ଲକ୍ଷ୍ମୀପୁର ପୁଲିସ ଏନେଇ ମାମଲା ରୁଜୁ କରିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି କହିଛି।

## ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିବାରଣ ଶୀର୍ଷକ କର୍ମଶାଳା




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ତପସ୍ୱିନୀ ଜିଲ୍ଲା ପ୍ରେକ୍ଷାଳୟ ଠାରେ ଆଇଜିପି ଉତ୍ତରାଞ୍ଚଳ ରେଞ୍ଜ ପକ୍ଷରୁ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିବାରଣ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ସୁରକ୍ଷା ଉପରେ ପୋଲିସ ଅଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେବା ଉଚିତ୍ । ସେହିପରି ବାଲ୍ୟ ବିବାହ କେବଳ ପରିବାର ପାଇଁ ନୁହେଁ ଏହା ସମାଜ ଓ ଦେଶ ପାଇଁ କ୍ଷତି ବୋଲି କହିଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମାଜର ଆର୍ଥିକ, ସାମାଜିକ କ୍ଷେତ୍ରରେ ଦୁର୍ବଳ ବର୍ଗର ଲୋକେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୁଅନ୍ତି । ସଚେତନତା ଓ ସମାଜ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଭୟ ରହିଲେ ଏଥିରେ ସୁଧାର ଆସିବ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ କମିଶନର ରେହାନ କ୍ଷତ୍ରି, ପ୍ରୋବେସନର ଆଇଏଏସ୍ ଶୁଭ୍ରା ପଣ୍ଡା ଯୋଗ ଦେଇ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିବାରଣ ସମ୍ପର୍କରେ ଆଲୋକପାତ କରିଥିଲେ । ସାଧନକର୍ମୀ ମାନେ ମାନସୀ ପାଢ଼ୀ, ସୁନୀତା ତ୍ରିପାଠୀ ଓ ସରୋଜ କୁମାର ବାରିକ ଯୋଗ ଦେଇ ପାୱାର ପଏଣ୍ଟ ମାଧ୍ୟମରେ ଏ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ସମ୍ବଲପୁର ସମେତ ବରଗଡ, ଝାରସୁଗୁଡା, ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ପୋଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ପିଇବା ପାଣି ପାଇପ ବିଛାଇବା ଆଳରେ ମାଟି ଖୋଲି ଠିକାଦାର ଫେରାର

ପଦ୍ମପୁର,(ସବ୍ୟୁ): ସହରାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଏ । ପଦ୍ମପୁର ଏନ୍. ଏ.ସି ଅଧିନସ୍ଥ ସୂର୍ଯ୍ୟନଗର ଅଞ୍ଚଳର ଆରଡବ୍ଲ୍ୟୁଏସଏସ କାର୍ଯ୍ୟାଳୟ ନିକଟସ୍ଥ ଗଳିରେ ଆଜି ଯାଏ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପିଇବା ପାଣି ଯୋଗାଇ ଦିଆଯାଉନାହିଁ । ଦୀପ ତଳ ଅନ୍ଧାର ସଦୃଶ ସହର ମଧ୍ୟଭାଗରେ ଅବସ୍ଥିତ ସୂର୍ଯ୍ୟନଗର କିଛିକାଂଶକୁ ପାନୀୟ ଜଳ ନ ଯୋଗାଇବା ଏକ ଦୁର୍ଭାଗ୍ୟ ଜନକ । ପିଇବା ପାଣି ପାଇପ ବିଛାଇବା ଆଳରେ ମାଟି ଖୋଲି ଠିକାଦାର ଫେରାର ମାରିଥିବା ପରି ଘଟଣା ସାମନାକୁ ଆସିଛି । ପ୍ରାୟ ୬ ମାସ ପୂର୍ବରୁ ଏହି ଗଳିରେ ପିଇବା ପାଣି ଯୋଗଇ ଦେବା ପାଇଁ କିଛି ଲୋକ ଆସି ରାସ୍ତା ଖୋଲିଲେ । ଏହି ଗଳିରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ବିଶୁଦ୍ଧ ପାନୀୟ ଜଳ ପାଇବାର ଆଶା ପ୍ରକଟ ହୋଇଥିଲା । ଦୀର୍ଘ ୬ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପାଇପ ବିଛାଇବା ଦୂରର କଥା , ଯେମିତି ମାଟି ଖୋଲିଥିଲେ ସେମିତି ପଡିରହିଛି । ଫଳରେ ଏଠାରେ ବସବାସ କରୁଥିବା ଲୋକଙ୍କ ଯିବା ଆସିବାରେ ବହୁ ଅସୁବିଧା ଭୋଗୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି । ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ତଥା ବିଭାଗୀୟ ଅଧିକାରୀ ଏହି ଗଳିର ଜନସାଧାଣଙ୍କୁ ଅଣଦେଖା କରୁଥିବା ଲୋକମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ପାଣି ପାଇପ ବିଛାଇବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି ।

## ଜିଏମ୍ୟୁ ସଂସ୍କୃତ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶୈଳବାଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ନିରଞ୍ଜନ ପତି ଯୋଗଦେଇ ଆଧୁନିକ ଯୁଗରେ ସଂସ୍କୃତର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ । ଅଧ୍ୟାପିକା ଡ. ସୁଶ୍ରୀ ସଙ୍ଗିତା ପତି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବିଭାଗୀୟ ମୁଖ୍ୟ ଡ. ପ୍ରଶାନ୍ତ କୁମାର ସେଠି ଅତିଥି ପରିଚୟ ଓ ଅଧ୍ୟାପିକା ଡ. ସୁନେଲି ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ମୀନତିରାଣୀ ପତି, ଡ. ବଳଭଦ୍ର କର୍ଣ୍ଣ ଓ ଦୀପକ ସାହୁ ସମେତ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ ।

### ଆଇନ ଶୃଙ୍ଖଳା ପରିସ୍ଥିତି ଅସମ୍ଭାଳ

## ଓକିଲ ସଂଘର ଆଭିମୁଖ୍ୟ ସହ ସମସ୍ତ ସଂଗଠନ ଏକମତ



ବରଗଡ,(ସବ୍ୟୁ) : ବରଗଡ ଜିଲ୍ଲାରେ,ବିଶେଷ କରି ବରଗଡ ସହରରେ ଧିରେ ଧିରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାକୁ ବସିଛି। ପରିସ୍ଥିତି ଏତେ ଖରାପ ହେଲାଣି ଯେ ଦିନ ଦ୍ୱିପ୍ରହରରେ ଗୋଷ୍ଠୀ ମଧ୍ୟରେ ସଂଘର୍ଷ , ବରଗଡ ସହରରେ ବିଭିନ୍ନ ମାଦକଦ୍ରବ୍ୟ ଅବାଧରେ ବିକ୍ରୀ ହେବାସହ ଯୁବ ପିଢ଼ି ଏହାର ଶିକାର ହୋଇ ରାସ୍ତା ଘାଟରେ ନାନା ପ୍ରକାର ଅପରାଧ କରିଚାଲିଛନ୍ତି।

ଜିଲ୍ଲା ଓକିଲ ସଂଘର ସଭାପତି ଭିଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଶନିବାର ବରଗଡ ଓକିଲ ସଂଘ ପରିସରରେ ଜିଲ୍ଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନଙ୍କୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।ଏଥିରେ ସହରର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସଂଗଠନର ସଦସ୍ୟ ମାନେ ଉପସ୍ଥିତ ରହି ସହରରେ ବଢ଼ି ଚାଲିଥିବା ଅପରାଧିକ କାର୍ଯ୍ୟକଳାପ ଉପରେ ଗଭୀର ଚିନ୍ତା ପ୍ରକଟ କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତିର ସୁଧାର କରିବା ପାଇଁ ବିଭିନ୍ନ ପ୍ରକାର ସକାରାତ୍ମକ ପ୍ରସ୍ତାବ ଦେବା ସହ ଏହି ବିଷୟ ତଥା ଅନ୍ୟ କୌଣସି ବରଗଡ ସହରର ଉନ୍ନତି ବିଷୟରେ ଓକିଲ ସଂଘ ଯେଉଁ ସବୁ ନିଷ୍ପତି ନେବ ଆମେ ସମସ୍ତ ସଂଗଠନ ଜିଲ୍ଲା ଓକିଲ ସଂଘ ସାଙ୍ଗରେ ଅଛୁ ବୋଲି ଘୋଷଣା କରିଥିଲେ। ବିଭିନ୍ନ ସଂଗଠନର ସଦସ୍ୟ ମାନେ ସେମାନଙ୍କ ପ୍ରସ୍ତାବରେ କହିଥିଲେ ଯେ ବରଗଡ ସହରରେ ଅବକ୍ଷୟ ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିର ଯଥାଶୀଘ୍ର ସୁଧାର କରିବାକୁ ଦାବୀ କରିଥିଲେ । ସମସ୍ତେ ଏକ ସ୍ୱରରେ ଅପରାଧ ଏବଂ ଅପରାଧିକ କାର୍ଯ୍ୟକଳାପ ଏକ ଉଦବେଗଜନକ ସ୍ତରକୁ ବୃଦ୍ଧି ପାଇଛି ଏବଂ ସାମଗ୍ରିକ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଦ୍ରୁତ ଗତିରେ ଅବନତି ପାଇବାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ । ନିଶା ଏବଂ ନିଶାଦ୍ରବ୍ୟ ର ବର୍ଦ୍ଧିତ ବିପଦ, ଏହାକୁ ନିୟନ୍ତ୍ରଣ କରିବାରେ ସ୍ଥାନୀୟ ପୋଲିସ ପ୍ରଶାସନର ଅଦକ୍ଷତା ଏବଂ ଅପାରଗତା ସହିତ, ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଦୃଢ଼ ପ୍ରତିରୋଧୀ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ସାଧାରଣ ନାଗରିକଙ୍କ ପାଇଁ ନିରାପଦ ଏବଂ ଶାନ୍ତିରେ ବଞ୍ଚିବା କଷ୍ଟକର ହୋଇପଡ଼ିଛି। ସାଧାରଣ ଜନତା ଏବଂ ସଚେତନ ନାଗରିକମାନଙ୍କ ମଧ୍ୟରେ ଅପରାଧ ନିୟନ୍ତ୍ରଣରେ ପୋଲିସ ପ୍ରଶାସନର ଦକ୍ଷତା ଏବଂ ପ୍ରଭାବଶାଳୀତା ଉପରେ ଗମ୍ଭୀର ଭାବରେ ପ୍ରଶ୍ନ ଉଠାଇବା ବିଷୟ ମଧ୍ୟ ଚିନ୍ତାର ବିଷୟ ବୋଲି ସମସ୍ତେ କହିଥିଲେ । ଯୁବ ପିଢ଼ି ଙ୍କ ଅସାମାଜିକ କାର୍ଯ୍ୟକଳାପରେ, ବିଶେଷକରି ନିଶାଦ୍ରବ୍ୟର ସେବନ ଏବଂ ଚାଲାଣରେ ବୃଦ୍ଧି ପାଉଥିବା ସମ୍ପୃକ୍ତି ଉପରେ ସଂଘ ଗୁଡ଼ିକ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏଭଳି ଘଟଣା ଦ୍ୱାରା ଯୁବ ପିଢ଼ିଙ୍କୁ ଅପରାଧିକ କାର୍ଯ୍ୟ ଆଡ଼କୁ ନେଇଯାଏ ଏବଂ ସେମାନଙ୍କ ଜୀବନକୁ ଅନ୍ଧକାର ଭିତରକୁ ଠେଲି ଦିଏ। ବୈଠକରେ ଶ୍ରୀ ସରାଫଙ୍କ ସହ ଓକିଲ ସଂଘ ସମ୍ପାଦକ ଲଳାଟେନ୍ଦୁ ବେହେରା, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ଷଡ଼ଙ୍ଗୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଯୁଗଳ ପ୍ରସାଦ ସିଂ, ନିଧୁବନ୍ ବିହାରୀ ପ୍ରସାଦ ପଣ୍ଡା, ଅଶୋକ କୁମାର ଯୋଶୀ, ଆଶୁତୋଷ ରଥ ପ୍ରମୁଖ ମଞ୍ଚାସୀନ ଥିଲେ।

### ପରକୀୟା ପ୍ରୀତିକୁ ନେଇ ଶିକ୍ଷକଙ୍କୁ

## ଜୋତାମାଳ ପିନ୍ଧାଇ ଗାଁରେ ବୁଲାଇଲେ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଜିଲା କୋଇଡା ଥାନା ପାଟମୁଣ୍ଡା ପଞ୍ଚାୟତ ଖଜୁରଡିହି ଗ୍ରାମରେ କଙ୍ଗାରୁକୋର୍ଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପରକୀୟା ପ୍ରୀତିକୁ ନେଇ ଉକ୍ତ ଗ୍ରାମବାସୀ ଜଣେ ଶିକ୍ଷକଙ୍କୁ କଙ୍ଗାରୁକୋର୍ଟ ନିଷ୍ପତ୍ତି ଅନୁଯାୟୀ ଜୋତା ମାଳ ପିନ୍ଧାଇ ଗାଁରେ ବୁଲାଇବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ପୁଲିସ ଘଟଣାରେ ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଖଜୁରଡିହି ସେବାଶ୍ରମ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ସେବକଙ୍କୁ ବିଦ୍ୟାଳୟ ପରିସର ବାହାରେ ଗ୍ରାମର ମହିଳା ଓ ପୁରୁଷ ଜୋତାମାଳ ପିନ୍ଧାଇ ମାଡ ମାରିବା ସହ ଗ୍ରାମ ପରିକ୍ରମା କରାଇଥିଲେ। ଗ୍ରାମବାସୀ ଓ ବିଦ୍ୟାଳୟ କମିଟି ସଭାପତିଙ୍କ ବୟାନ ଅନୁଯାୟୀ ଶିକ୍ଷକ ଜଣଙ୍କ ଶିକ୍ଷାଦାନରେ ମନୋନିବେଶ ନ କରି ସର୍ବଦା ପର ଝିଅ,ସ୍ତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ। ଏପରିକି ସେବାଶ୍ରମରେ ନିୟୋଜିତ ରୋଷେୟାଙ୍କ ସହ ଦୀର୍ଘ ମାସ ଧରି ଖରାପ ସମ୍ପର୍କ ରଖି ଜଣଙ୍କ ଘର ସଂସାର ଭାଙ୍ଗି ସ୍ୱାମୀ ଓ ତିନି ଝିଅଙ୍କ ଠାରୁ ଅଲଗା କରିଦେଲେ ବୋଲି ଅଭିଯୋଗ ହୋଇଛି। ସେତିକିରେ ମନ ବୁଝିଲାନି ପୁଣି ସ୍ୱାମୀଙ୍କୁ ମାରିବାକୁ ଖୋଲା ଧମକ୍ ଦେଇଥିଲେ। ସେହି ରାଗରେ ଗାଁ ଲୋକେ ଏମିତି ଚରମ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି। କୋଇଡା ପୁଲିସ୍ ଘଟଣାସ୍ଥଳରୁ ଶିକ୍ଷକଙ୍କୁ ଉଦ୍ଧାର କରିବା ସହ ଲିଖିତ ଅଭିଯୋଗ ଆଧାରରେ ମେଡିକାଲ ଯାଞ୍ଚ କରାଇ ଗ୍ରାମର ଚାରିଜଣଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛନ୍ତି। ଅନ୍ୟପଟେ ଶିକ୍ଷକ ଜଣଙ୍କ ପୂର୍ବରୁ ମଧ୍ୟ ପରକୀୟା ପ୍ରୀତି ଘଟଣାରେ ଜେଲ୍ ଯିବାର ସୂଚନା ରହିଛି।

# ବାସନ୍ତୀ, ଓଡ଼ିଆ ସାହିତ୍ୟ ଓ ନାରୀବାଦୀ ଚେତନା



ଭାସ୍କର ପରିଚ୍ଛା

'ବାସନ୍ତୀ' ଆଧୁନିକ ଭାରତୀୟ ସାହିତ୍ୟରେ ଏକ ଅସାଧାରଣ ପରୀକ୍ଷା ଓ ଓଡ଼ିଆ ଉପନ୍ୟାସ ଇତିହାସରେ ଏକ ମୌଳିକ ଗ୍ରନ୍ଥ ଭାବେ ପରିଚିତ । ୧୯୨୦ ଦଶକର ବୈଚାରିକ ଉତ୍ସାହରେ ଭରପୂର ସବୁଜ ଯୁଗର ପୃଷ୍ଠଭୂମିରେ ଏହି ଉପନ୍ୟାସ ରଚିତ ହୋଇଥିଲା । ସେ ସମୟରେ ଉପନିବେଶୀୟ ଶାସନ ଅଧୀନରେ ସାମାଜିକ ସଂସ୍କାର, ସାହିତ୍ୟିକ ପରିଚୟ ଓ ଜାତୀୟ ସଚେତନତା ସମ୍ପର୍କିତ ପ୍ରଶ୍ନମାନଙ୍କ ସହ ଓଡ଼ିଶା ସଂଘର୍ଷ କରୁଥିଲା । ସେହି ପରିପ୍ରେକ୍ଷୀରେ କେବଳ ଗଳ୍ପ କହିବା ପାଇଁ ନୁହେଁ, ବରଂ ସାହିତ୍ୟକୁ ଏକ ନୈତିକ ଓ ସାମାଜିକ ହସ୍ତକ୍ଷେପ ଭାବରେ ଦେଖିବାର ସଚେତନ ପ୍ରୟାସ କରିଥିଲା ବାସନ୍ତୀ ।



ଉତ୍କଳ ସାହିତ୍ୟ ପତ୍ରିକାରେ ମେ ୧୯୨୪ରୁ ୧୯୨୬ ନଭେମ୍ବର ପର୍ଯ୍ୟନ୍ତ ଏହା ଧାରାବାହିକ ଭାବେ ପ୍ରକାଶିତ ହୋଇଥିଲା । ୧୯୩୧ ମସିହାରେ ଏହା ପୁସ୍ତକ ଆକାରରେ ପ୍ରକାଶ ପାଇଲା ଏବଂ ୧୯୬୮ ମସିହାରେ ସଂଶୋଧିତ ଓ

## ପୁନରାବଲୋକନ-୨

ବିସ୍ତୃତ ସଂସ୍କରଣ ରୂପେ ପୁନଃପ୍ରକାଶିତ ହୋଇ ଏହାର ସାମୟିକତାକୁ ଅବିଚ୍ଛିନ୍ନ ରଖିଥିଲା । ୨୦୨୩ରେ ବ୍ଲାକ ଇଗଲ ବୁକ୍ସ ଦ୍ୱାରା ଏହାର ଏକ ନୂଆ ସଂସ୍କରଣ ପ୍ରକାଶ ପାଇଛି ।

ଓଡ଼ିଆ ସାହିତ୍ୟରେ ବାସନ୍ତୀ ଯେଉଁଥି ପାଇଁ ଅଦ୍ୱିତୀୟ, ତାହା ହେଉଛି ଏହାର ସମୂହ ଲେଖକତ୍ୱ । ଏହି ଉପନ୍ୟାସ ଅନ୍ନଦା ଶଙ୍କର ରାୟ, ବୈଷ୍ଣବ ଚରଣ ଦାସ, ହରିହର ମହାପାତ୍ର, କାଳିନ୍ଦୀଚରଣ ପାଣିଗ୍ରାହୀ, ମୁରଲୀଧର ମହାନ୍ତି, ପ୍ରତିଭା ଦେବୀ, ସରଳା ଦେବୀ, ଶରତଚନ୍ଦ୍ର ମୁଖର୍ଜୀ ଓ ସୁପ୍ରଭା ଦେବୀ ଏହି ନଅଜଣ ଲେଖକ-ଲେଖିକାଙ୍କ ସହଯୋଗରେ ରଚିତ । ସେମାନେ ପାଳି କ୍ରମେ ଅଧ୍ୟାୟଗୁଡ଼ିକ ଲେଖିଥିଲେ ।



ବଙ୍ଗ ସାହିତ୍ୟର 'ବାରୋୟାରୀ' ଭଳି ସମୂହ ରଚନା ପ୍ରୟୋଗରୁ ପ୍ରେରିତ ଏହି ପ୍ରୟାସ ଓଡ଼ିଆ ସାହିତ୍ୟରେ ପୂର୍ବେ କେବେ ଦେଖାଯାଇନଥିଲା । ପ୍ରତ୍ୟେକ ଲେଖକଙ୍କ ନିଜସ୍ୱ ଶୈଳୀରେ ଅଧ୍ୟାୟଗୁଡ଼ିକୁ ଲେଖିଥିଲେ ମଧ୍ୟ ସମସ୍ତେ ସାମାଜିକ ସଂସ୍କାର, ନାରୀ ମୁକ୍ତି ଓ ଆଧୁନିକ ଚେତନା ପ୍ରତି ସାଧାରଣ ଦୃଷ୍ଟିକୋଣରେ ଏକ-ମନୋବାକ୍ୟ ଥିଲେ । ଏହି ସମୂହ ରଚନା ପ୍ରକ୍ରିୟା ହିଁ ବାସନ୍ତୀକୁ ଓ ସମସାମୟିକ ସାହିତ୍ୟକୁ ଏକ ସାମୂହିକ ସ୍ୱର ଭାବରେ ପ୍ରତିଷ୍ଠା କରିଥିଲା ।

ଉପନ୍ୟାସର କେନ୍ଦ୍ରବିନ୍ଦୁ ହେଉଛନ୍ତି ବାସନ୍ତୀ-ଓଡ଼ିଆ କଳ୍ପନା ସାହିତ୍ୟରେ ନୂତନ ନାରୀର ପ୍ରଥମ ଓ ସଶକ୍ତ ରୂପକ ।

କଟକରେ ଲାଳିତ-ପାଳିତ, ଶିକ୍ଷିତ ଓ ଆଧୁନିକ ଚିନ୍ତା ଓ ଭାବନାରେ ପ୍ରଭାବିତ ବାସନ୍ତୀ ନାରୀ ଶିକ୍ଷା ଓ ସାମାଜିକ ଉନ୍ନତି ପ୍ରତି ଗଭୀର ସଚେତନ । ଅଳ୍ପବୟସରେ ମାତାପିତାଙ୍କୁ ହରାଇଥିବା ବାସନ୍ତୀଙ୍କ ବ୍ୟକ୍ତିତ୍ୱ ତାଙ୍କ ଶିକ୍ଷା, ପାଠପ୍ରେମ ଓ ନୈତିକ ସଚେତନତା ଦ୍ୱାରା ଗଢ଼ିଉଠେ ।

ବାସନ୍ତୀଙ୍କ ବିବାହ ଏକ ସମ୍ପନ୍ନ ପରିବାରର କଲେଜ ପଢୁଥିବା ଯୁବକ ଦେବବ୍ରତଙ୍କ ସହ ହୁଏ । ଏହା ଏକ ସମ ମର୍ଯ୍ୟାଦାପୂର୍ଣ୍ଣ, ଆଧୁନିକ ଦାମ୍ପତ୍ୟର ସମ୍ଭାବନା ସୃଷ୍ଟି କରେ । ଦେବବ୍ରତ ବାସନ୍ତୀଙ୍କ ବୁଦ୍ଧିମତା ଓ ସ୍ୱାଧୀନତାକୁ ସମ୍ମାନ କରୁଥିବା ଭଳି ଲାଗେ । କିନ୍ତୁ ଶ୍ୱଶୁରାଳୟରେ ପ୍ରବେଶ କରିବା ସହିତ ବାସନ୍ତୀ ଅନୁଭବ କରନ୍ତି ସୁଧାରର ଭାଷା ଓ ବାସ୍ତବ ଆଚରଣ ମଧ୍ୟରେ ଥିବା ଭୟାବହ ଦୂରତା । ଶାଶୂଙ୍କ ରୁଢ଼ିବାଦୀ ମନୋଭାବ, ନିରବ ଆଦେଶ ଓ ଗୃହକାର୍ଯ୍ୟର ଭାର ସେହି ଘରକୁ ନିୟନ୍ତ୍ରଣ ଓ ଶାସନର ଏକ କେନ୍ଦ୍ରରେ ପରିଣତ କରିଦେଇ ଥାଏ ।

ନାରୀ ଶିକ୍ଷା ପାଇଁ ଏକ କନ୍ୟା ପାଠଶାଳା ସ୍ଥାପନର ସ୍ୱପ୍ନ ଓ ସାମାଜିକ କାର୍ଯ୍ୟରେ ଯୋଗଦେବାର ଇଚ୍ଛା ବାସନ୍ତୀଙ୍କୁ ଧୀରେ ଧୀରେ ପରିବାର ଓ ସ୍ୱାମୀଙ୍କ ଠାରୁ ଦୂରେଇଦିଏ ଏବଂ ଘରେ ଏକ ବିରୋଧ ପରିସ୍ଥିତି ସୃଷ୍ଟି ହୁଏ । ଦେବବ୍ରତଙ୍କର ପ୍ରଗତିଶୀଳ ମନୋଭାବ ଏଠାରେ ଘୋର ପରୀକ୍ଷାର ସମ୍ମୁଖୀନ ହୁଏ । ନାରୀର ସ୍ୱାଧୀନ ଚିନ୍ତା ପୁରୁଷ ସତ୍ତାକୁ ଯେତେବେଳେ ପ୍ରଶ୍ନ କରେ, ସେଠାରେ ସେ ଅସହଜ ହୋଇପଡ଼ନ୍ତି । ଏହି ଦ୍ୱନ୍ଦ୍ୱର ଚୂଡ଼ାନ୍ତ ପରିଣତି ହୁଏ ଯେ ଗର୍ଭବତୀ ଅବସ୍ଥାରେ ବାସନ୍ତୀଙ୍କୁ ଘରୁ ବାହାର କରିଦିଆଯାଏ ।

ଆଶ୍ରୟ ହରାଇ ଆତ୍ମୀୟଙ୍କ ଘରେ ଶରଣ ନେଇଥିବା ବାସନ୍ତୀ ଦୁଃଖକୁ ନିର୍ବାକ ସହନ ଦ୍ୱାରା ନୁହେଁ, ବରଂ ଆତ୍ମବଳ ଓ ନୈତିକ ଦୃଢ଼ତାର ସହ ମୁକାବିଲା କରିବାକୁ ଆଗେଇ ଆସିଥିଲେ । ଶେଷରେ ବାସନ୍ତୀ ଓ ଦେବବ୍ରତଙ୍କ ମଧ୍ୟରେ ଯେତେବେଳେ ପୁନଃମିଳନ ହୁଏ, ସେହିଟି ନାରୀର ଆତ୍ମସମର୍ପଣର ଫଳ ନୁହେଁ ବରଂ ନୈତିକ ପରିବର୍ତ୍ତନର ପରିଣାମ ।

ବାସନ୍ତୀ ଉପନ୍ୟାସ ମୂଳତଃ ନାରୀ ମୁକ୍ତିକୁ ସାମାଜିକ ଓ ରାଷ୍ଟ୍ରୀୟ ପୁନରୁତ୍ଥାନ ସହ ଯୋଡ଼ିଥାଏ । ଗାନ୍ଧିବାଦୀ ଚିନ୍ତାଧାରା, ଟାଗୋରୀୟ ମାନବତାବାଦ ଓ ସମକାଳୀନ ସଂସ୍କାର ଆନ୍ଦୋଳନର ପ୍ରଭାବରେ ରଚିତ ଏହି ଉପନ୍ୟାସ ପ୍ରମାଣ କରେ ଯେ ଘରଭିତରେ ଅନ୍ୟାୟ ରହିଲେ ସମାଜରେ ପ୍ରକୃତ ସ୍ୱାଧୀନତା ସମ୍ଭବ ନୁହେଁ ।

ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ପୁରୀ ଓ କଟକକୁ କେନ୍ଦ୍ର କରି ଓଡ଼ିଶାର ସାମାଜିକ ବାସ୍ତବତାକୁ ପ୍ରତିଫଳିତ କରୁଥିବା ବାସନ୍ତୀ ପାରମ୍ପରିକତା ଓ ଆଧୁନିକତା, ସହର ଓ ଗ୍ରାମ, ଆଦର୍ଶ ଓ ଆଚରଣର ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ସ୍ପଷ୍ଟ କରିଥିଲା । ୨୦୧୯ ମସିହାରେ ପଲ ସେଣ୍ଟ-ପିୟେର ଏବଂ ହିମାଂଶୁ ମହାପାତ୍ରଙ୍କ ଦ୍ୱାରା ଏହାର ଇଂରାଜୀ ଅନୁବାଦ(Basanti: Writing the New Woman) ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରେସ ପକ୍ଷରୁ ପ୍ରକାଶ ପାଇବା ପରେ ଉପନ୍ୟାସଟି ଅନ୍ତର୍ଜାତୀୟ ପାଠକଙ୍କ ମଧ୍ୟରେ ପୁନଃଆବିଷ୍କୃତ ହୋଇଥିଲା ।

ଓଡ଼ିଆ ସାହିତ୍ୟରେ ନାରୀବାଦୀ ଚେତନା, ସାହିତ୍ୟିକ ପରୀକ୍ଷା-ନିରୀକ୍ଷା ଓ ସାମାଜିକ ଦାୟିତ୍ୱବୋଧର ଏକ ମାଇଲଖୁଣ୍ଟ ଭାବେ ଆଜି ବାସନ୍ତୀ ଠିଆ ହୋଇଛି ।

**(ଶ୍ରୀ ପରିଚ୍ଛା ଇଂରାଜୀ ଓ ଓଡ଼ିଆରେ ସମାଲୋଚନା, ପୁସ୍ତକ ସମୀକ୍ଷା ଓ ପ୍ରବନ୍ଧ ଲେଖି ବେଶ୍ ସୁପରିଚିତ)**

**ଭୁବନେଶ୍ୱର,**
**ମୋ-୯୩୩୭୫୦୮୫୯୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ନାରୀ ଶକ୍ତିର ଜୟଯାତ୍ରା, ସ୍ୱାବଲମ୍ବୀ ହେଉଛି ଓଡ଼ିଶା



**ଶ୍ରୀମତୀ ପ୍ରଭାତୀ ପରିଡ଼ା**
**ଉପମୁଖ୍ୟମନ୍ତ୍ରୀ**

ନାରୀ ସଶକ୍ତିକରଣ କେବଳ ଏକ ସାମାଜିକ ଲକ୍ଷ୍ୟନୁହେଁ, ବରଂ ଏହା ସ୍ଥାୟୀ ବିକାଶର ମୂଳଦୁଆ ଅଟେ । ଏକ ସମାଜ ପ୍ରକୃତରେ ସେତିକିବେଳେ ପ୍ରଗତି କରେ, ଯେତେବେଳେ ସେଠାକାର ମହିଳାମାନେ ଶିକ୍ଷିତ, ଆତ୍ମବିଶ୍ୱାସୀ, ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭାବରେ ଅଂଶଗ୍ରହଣ କରିବାକୁ ସମର୍ଥ ହୁଅନ୍ତି । ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତ ମହିଳାମାନଙ୍କ ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ପ୍ରଗତିଶୀଳ ସରକାରୀ ଆଭିମୁଖ୍ୟ ଏବଂ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ନେତୃତ୍ୱାଧୀନ ବିକାଶର ଏକ ସଶକ୍ତ ଉଦାହରଣ ଭାବେ ଉଭା ହୋଇଛି । ଏହି ପରିବର୍ତ୍ତନର କାହାଣୀ କେବଳ ନୀତିଗତ ନୁହେଁ, ବରଂ ଏହା ଲକ୍ଷ ଲକ୍ଷ ମହିଳାଙ୍କ ଅଦମ୍ୟ ସାହସ ଓ ସଂକଳ୍ପର ଗାଥା, ଯେଉଁମାନେ ପାରମ୍ପରିକ ସୀମାକୁ ଅତିକ୍ରମ କରି ଆତ୍ମନିର୍ଭରଶୀଳତାର ଆକାଶକୁ ଛୁଇଁଛନ୍ତି ।

ଐତିହାସିକ ଭାବେ ଓଡ଼ିଶାର ମହିଳାମାନେ ସର୍ବଦା ନିଜର ଶକ୍ତି ଓ ସହନଶୀଳତାର ପରିଚୟ ଦେଇ ଆସିଛନ୍ତି ।' ପଶ୍ଚିମ ଓଡ଼ିଶାର ଗାନ୍ଧୀ' ଭାବେ ପରିଚିତ ସଂଗ୍ରାମୀ ପାର୍ବତୀ ଗିରିଙ୍କ ଠାରୁ ଆରମ୍ଭ କରି ଅଗ୍ରଣୀ ଜନନେତ୍ରୀ ସରଳା ଦେବୀଙ୍କ ପର୍ଯ୍ୟନ୍ତ, ମହିଳାମାନେ ରାଜ୍ୟର ସାମାଜିକ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ବର୍ତ୍ତମାନ ସମୟରେ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରେରଣାଦାୟୀ ଜୀବନଯାତ୍ରା, ଯିଏ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ବାହାରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୋଇଛନ୍ତି, ତାହା ଏକ ଶକ୍ତିଶାଳୀ ବାର୍ତ୍ତା ଦିଏ ଯେ ଦୃଢ଼ ଇଚ୍ଛାଶକ୍ତି ଓ ସୁଯୋଗ ଜଣେ ବ୍ୟକ୍ତିର ଜୀବନକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିପାରେ । ମହିଳାମାନଙ୍କ ଆତ୍ମବିଶ୍ୱାସ ସେତେବେଳେ ବୃଦ୍ଧି ପାଏ, ଯେତେବେଳେ ସେମାନଙ୍କ ପାଖରେ ଶିକ୍ଷା, ଆର୍ଥିକ ସ୍ୱାଧୀନତା ଏବଂ ସାମାଜିକ ମାନ୍ୟତା ପହଞ୍ଚିଥାଏ । ପୂର୍ବରୁ ବିଶେଷକରି ଗ୍ରାମାଞ୍ଚଳରେ ଅନେକ ମହିଳା କେବଳ ଘରୋଇ କାମରେ ସୀମିତ ରହୁଥିଲେ, କିନ୍ତୁ ଆଜି ଓଡ଼ିଶାର ମହିଳାମାନେ ଜଣେ ଜଣେ ସଫଳ ଉଦ୍ୟୋଗୀ, ଗୋଷ୍ଠୀ ନେତ୍ରୀ ଏବଂ ବିକାଶର ସକ୍ରିୟ ସହଭାଗୀ ଭାବେ ଉଭା ହେଉଛନ୍ତି ।

ଏହି ରୂପାନ୍ତରଣର ମୂଳରେ ରହିଛି 'ମିଶନଶକ୍ତି', ଯାହା ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ କରି ସେମାନଙ୍କ ମଧ୍ୟରେ ଆର୍ଥିକ ସ୍ୱାଧୀନତା ଓ ସାମୂହିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରୁଛି । ଆଜି ଏହି ଆନ୍ଦୋଳନ ରାଜ୍ୟର ପ୍ରାୟ ଛଅ ଲକ୍ଷ ଗୋଷ୍ଠୀ ଏବଂ ପ୍ରାୟ ସତୁରୀ ଲକ୍ଷ ମହିଳାଙ୍କୁ ଯୋଡ଼ି ପାରିଛି । ଏହି ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ମହିଳାମାନେ ଅର୍ଥ ସଞ୍ଚୟ କରିବା ସହ ଋଣ ସୁବିଧା ପାଇ ସିଲେଇ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷିଭଳି ଜୀବିକା ନିର୍ବାହ କାର୍ଯ୍ୟ ଆରମ୍ଭ କରୁଛନ୍ତି । 'ସୁଭଦ୍ରା ଶକ୍ତି କ୍ୟାଫେ', 'ସୁଭଦ୍ରା ଶକ୍ତିବଜାର' ଏବଂ ରିଟେଲ ମାର୍ଟ ଭଳି ପଦକ୍ଷେପଗୁଡ଼ିକ ମହିଳାମାନଙ୍କୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ବଡ଼ ପ୍ଲାଟଫର୍ମ ପ୍ରଦାନ କରିଛି । ଏହା ସହିତ 'ଲକ୍ଷପତି ଦିଦି' ଅଭିଯାନ ଗ୍ରାମାଞ୍ଚଳ ମହିଳାମାନଙ୍କୁ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମାଧ୍ୟମରେ ବାର୍ଷିକ ଅତିକମ୍‌ରେ ଏକ ଲକ୍ଷ ଟଙ୍କାରେ ରୋଜଗାର କରିବାରେ ସହାୟକ ହେଉଛି । ମହିଳାମାନେ ଦୁଗ୍ଧଚାଷ, କୁକୁଡ଼ା ପାଳନ, କ୍ଷୁଦ୍ର ବ୍ୟବସାୟ ଏବଂ ଖାଦ୍ୟ ଉଦ୍ୟୋଗ ଭଳି କ୍ଷେତ୍ରରେ ତାଲିମ ଗ୍ରହଣ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି ।

**ଆଜି ଏହି ଆନ୍ଦୋଳନ ରାଜ୍ୟର ପ୍ରାୟ ଛଅ ଲକ୍ଷ ଗୋଷ୍ଠୀ ଏବଂ ପ୍ରାୟ ସତୁରୀ ଲକ୍ଷ ମହିଳାଙ୍କୁ ଯୋଡ଼ି ପାରିଛି । ଏହି ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ମହିଳାମାନେ ଅର୍ଥ ସଞ୍ଚୟ କରିବା ସହ ଋଣ ସୁବିଧା ପାଇ ସିଲେଇ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷିଭଳି ଜୀବିକା ନିର୍ବାହ କାର୍ଯ୍ୟ ଆରମ୍ଭ କରୁଛନ୍ତି । 'ସୁଭଦ୍ରା ଶକ୍ତି କ୍ୟାଫେ', 'ସୁଭଦ୍ରା ଶକ୍ତିବଜାର' ଏବଂ ରିଟେଲ ମାର୍ଟ ଭଳି ପଦକ୍ଷେପଗୁଡ଼ିକ ମହିଳାମାନଙ୍କୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ବଡ଼ ପ୍ଲାଟଫର୍ମ ପ୍ରଦାନ କରିଛି । ଏହା ସହିତ 'ଲକ୍ଷପତି ଦିଦି' ଅଭିଯାନ ଗ୍ରାମାଞ୍ଚଳ ମହିଳାମାନଙ୍କୁ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମାଧ୍ୟମରେ ବାର୍ଷିକ ଅତିକମ୍‌ରେ ଏକ ଲକ୍ଷ ଟଙ୍କାରେ ରୋଜଗାର କରିବାରେ ସହାୟକ ହେଉଛି । ମହିଳାମାନେ ଦୁଗ୍ଧଚାଷ, କୁକୁଡ଼ା ପାଳନ, କ୍ଷୁଦ୍ର ବ୍ୟବସାୟ ଏବଂ ଖାଦ୍ୟ ଉଦ୍ୟୋଗ ଭଳି କ୍ଷେତ୍ରରେ ତାଲିମ ଗ୍ରହଣ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି ।**

ଓଡ଼ିଶା ସରକାର ମହିଳା ଓ କନ୍ୟାମାନଙ୍କ ପାଇଁ ସେମାନଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ସହାୟତା କରିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି । 'ସୁଭଦ୍ରା' ଭଳି କାର୍ଯ୍ୟକ୍ରମ ମହିଳାମାନଙ୍କ ଆର୍ଥିକ ନିରାପତ୍ତା ଓ ଜୀବିକାର ସୁଯୋଗକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ସେହିଭଳି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଗରିବ ପରିବାରର କନ୍ୟାମାନଙ୍କର ସମ୍ମାନଜନକ ବିବାହ ସୁନିଶ୍ଚିତ କରିବାରେ ସହାୟତା କରୁଥିବାବେଳେ, ପ୍ରସ୍ତାବିତ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳା ଯୋଜନା' କନ୍ୟା ସନ୍ତାନର କଲ୍ୟାଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରୁଛି । ଯେତେବେଳେ ସମାଜର ଅର୍ଦ୍ଧେକ ଅଂଶ ଆତ୍ମବିଶ୍ୱାସର ସହ ପାଦ ବଢ଼ାଏ, ସେତେବେଳେ ପ୍ରଗତିର ଗତି ଅପ୍ରତିହତ ରହେ । ଆଜିର ଓଡ଼ିଶା ସମଗ୍ର ବିଶ୍ୱକୁ ଏହି ବାର୍ତ୍ତା ଦେଉଛି ଯେ, ଯେତେବେଳେ ନାରୀର ଅଭ୍ୟୁଦୟ ହୁଏ, ସେତେବେଳେ ପ୍ରକୃତରେ ସମଗ୍ର ସମାଜ ପ୍ରଗତିର ଶିଖର ଆଡ଼କୁ ଅଗ୍ରସର ହୁଏ ।

# ଲୋକ ସଂସ୍କୃତିର ଦୁଇ ପୂଜାରୀ
# ଆସାମର ନିର୍ମଳା ପ୍ରଭା, ଓଡ଼ିଶାର ବୀଣାପାଣି-(୨)



**ଡ. ମନୋରମା ବିଶ୍ୱାଳ ମହାପାତ୍ର**

ନିଜର ସୃଷ୍ଟି ସଂପର୍କରେ ଲେଖିକା ବୀଣାପାଣି ମହାନ୍ତି କୁହନ୍ତି- 'ଗୋଟିଏ କିନ୍ତୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଲେଖିକା ହେବାର ସଂକଳ୍ପ ମୁଁ କରି ନଥିଲି । ଲେଖିବାକୁ ପିଲାଦିନେ ମୋତେ ଭଲ ଲାଗୁଥିଲା । ପ୍ରକୃତିକୁ ଚାହିଁ ମୁଗ୍ଧ ହେଉ ହେଉ ଆଇମା' କହାଣୀ, ଭୂତପ୍ରେତ ଓ ଈଶ୍ୱରଙ୍କ ଅଲୌକିକ ପ୍ରେମରେ ଉବୁଟୁବୁ ହେଉ ହେଉ କେତେବେଳେ ଯେ ମଣିଷ ପ୍ରେମରେ ପଡ଼ିଗଲି ଜାଣେନା। ମଣିଷକୁ ଥରେ ଭଲ ପାଇଗଲେ ଆଉ କେଉଁ ନିଶା ଅଛି ଯେ ମୋତେ ମୋହଗ୍ରସ୍ତ କରିପାରିବ ? ମଣିଷର ସୁଖଦୁଃଖ ସଂଗ୍ରାମ ଓ ସ୍ୱପ୍ନ ଭିତରେ ମୁଁ ଅଜସ୍ର ଥର ଜନ୍ମ ନେଇ ମୃତ୍ୟୁବରଣ କରିଛି । ପୁଣି ଜନ୍ମିଛି ଅନ୍ୟ ରୂପରେ । ସେହି ଆବର୍ତ୍ତନରୁ ମୁଁ ମୁକୁଳିବାକୁ



ଚେଷ୍ଟା କରିନାହିଁ ।'

କବିତା ମୋର ପ୍ରଥମ ପ୍ରେମ । ସେଇ ମୋର ସ୍ୱପ୍ନ, ଝୁଙ୍କ ଆଉ ବିଳାସ । ମଣିଷ ନିଜ ଭିତରେ କ୍ଳାନ୍ତ ହେଲେ ଖୋଜିବ ସେ ଆଲୋକର ପଥ । ଖୋଜିଲାବେଳେ ହିଁ ତା ଭିତରେ ଜନ୍ମ ନିଏ ନୂତନ ଏକ ବ୍ୟକ୍ତିତ୍ୱ । ଦେହ ନଷ୍ଟ ହୁଏ । ବ୍ୟକ୍ତିତ୍ୱବୋଧ ସଞ୍ଚରି ଯାଏ ସହସ୍ର ଚେତନାରେ । ତେଣୁ ତ ଜନ୍ମ ମୃତ୍ୟୁର ଯନ୍ତ୍ରଣା ଏତେ କମନୀୟ, ଆକର୍ଷଣୀୟ, ବୋଧେ ସେଥିପାଇଁ ଗଳ୍ପ ଲେଖିବାକୁ ହୁଏ ପଢ଼ିବାକୁ ପେଡ଼େ ଜନ୍ମରୁ ଜନ୍ମାନ୍ତର । କବି ହେବାକୁ ଇଚ୍ଛା କରୁଥିବା ଜଣେ ବ୍ୟକ୍ତି ଚାଲୁ ଚାଲୁ ବାଟ ଭାଙ୍ଗେ । ପୁଣି ଅଟକି ରହେ ଗଳ୍ପର ନିବୁଜ କୋଠରୀରେ । କିନ୍ତୁ ଯେତେ ନିମଗ୍ନ, ହୁସିଆର ହେଲେ ବି କୋଠରୀ ଦ୍ୱାର ଖୋଲିଯାଏ କେବେ କେବେ, କିଛି ନ ହେଲେ ଝର୍କାରୁ ପର୍ଦା ଘୁଞ୍ଚିଯାଏ ଅମାନିଆ ପବନର ଚାପରେ । କେହି ଇଚ୍ଛା ନ କଲେ ବି ମୁଁ ନିଜେ ପଢ଼ିବାକୁ କବିତା ଲେଖେ ଓ ସ୍ୱପ୍ନ ଦେଖେ । ସେଇ ବେଳାରେ ପୁଣି ଗଳ୍ପର ଦ୍ୱାର ଖୋଲିଯାଏ । ଗପ ସବୁ ଜୁଡୁବୁଡୁ ହୋଇଯାଏ ଅଲିଖିତ କବିତାର ସଙ୍ଗୀତରେ ।

ମଣିଷ, ମାଟି ଓ ସ୍ୱପ୍ନର ଦିଗନ୍ତରେ ମୋ ଅନୁଭବର ଦିଗନ୍ତ ବିସ୍ତାରୀ ଚକ୍ରବାଳ । ମୁଖ୍ୟତଃ ମଣିଷ ଓ ତାର ବେଦନାବୋଧ । ଯନ୍ତ୍ରଣା ସଂଗ୍ରାମ ନୂଆ କରି କିଛି ଗୋଟେ ଗଢ଼ିବା ପାଇଁ ମୋତେ ପ୍ରେରଣା ଦେଇଥାଏ । ମଣିଷର ବେଦନାବୋଧକୁ ଆବୋରି ନେଇ ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ନୂଆ କରି ସ୍ୱପ୍ନଟିଏ ବୁଣି ଦେବା ପାଇଁ ସାରା ଜୀବନ ମୁଁ ଜୁଇରେ ଜଳୁଛି ... ପହଁରୁଛି । ସମୁଦ୍ରରେ ଅଥଳ ଗର୍ଭରେ ଭୟଙ୍କର ଜୀବମାନଙ୍କର ସାମ୍ନା କରୁଛି । ମୁଁ ଲେଖିଚାଲିଛି କାଳିରେ ନୁହେଁ, ନିଜ ରକ୍ତର ଅନୁଭୂତିରେ, ନିଜ ଅନ୍ତରଙ୍ଗ ମଣିଷ ଜୀବନର ସ୍ୱପ୍ନର ଅସରନ୍ତି କାହାଣୀ । ସବୁ ଭିତରେ ମୁଁ ଏକକ ମଣିଷଟି ସହିତ କେବେ ମିଶିଛି ତ କେବେ ବିଚ୍ଛିନ୍ନ । କେବେ ପ୍ରେମର ପାରାବାରରେ ତ କେବେ ଯନ୍ତ୍ରଣାର ଜୁଇରେ । କେବେ ରଣଶଯ୍ୟାରେ ତ କେବେ ତପସ୍ୟାରତ ଧ୍ୟାନମଗ୍ନ ମୋର ଶତଧା ବିଖଣ୍ଡିତ ଏକକ ବ୍ୟକ୍ତିସତ୍ତା ।

ମୁଁ ଯାହା ଯାହା କରିଥାଏ, ସେକଥା ହିଁ କହେ । ଆଉ ଯାହା କହେ, ତାହା ନିଶ୍ଚିତ ଶହେଭାଗ ସତ୍ୟ । ମୋତେ ମିଥ୍ୟା ପ୍ରହେଳିକାର ଖୋଳପା ଭଲ ଲାଗେନା ।

ଚରିତ୍ରମାନେ ମୋର ଚତୁର୍ଦ୍ଦିଗରେ ରହିଛନ୍ତି । ଘଟଣା ମଧ୍ୟ ସେହିପରି ଘଟୁଥାଏ ସମାଜରେ । ଯାହା ମୁଁ ଜାଣେ, ଯେଉଁଥିରେ ମୁଁ ଆତ୍ମିକ ସ୍ତରରେ ଆନ୍ଦୋଳିତ ହୁଏ ସେ ବିଷୟରେ ମୁଁ ଲେଖେଁ । 'ଆକାଶ କଇଁଆ ଚିଲିକା ମାଛ'ର ସ୍ୱପ୍ନ ଦେଖିଥାଇ ପାରେ, ମାତ୍ର ସେସବୁକୁ ମୁଁ ଲେଖେଁ ନାହିଁ । ଦେଶ, ସମାଜ, ମଣିଷ ଓ ମାଟି ମୋ ଗଳ୍ପର ପ୍ରେରଣାର ଉତ୍ସ କହିଲେ ଭୁଲ ହେବ ନାହିଁ ।

ମୋ ଅବଚେତନ ମନ ଭିତରେ ଯେବେଠାରୁ ଏ ସୁନ୍ଦର ପୃଥିବୀ ଓ ତାର ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟଙ୍କ ପ୍ରତି ଦୁର୍ବଳତା ଦେଖାଦେଲା, ସେବେଠାରୁ ସେମାନଙ୍କ କଥା ମୋ ଲେଖନୀରେ ରୂପ ପାଇଲା । ତେଣୁ ମଣିଷ ସମାଜ ଓ ତାର ପାରିପାର୍ଶ୍ୱିକ ବଳୟକୁ ଢାଙ୍କି ରଖିଥିବା ସୁଖ-ଦୁଃଖ, ହସ-କାନ୍ଦ, ରାଗ-ଅନୁରାଗ, ପ୍ରେମ-ଘୃଣା, ଶାନ୍ତି-ଅଶାନ୍ତି ପ୍ରଭୃତି ଭାବାବେଗ ମୋ ଗଳ୍ପର ପୃଷ୍ଠଭୂମି । ମଣିଷ ପ୍ରତି ମାନବିକତାପୂର୍ଣ୍ଣ ବାର୍ତ୍ତା ଦେବା ମୋ ଗଳ୍ପର ଆଭିମୁଖ୍ୟ ।

ଲେଖକ ସିଧା ସଳଖ ବିପ୍ଳବ କରେନା । ଲେଖନୀ ମାଧ୍ୟମରେ ସେ ସଚେତନତା ସୃଷ୍ଟି କରେ । ଧୀରେ ଧୀରେ ତାହା ସଂକ୍ରମିତ ହୋଇ ସମାଜରେ ପରିବର୍ତ୍ତନ ଆଣେ ।

ମୁଁ ନଇଁପଡେ ପ୍ରତିଟି କଣ୍ଟକିତ, ଯନ୍ତ୍ରଣା ଜର୍ଜରିତ, ଅସହାୟତା ନିପୀଡିତ ମଣିଷର ମୁମୂର୍ଷୂ ଚେତନାର ତନ୍ତୁରେ, ପ୍ରତୀକ୍ଷିତ ବେଦନାକ୍ତ ବକ୍ଷରେ ଟୋପାଏ ରକ୍ତ ଢାଳିଦେବାକୁ ଏବଂ କାନେ କାନେ କହିଦେବାକୁ ଯେ, ରାତି ପାହି ନିଶ୍ଚୟ ପ୍ରଭାତ ଆସିବ ଏକ ରକ୍ତ ଗୋଲାପର ସ୍ତବକ ନେଇ ପ୍ରତିଟି କୁଟୀର, ପ୍ରତିଟି ହୃଦୟକୁ ।

**ଅତୀତକୁ ସହଜରେ ଛାଡ଼ି ହେଉନି, କାରଣ ସେ ମୋର ଭିତ୍ତିଭୂମି ବର୍ତ୍ତମାନକୁ ସଂପୂର୍ଣ୍ଣ ଭାବରେ ସ୍ୱୀକାର କରିହେଉନି, ଯେହେତୁ ସେ ମୋର ରୁଚିର ଅଗ୍ରଭାଗକୁ ସ୍ପର୍ଶ କରିପାରୁନି । ମୁଁ ଜାଣେ, ସମୁଦ୍ର ଉପକଣ୍ଠରେ ଛିଡ଼ା ହୋଇ ମୁଁ ଅନନ୍ତ ଦିଗ୍‌ବଳୟକୁ ଚାହିଁଛି । ଏ ଚାହିଁବାର ଶେଷ କେଉଁଠି ମୁଁ ଜାଣେନା, ଯେମିତି ଜାଣେନା ମୋ ଗପର ଶେଷକଥା ।**

ମୋ ରାଜ୍ୟ ଏବଂ ମୋର ରାଜ୍ୟ ବହିର୍ଭୂତ ସକଳ ମଣିଷଙ୍କର ଯନ୍ତ୍ରଣା ଓ ସଂଘର୍ଷ ସହିତ ମୁଁ ଏକତ୍ର ଘର କରିଥାଏଁ । କେବଳ କୋଣାର୍କ, ପୁରୀ, ଗୋପାଳପୁର ବା ଚିଲିକା ଉପକୂଳର ଐତିହ୍ୟମଣ୍ଡିତ ଅଧିବାସୀମାନେ ମୋ କାହାଣୀର ଚରିତ୍ର ନୁହଁନ୍ତି । **ସମସ୍ତ ସଂଘର୍ଷରତ ନୂତନ ମଣିଷର ଅନ୍ତଃଚେତନା ସହିତ ଭାବଗତ ଜଗତରେ ମୁଁ ଏକାତ୍ମ ଭାବରେ ବାସ କରୁଥାଏ ଓ ଚିହ୍ନା-ଅଚିହ୍ନା ମଣିଷଙ୍କର ଦୁଃଖ ଯନ୍ତ୍ରଣାକୁ ମୋ କାହାଣୀରେ ରୂପ ଦିଏ । କେବଳ ଯେ ପୁରୁଷମାନେ ନାରୀମାନଙ୍କୁ ନିର୍ଯାତନା ଦେଉଛନ୍ତି ତାହା ନୁହେଁ, ବରଂ ନାରୀମାନେ ହିଁ ନାରୀକୁ ବେଶୀ ନିର୍ଯାତନା ଦେଇଥାନ୍ତି, କୁସଂସ୍କାରର ବଶବର୍ତ୍ତୀ ହୋଇ ତଥା ନିଜସ୍ୱ ହୀନମାନସିକତାକୁ ନେଇ । ତେଣୁ ଗଳ୍ପ ଭିତରେ ମୋର ବକ୍ତବ୍ୟ ହେଉଛି, ସେହି ନିର୍ଯାତିତା ନାରୀମାନେ କିପରି ସମସ୍ତ ପରିସ୍ଥିତିର ସାମ୍ନା କରିପାରିବେ ଏବଂ ନିଜର ନାରୀତ୍ୱକୁ ଦୃଢ଼ଭାବେ ସାବ୍ୟସ୍ତ କରିପାରିବେ ।**

ରାସ୍ତାରେ ଝିଅଟିଏ ମାର୍କସିଟ୍ ଖଣ୍ଡିଏ ଆଣିବାକୁ ଯାଉ ଯାଉ ଧର୍ଷିତା ହେଉଛି, ଯୌତୁକ ଊଣା ହେଲେ ନବବଧୂଟିଏ ତାର ଶାଶୁ-ଶ୍ୱଶୁର-ସ୍ୱାମୀ-ଦିଅର-ନଣନ୍ଦଙ୍କ ଦ୍ୱାରା ବହୁଭାବରେ ନିର୍ଯ୍ୟାତିତା ହେଉଛି-ବଧୂହତ୍ୟା ଭଳି ଜଘନ୍ୟ ସମସ୍ୟା ନିଷ୍ଠୁରତାର ସମସ୍ତ ସୀମା ଲଂଘନ କରୁଛି । ଏଭଳି ସମୟରେ କେଉଁ ଲେଖକ ଅବା ନୀରବରେ ବସି ରହିପାରିବ ? ଏସବୁ ନେଇ ଲେଖିଲି ବୋଲି ମୋତେ ଯଦି କେହି ଫେମିନିଷ୍ଟ କହନ୍ତି, ତେବେ ମୁଁ କହିବି ପୃଥିବୀର ସମସ୍ତ ଶିଳ୍ପୀସତ୍ତା ହିଁ ଫେମିନିଷ୍ଟ ।

ମୋ ନିରୋଳା ମୁହୂର୍ତ୍ତରେ ମୋ ଚରିତ୍ରମାନଙ୍କ ସହ ମୁଁ ଅନେକ ଯନ୍ତ୍ରଣା ଭୋଗ କରିଛି, ମାତ୍ର ମୁଁ କ୍ଳାନ୍ତ ହୋଇପଡ଼ିନି... ସମସ୍ତ ଘନଘଟା ମଧ୍ୟରେ ମୁଁ ସ୍ୱପ୍ନ ଦେଖିବାକୁ ଭଲପାଉଛି । ଏଥିପାଇଁ ମୋ ଗଳ୍ପ, ଉପନ୍ୟାସ, ମୋ ଚରିତ୍ର ସମାଜକୁ ବାଦ୍ ଦେଇ ମୋର ଅନ୍ୟ ଅସ୍ତିତ୍ୱ ପ୍ରତି ମୁଁ ସଜାଗ ହୋଇ ପାରିନାହିଁ ।

ଗଳ୍ପ ଲେଖିଲା ବେଳେ ତାହାର ପରିଣତି କଥା ମୁଁ ଚିନ୍ତା କରେ ନାହିଁ । ଲେଖୁ ଲେଖୁ ନଈ ପରି ମଡ଼ାଅମଡ଼ା ବାଟ ଦେଇ କେଉଁଠି ପହଞ୍ଚିଯାଏ ଜାଣିପାରେନା । ସବୁବେଳେ ଭାବୁଥିବା କଥାର ବିପରୀତ ଦିଗରେ ମୁଁ ପହଞ୍ଚିଯାଏ ।

ମୋ ଜୀବନରେ ତ ଆଉ କିଛି ନାହିଁ । ଖାଲି କଥା ଆଉ କଥା । ମୋର ଏକାକୀ ଜୀବନରେ ପରିବାରର ସମସ୍ୟା, ତେଲଲୁଣର



ସମସ୍ୟା ବା ଅନ୍ୟ କିଛି ସମସ୍ୟା ନାହିଁ । ମୋ ପାଖରେ କଥା ବୋଇଲେ ଜୀବନ ।

ଚତୁର୍ଦ୍ଦିଗରେ ଅସ୍ଥିର ପରିସ୍ଥିତି ଓ ଦ୍ରୁତ ସାମାଜିକ-ରାଜନୀତିକ ଓ ଆର୍ଥନୀତିକ ପରିବର୍ତ୍ତନ ମୋତେ ଗପ ପରେ ଗପ ଲେଖିବାକୁ ବାଧ କରିଛି । ଅତୀତକୁ ସହଜରେ ଛାଡ଼ି ହେଉନି, କାରଣ ସେ ମୋର ଭିତ୍ତିଭୂମି ବର୍ତ୍ତମାନକୁ ସଂପୂର୍ଣ୍ଣ ଭାବରେ ସ୍ୱୀକାର କରିହେଉନି, ଯେହେତୁ ସେ ମୋର ରୁଚିର ଅଗ୍ରଭାଗକୁ ସ୍ପର୍ଶ କରିପାରୁନି । ମୁଁ ଜାଣେ, ସମୁଦ୍ର ଉପକଣ୍ଠରେ ଛିଡ଼ା ହୋଇ ମୁଁ ଅନନ୍ତ ଦିଗ୍‌ବଳୟକୁ ଚାହିଁଛି । ଏ ଚାହିଁବାର ଶେଷ କେଉଁଠି ମୁଁ ଜାଣେନା, ଯେମିତି ଜାଣେନା ମୋ ଗପର ଶେଷକଥା ।

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ମୋ-୦୯୪୩୭୦୧୧୦୦୩**

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଏଭଳି...

ଉଚିତ । ସମସ୍ତ ପକ୍ଷ ସଂଯମତା ଅବଲମ୍ବନ କରିବା ଓ ଆଲୋଚନା ମାଧ୍ୟମରେ ସାମାଧାନ ଖୋଜିବା ଉଚିତ । ଆମେରିକୀୟ ଅର୍ଥ ସଚିବ କହିଛନ୍ତି ଆଜି ରାତିରେ ଇରାନ ଉପରେ ସବୁଠୁ ବଡ ଆକ୍ରମଣ ହେବ । ଆକ୍ରମଣର ଲକ୍ଷ୍ୟ ହେଉଛି କ୍ଷେପଣାସ୍ତ୍ର ଲଞ୍ଚର ଏବଂ କ୍ଷେପଣାସ୍ତ୍ର ନିର୍ମାଣ କାରଖାନାକୁ ଯଥେଷ୍ଟ କ୍ଷତି ପହଞ୍ଚାଇବା ।

### ମମତାଙ୍କ...

ରହିଥିଲା । ଯେଉଁ ସ୍ଥାନରେ ପ୍ରଥମେ ସମ୍ମିଳନୀ ହେବାର ଥିଲା ସେଠାରେ ୫ ଲକ୍ଷ ଲୋକ ଏକତ୍ରିତ ହୋଇପାରିଥାନ୍ତେ । ପରେ ଏହାକୁ ବଦଳା ଯାଇଛି । ପ୍ରାୟ ପ୍ରଶାସନ ଏହା ବୁଝିପାରିଲା ନାହିଁ । ଏକ ଶୂନ୍ୟସ୍ଥାନକୁ ଘଟଣା ଲାଗି ଦିଆଗଲା ନାହିଁ । ଯାହା ମୋତେ ବାଧିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ତେବେ ରାଷ୍ଟ୍ରପତି କହିଛନ୍ତି ଯେ ମମତାଙ୍କ ସହ ତାଙ୍କର କୌଣସି ବିବାଦ ନାହିଁ । ମମତା ଦିଦିଙ୍କୁ ସେ ଛୋଟ ଭଉଣୀ ଭଳି ଦେଖନ୍ତି । କାହିଁକି ସେ ମୋ ଉପରେ ରାଗିଲେ ତାହା ମୁଁ ଜାଣିପାରୁନାହିଁ ।

### ଇରାନ...

ଗୁଡିକ ଦୁବାଇ ବିମାନ ବନ୍ଦରରେ କିଛି ସମୟ ଧରି ଅଟକି ରହିଛନ୍ତି । ଦୁବାଇ ଓ କତାରରେ ଥିବା ବାସିନ୍ଦାମାନଙ୍କୁ ସେମାନଙ୍କ ଫୋନରେ ମିସିଇଲ ଆକ୍ରମଣ ନେଇ ସତର୍କ ସୂଚନା ଦିଆଯାଉଛି । କତାର ପକ୍ଷରୁ ବାସିନ୍ଦାମାନଙ୍କୁ ସୁରକ୍ଷିତ ସ୍ଥାନ ଲାଗି ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଛି । ହଙ୍ଗେରୀ , ଇଟାଲୀ, ଜର୍ମାନ, ବୁଗେରିଆ ଓ ନେଦରଲ୍ୟାଣ୍ଡ ଭଳି ଦେଶଗୁଡିକ ୟୁଏଇ, ଇସ୍ରାଏଲ୍ ସହି ଅନ୍ୟ ପଡୋଶୀ ରାଷ୍ଟ୍ର ଗୁଡିକ ସହ ଆଲୋଚନା କରୁଛନ୍ତି । ଦୁବାଇ ଓ ଆବୁଧାବିରେ ଯୁଦ୍ଧ ଯୋଗୁଁ ପର୍ଯ୍ୟଟକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ମଧ୍ୟପ୍ରାଚ୍ୟରେ ସପ୍ତାହେ ହେଲାଣି ବାୟୁସୀମାକୁ ବନ୍ଦ କରାଯାଇଥିବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି । ଇରାନ ପକ୍ଷରୁ ୟୁଏଇରେ ହୋଇଥିବା ମିସିଇଲ ଓ ଡ୍ରୋନ ଆକ୍ରମଣକୁ ତାହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅକାମୀ କରି ଏହାକୁ ସମୁଦ୍ରରେ ପକାଇଛି । ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଚିହ୍ନଟ କରିଛି ଯେ, ୧୨୧ ୟୁଏବି ଓ ୧୧୯ ମିସାଇଲ ୟୁଏଇ ସୀମାକୁ ଆସିଛି । ଇରାନ ଆକ୍ରମଣ ପରେ ୟୁଏଇ ୨୨୧ ମିସାଇଲ ମଧ୍ୟରୁ ୨୦୫ କୁ ଧ୍ୱଂସ କରିବାକୁ ସକ୍ଷମ ହୋଇଛି । ଭାରତ ପକ୍ଷରୁ କତାରରେ ଥିବା ପର୍ଯ୍ୟଟକ ମାନଙ୍କୁ ସତର୍କ କରାଯାଇଛି । ଭାରତୀୟ ଦୁତବାସ ପକ୍ଷରୁ ପର୍ଯ୍ୟଟକଙ୍କ ଲାଗି ମାର୍ଗଦର୍ଶିକା ଜାରି କରାଯାଇଛି । କେତେ ଭାରତୀୟ ସେଠାରେ ହାଇୱା ଏ ୧ ଭିସରେ ଅଛନ୍ତି ତାହାର ତଥ୍ୟ ଦେବାକୁ କୁହାଯାଇଛି ।

### ପାଣିରେ...

ଦଶମ ବୋର୍ଡ ପରୀକ୍ଷା ସରିଥିଲା । ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ମାଛରା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇ ନିଜ ସ୍କୁଲକୁ ଫେରିଥିଲେ । ବସରେ ଫେରିବା ସମୟରେ ହିଁ ପିଲାମାନେ ଖୁସିରେ ହୋଲି ଖେଳିଥିଲେ । ତେବେ ଏହି ଖୁସି ବେସି ସମୟ ରହିନଥିଲା । ନବଦୋୟ ବିଦ୍ୟାଳୟ ପଛ ପଟେ ଥିବା କୋଲାବ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇ ୩ ଛାତ୍ର ପାଣିରେ ବୁଡି ପ୍ରାଣ ହରାଇଥିଲେ । ମୃତକମାନେ ହେଲେ ଲିଙ୍ଗରାଜ ଖିଲୋ, ଓମ ପ୍ରକାଶ ବେହେରା ଓ ସ୍ୱସ୍ଥିତ ସୁନ୍ଦର ହାଲୱା । ଲିଙ୍ଗରାଜ ଖିଲୋ ଓ ସ୍ୱସ୍ଥିତ ସୁନ୍ଦର ହାଲଓ୍ୱା କୋରାପୁଟ ଅଞ୍ଚଳର ହୋଇଥିବା ବେଳେ ଓମ ପ୍ରକାଶ ବେହେରା ଲକ୍ଷ୍ମୀପୁର ଅଞ୍ଚଳର ବୋଲି ଜଣାପଡିଛି । ପିଲାମାନେ ପରୀକ୍ଷା କେନ୍ଦ୍ରକୁ ଫେରିବା ପରେ ନୀଳଗିରି ହାଉସର ୮ ଗୋଟି ପିଲା କୋଲାବ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ । ସେଥି ମଧ୍ୟରୁ ଏହି ୩ ଜଣ ଛାତ୍ର ପାଣିରେ ବୁଡିଯାଇଥିଲେ । ଖବର ପାଇଁ ସ୍କୁଲର କର୍ମଚାରୀମାନେ ପିଲାମାନଙ୍କୁ ପାଣିରୁ ଉଦ୍ଧାର କରି କୋରାପୁଟ ଏସଏଲଏନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ସମସ୍ତ ୩ ଜଣ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପରୀକ୍ଷା ସରିବା ପରେ ପିଲାଙ୍କୁ ନେବା ପାଇଁ ଅଭିଭାବକ ମାନଙ୍କୁ କୁହାଯାଇଥିଲା ବୋଲି ଗଣମାଧ୍ୟମକୁ ଅଧ୍ୟକ୍ଷା କହିଛନ୍ତି । ତେବେ ପିଲାଙ୍କ ସୁରକ୍ଷା ନେଇ ଏଠି ପ୍ରଶ୍ନ ଉଠୁଛି । କାରଣ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ଭରସାରେ ଛାଡ଼ି ନିଶ୍ଚିନ୍ତରେ ରହୁଥିବା ବେଳେ ଏଭଳି ଦୁର୍ଘଟଣାକୁ ଅଭିଭାବକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି ।ସେହିପରି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବଡ଼ଖଲାଡି ନଛିପୁର ଗ୍ରାମରେ ଘଟିଛି ଏଭଳି ହୃଦୟ ବିଦାରକ ଘଟଣା । ଦାଣ୍ଡଘାଟ ଦେହୁରୀ ସାହି ବିଦ୍ୟାଳୟରେ ପାଠ ପଢୁଥିବା କୋମଳମତି ଛାତ୍ରୀ ଶୁଭସନ୍ଧ୍ୟା ନାୟକ (୭)ଓ ରାଜଲକ୍ଷ୍ମୀ ଶଙ୍ଖୁଆଳ(୮) ବିଦ୍ୟାଳୟରୁ ଫେରି ଗାଧୋଇବା ନିମନ୍ତେ ଘର ନିକଟ ପୋଖରୀକୁ ଯାଇଥିଲେ । ପରିବାର ଲୋକେ ନଳକୂପରେ ଗାଧୋଇବାକୁ କହିଥିଲେ ସୁଦ୍ଧା ଦୁଇ ସାଙ୍ଗ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । କିଛି ସମୟ ପରେ ଅଚାନକ ପରିବାର ଲୋକେ ଦୁଇ ନାବାଳିକା ଝିଅ ପାଣିରେ ବୁଡି ଯାଇଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ପରିବାର ସଦସ୍ୟ ପୋଖରୀରେ ପଶି ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଦୁଇ ନାବାଳିକା ସାଙ୍ଗ ଏକ ସାଙ୍ଗେ ପୋଖରୀରେ ବୁଡି ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଏନେଇ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଡାକ୍ତରଖାନା ରେ ଶବ ବ୍ୟବଛେଦ କରାଯାଇଛି ।

### ତେଲ କିଣିବାକୁ...

'ପକ୍ଷରୁ ତେଲ ନକିଣିବା ନେଇ ସର୍ତ୍ତ ରଖାଯାଇ ଶୁଳ୍କରେ ରିହାତି କରାଯାଇଥିଲା । ତେବେ ଭାରତ କହିଛି ଯେ, ରୁଷରୁ ତେଲ କିଣିବା ପାଇଁ କୌଣସି ଦେଶରୁ ଅନୁମତି ଆବଶ୍ୟକ ନାହିଁ । ଫେବୃଆରୀ ୨୦୨୬ ରୁ ରୁଷରୁ ଭାରତ ତେଲ ଆମଦାନୀ କରୁଛି । ଏବେବି ରୁଷ ହେଉଛି ଭାରତକୁ ସର୍ବାଧିକ ତୈଳ ଯୋଗାଣକାରୀ ରାଷ୍ଟ୍ର । ରୁଷ - ୟୁକ୍ରେନ୍ ଯୁଦ୍ଧର ୩ ବର୍ଷ ମଧ୍ୟରେ ଭାରତ ତେଲ କିଣିଆସୁଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ , ଭାରତରେ ଏବେ ୨୫୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ରହିଛି । ପେଟ୍ରୋଲିୟମ ଜାତ ସାମଗ୍ରୀ ମଧ୍ୟ ସଂରକ୍ଷିତ ରହିଛି । ଯାହା ୭ ରୁ ୮ ସପ୍ତାହ ଯାଏ ଲୋକଙ୍କ ଚାହିଦା ପୂରଣ କରିବ । ଭାରତରେ ଥିବା ତୈଳ ଓ ବିଶୋଧନାଗାର ଗୁଡିକର କ୍ଷମତା ହେଉଛି ବର୍ଷକୁ ୨୫୮ ନିୟୁତ ଟନ୍ ଉତ୍ପାଦନର ଯାହା ଉପଭୋକ୍ତାଙ୍କ ଚାହିଦା ଠାରୁ କମ୍ ରହିଛି । ଆମେରିକା - ଇସ୍ରାଏଲ ଓ ଇରାନ ଉପରେ ସାମଗ୍ରିକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ଇରାନ ମଧ୍ୟ ଗଲ୍ଫ ରାଷ୍ଟ୍ର ଉପରେ ଆକ୍ରମଣ ଜାରି ରଖିଛି । ଏଥି ଯୋଗୁଁ ସମଗ୍ର ବିଶ୍ୱରେ ଶକ୍ତିଯୋଗାଣରେ ବ୍ୟାହାତ ସୃଷ୍ଟି ହୋଇଛି ।ଭାରତ ଏବେ ବିଶ୍ୱକୁ ସୋଧିତ ତୈଳ ରପ୍ତାନି କରିବା ସ୍ଥିତିରେ ପହଞ୍ଚିଛି ।

### ଆତ୍ମସମର୍ପଣ...

ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ମାଓବାଦୀମାନେ ଅସ୍ତ୍ର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ।

ମାଓବାଦୀମାନେ ମୁଖ୍ୟମନ୍ତ୍ରୀ ନିକଟରେ ୧୨୪ଟି ଅତ୍ୟାଧୁନିକ ବନ୍ଧୁକ ହସ୍ତାନ୍ତର କରିଛନ୍ତି । ସେଥିମଧ୍ୟରୁ ଇନସାସ ଏଲଏମଜି ରାଇଫଲ ଗୋଟିଏ, ୩୧ଟି ଏକେ-୪୭, ୨୧ଟି ଇନସାସ, ୨୦ଟି ଏସଏଲଆର, ୧୮ ଟି ୩୦୩, ୯ ଏମଏମ ପିସ୍ତଲ ଗୋଟିଏ, ୮ ଏମଏମ ଦୁଇଟି, ୧୮ ଟି ସିଙ୍ଗଲ ସଟ୍ ବନ୍ଧୁକ, ୨ଟି ବିଜିଏଲ ସମେତ ଅନ୍ୟ ହତିଆର ମଧ୍ୟ ହସ୍ତାନ୍ତରେ କରାଯାଇଛି । ଏମାନଙ୍କ ମଧ୍ୟରେ ପିଏଲଜିଏ ବାଟାଲିୟନ-୧ର ଆତ୍ମସମର୍ପଣ କରିଥିବା ୪୨ ଜଣଙ୍କ ମଧ୍ୟରୁ କେନ୍ଦ୍ରୀୟ କମିଟି ସଦସ୍ୟ ୨ ଜଣ, ଡିଭିଜନାଲ କମିଟି ମେମ୍ବର ୩ ଜଣ, ଏସିଏମ ୧୮ ଜଣ, ପାର୍ଟି ମେମ୍ବର ୧୯ ଜଣଛ ତେଲେଙ୍ଗାନା ରାଜ୍ୟ କମିଟିର ୩୦ ଜଣ ସଦସ୍ୟ ମଧ୍ୟରୁ ଡିଭିସିଏମ ୨ ଜଣ, ଏସିଏମ ୧୨ ଜଣ, ପାର୍ଟି ମେମ୍ବର ୧୬ ଜଣ । ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ୩୨ ଜଣଙ୍କ ମଧ୍ୟରୁ କେନ୍ଦ୍ରୀୟ କମିଟି ମେମ୍ବର ଜଣେ, ଡିଭିସିଏମ ୩ ଜଣ, ଏସିଏମ ୭ ଜଣ, ୨୧ ଜଣ ପାର୍ଟି ମେମ୍ବର । ସେହିପରି ଦ୍ୱିତୀୟ ସିଆରସିର ୧୬ ଜଣଙ୍କ ମଧ୍ୟରୁ ୨ ଜଣ ଡିଭିସିଏମ ସଦସ୍ୟ, ୪ ଜଣ ଏସିଏଣ ଏବଂ ୧୦ ଜଣ ପାର୍ଟି ମେମ୍ବର । ସେଣ୍ଟ୍ରାଲ କମିଟି ଷ୍ଟାଫ ୧୦ ଜଣଙ୍କ ମଧ୍ୟରୁ ଜଣେ କେନ୍ଦ୍ରୀୟ କମିଟି ସଦସ୍ୟ, ୫ ଜଣ ଏସିଏନ ଏବଂ ୪ ଜଣ ପାର୍ଟି ମେମ୍ବର ରହିଛନ୍ତି । ଏମାନଙ୍କ ମଧ୍ୟରୁ କେନ୍ଦ୍ରୀୟ କମିଟି ମେମ୍ବରକୁ ୨୫ ଲକ୍ଷ ପୁରସ୍କାର ରହିଥିବା ବେଳେ ଡିଭିସିଏମକୁ ୫ ଲକ୍ଷ, ଏସିଏମକୁ ୪ ଲକ୍ଷ ଏବଂ ପାର୍ଟି ମେମ୍ବରକୁ ୧ ଲକ୍ଷ ଟଂକା ପୁରସ୍କାର ରହିଥିଲା । ସେହିପରି ଏଲଏମଜିକୁ ୫ ଲକ୍ଷ ଟଂକାର ପୁରସ୍କାର ରହିଥିବା ବେଳେ ଏକେ-୪୭କୁ ୪ ଲକ୍ଷ, ଇନସାସ ବନ୍ଧୁକକୁ ୨ ଲକ୍ଷ, ଏସଏଲଆର ବନ୍ଧୁକକୁ ୨ ଲକ୍ଷ, ୩୦୩ ରାଇଫଲକୁ ୧ ଲକ୍ଷ,ୟୁଜିବିଏଲକୁ ୪୦ ହଜାର ଏବଂ ୧୨ ବୋର ବନ୍ଧୁକକୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ । ସମସ୍ତ ମାଓବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି ।

### ୩୨୮...

ଜିଲ୍ଲା ପୋଲିସ ୧୧ ଟି, କଳାହାଣ୍ଡି ପୋଲିସ ୧୨୪ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ ଜଣଙ୍କୁ ନୋଟିସ କରିଛି । କୋରାପୁଟ ପୋଲିସ ୨୩ ଟି, ମାଲକାନାଗିରି ପୋଲିସ ୬ ଟି, ଏବଂ ନୂଆପଡା ପୋଲିସ ୧୧୯ ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି । ରାଜ୍ୟବାସୀଙ୍କ ଡିଜିଟାଲ କାରବାର ସୁରକ୍ଷା ପାଇଁ ଓଡିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ । ସାଇବର ଅପରାଧ ମୁକ୍ତ ଓଡିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରୀ କଡାକଡି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ।

## ରଙ୍ଗର ପର୍ବ ହୋଲି ସହ ଦୋଳ ମେଳଣ ଉତ୍ସବ

ଧାମନଗର, (ସବ୍ୟୁ): ଧାମନଗର ବ୍ଲକ ଓ ଏନଏସି ଅଂଚଳରେ ରଙ୍ଗର ପର୍ବ ହୋଲି ଓ ଦୋଳ ମେଳଣ ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି । ଧାମନଗର ଅଂଚଳରେ ହୋଲିକୁ ଲୋକେ ଭରପୁର ଉପଭୋଗ କରିଥିଲେ । ବିଶେଷ କରି ଯୁବ ଗୋଷ୍ଠୀ ଶୋଭାଯାତ୍ରା ମାଧ୍ୟମରେ ରଙ୍ଗ ଖେଳି ହୋଲି ପର୍ବ ମନାଇଥିଲେ । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ଧାମନଗର ସ୍ଥିତ ଶ୍ରଦ୍ଧାଳୟରେ ପହଂଚି ଅନ୍ତେବାସୀଙ୍କ ସହ ରଙ୍ଗ ଖେଳିଥିଲେ । ଦୋଳ ପୂର୍ଣ୍ଣିମୀ ଅବସରରେ ଧାମନଗର ଅଂଚଳର ସର୍ବ ପୁରାତନ ବୟାଙ୍ଗଡିହ ପଂଚାୟତ ନୂଆହାଟ ମେଳଣ ଗତ ବୁଧବାର ରାତିରେ ଅନୁଷ୍ଠିତ ହୋଇଥିବାବେଳେ ଏହା ଦୁଇ ଦିନ ଧରି ଚାଲିବ । ପ୍ରାୟ ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ନିରବଛିନ୍ନ ଭାବେ ଚାଲିଆସୁଥିବା ଏହି ମେଳଣ ଚଳିତବର୍ଷ ମହା ଆଡମ୍ବରରେ ପାଳନ କରାଯାଇଥିଲା । ବୟାଂଡିହର ଆଖ ପାଖ ଗ୍ରାମରୁ ୩୦ରୁ ଉର୍ଦ୍ଧ୍ୱ ଦୋଳ ବିମାନରେ ଶ୍ରୀଜୀଉମାନେ ବିଜେ ହୋଇ ବାଜା,ବାଣ ଓ ରୋଷଣୀରେ ମେଳଣ ପଡିଆକୁ ଆସିଥିଲେ । ଦୋଳମଣ୍ଡପରେ ଶ୍ରୀଜିଉମାନେ ବିଜେ କରିଥିବା ବେଳେ ସେଠାରେ ପାରମ୍ପରିକ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା ।

## ଶାସନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କଳା କାରନାମା

# କାମ ନକରି ୪ ଲକ୍ଷ ଆତ୍ମସାତ

ପଟ୍ଟାମୁଣ୍ଡାଇ ,( ସବ୍ୟୁ ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ରାସ୍ତା କାମ ନକରି ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରା ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଶାସନ ଗ୍ରାମ ପଞ୍ଚାୟତରେ ଦୀର୍ଘ ଦିନ ଦିନ ହେଲା ବିଭିନ୍ନ ଆଳ ଦେଖାଇ କାମ ନକରି ମିଥ୍ୟା ବିଲ ଦ୍ୱାରା ସରକାରୀ ଅନୁଦାନ ଅର୍ଥ ହଡପ କରାଯାଉଥିବା ପଞ୍ଚାୟତ ବାସୀ କହିଛନ୍ତି । ପୂର୍ବ ପଞ୍ଚାୟତ ନିର୍ବାହୀ ଅଧିକାରିଣୀଙ୍କ ସମୟରେ ହିତାଧିକାରୀଙ୍କୁ ପାଣି ଟ୍ୟାଙ୍କର ଯୋଗାଣ ଦୁର୍ନୀତି,ପୋଖରୀ ସଫା ,ଚାନ୍ଦିନୀ ନିର୍ମାଣ ଆଦି ବିଭିନ୍ନ ପ୍ରକାର ଦୁର୍ନୀତି ଲୋକଲୋଚନକୁ ଆସିବା ପରେ ପଞ୍ଚାୟତ ବାସୀ ଏଥି ସମ୍ପର୍କରେ ବିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ।

ଅଭିଯୋଗ ପରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଅନନ୍ତ ଚରଣ ବିଶ୍ୱାଳଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ଅଳ୍ପ କିଛି ଦିନ ହେଲା କାମରେ ଯୋଗ ଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱାଳଙ୍କ ବିରୁଦ୍ଧରେ କାମ ନକରି ୪ଲକ୍ଷ ୨୮ ହଜାର ଟଙ୍କା ଆତ୍ମସାତ କରିଥିବା ସଙ୍ଗୀନ ଅଭିଯୋଗ ଆସିଛି । ଗ୍ରାମବାସୀଙ୍କ କହିବାନୁସାରେ ଭାଉଚର ନଂ ୫ଟି ଏଚ ଏସ ଏଫ ସି /୨୦୨୫-୨୬/ପି /୧୪ ଅନୁଯାୟୀ ଗତ ଫେବୃଆରୀ ୦୬ ତାରିଖରେ ଗ୍ରାମ ପଞ୍ଚାୟତ ପାଣ୍ଠିରୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆକାଉଣ୍ଟକୁ ୪ଲକ୍ଷ ୨୮ ହଜାର ୭ଶହ ୫୨ଟଙ୍କା ଏକ ରାସ୍ତା ନିର୍ମାଣ କାର୍ଯ୍ୟ ବାବଦକୁ ପୈଠ କରାଯାଇଛି । ଯେଉଁଥିରେ ପ୍ରକଳ୍ପର ନାମ ହରିଜନ ସାହି ଠାରୁ କେନାଲ ରୋଡ ପର୍ଯ୍ୟନ୍ତ ସି ସି ରୋଡ଼ ବୋଲି ଉଲ୍ଲେଖ ରହିଛି । ଭାଉଚରଟି ଲୋକଲୋଚନକୁ ଆସିବା ପରେ ସେଭଳି କୌଣସି ପ୍ରକଳ୍ପ କାର୍ଯ୍ୟ ପଞ୍ଚାୟତରେ ନିର୍ମାଣ କରା ଯାଇନଥିବା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । ପ୍ରକଳ୍ପ କେଉଁଠି ହୋଇଛି ,ପ୍ରକଳ୍ପ ସ୍ଥାନ ଆପଣ ତଦାରଖ କରିଥିଲେ କି ଏବଂ ପ୍ରକଳ୍ପର ସୂଚନା ଫଳକର ଫୋଟୋ ଦେବାକୁ ଗ୍ରାମବାସୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ । ଉତ୍ତରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱାଳ ମୁଁ ନିଜେ ପ୍ରକଳ୍ପର ତଦାରଖ କରି ବିଲ୍ କରିଛି ,ସୂଚନା ଫଳକ ଫୋଟୋ ହ୍ୱାଟ୍ସଆପ ରେ ପଠାଇ ଦେବି କହି ଆଉ ଦେଇ ନଥିଲେ । ଦୁଇ ଦିନ ପରେ ଶ୍ରୀ ବିଶ୍ୱାଳ ଆଜି ଅଫିସ କୁ ଆସିଥିବା ଦେଖି କିଛି ଗ୍ରାମବାସୀ ପ୍ରକଳ୍ପ ସ୍ଥାନ ଦେଖାଇବା ପାଇଁ ଏବଂ ସୂଚନା ଫଳକ ର ଫୋଟୋ ଦେବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ କାର୍ଯ୍ୟ ନିର୍ବାହୀଅଧିକାରୀ ପ୍ରକଳ୍ପ ସ୍ଥାନ ଦେଖାଇବାକୁ ଯାଇ ନଥିଲେ କି ସୂଚନା ଫଳକ ଫୋଟୋ ଦେଇ ପାରି ନଥିଲେ । ସେହି ପ୍ରକଳ୍ପରେ ମୋର କୌଣସି ଭୂମିକା ନାହିଁ କହି ପୂର୍ବତନ ପି ଇ ଓ ଏବଂ ଜେଇଙ୍କ ଉପରେ ଦୋଷ ଲଦିଥିଲେ । ଟଙ୍କା ଉଠାଇ କଣ କଲେ ବୋଲି ଗ୍ରାମବାସୀ ପଚାରିବାରୁ ସରପଞ୍ଚଙ୍କୁ ଦେଇଛି ବୋଲି କହିଥିଲେ । ବାରମ୍ବାର ଦୁର୍ନୀତି ବିରୁଦ୍ଧରେ ଗ୍ରାମବାସୀଙ୍କ ଅଭିଯୋଗ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସେ%୦ବି ପଟ୍ଟାମୁଣ୍ଡାଇ ବିଡ଼ିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ଦିନକୁ ଦିନ ଦୁର୍ନୀତିର ସୀମା ବଢି ଚାଲିଛି ଏପରିକି ପୁରୁଣା ପ୍ରକଳ୍ପକୁ ଦେଖାଇ ନୂଆ ପ୍ରକଳ୍ପର ଅନୁଦାନ ଅର୍ଥ ହଡପ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୁଦ୍ଧରେ କଠୋର କାର୍ଯାନୁଷ୍ଠାନ ଗ୍ରହଣ କରା ନଗଲେ ଅର୍ଜୁନ ସାହୁ,ରାହାସ ମଳିକ ,ଭ୍ରମରବର ନାୟକ,ତୀର୍ଥ ପରିଡା,ରମାକାନ୍ତ ଦାଶ, ଅନ୍ତର୍ଯ୍ୟାମୀ ନାୟକ,ଆଲୋକ ମଳିକ,ଚିତ୍ରସେନ ମଳିକ,ବରଜୁ ପରିଡା,ଦିଲ୍ଲୀପ ମଳିକ ପ୍ରମୁଖ ପଞ୍ଚାୟତ ବାସୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ଯୌନ ନିର୍ଯାତନା ନିବାରଣ କର୍ମଶାଳା




ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ପୁରୁଣା ଜିଲ୍ଲାପରିଷଦ ହଲ ଠାରେ ଉତ୍ତର କେନ୍ଦ୍ରାଞ୍ଚଳ ଓ ଢ଼େଙ୍କାନାଳ ପୋଲିସ ପ୍ରଶାସନ ପକ୍ଷରୁ ଯୌନ ନିର୍ଯାତନା ନିବାରଣ ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଆଇ.ଜି.ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ, ମହିଳାମାନଙ୍କ ନିମନ୍ତେ ନିରାପଦ ଓ ସମ୍ମାନଜନକ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବାଉ ପରେ ଗୁରୁତ୍ୱାରୋପ କରିଥିଲେ । ଆମେ ସମସ୍ତେ ଶାରୀରିକ ଓ ମୌଖିକ ଯୋଗାଯୋଗ ଏବଂ ଆଚରଣ ପ୍ରତି ସଚେତନ ରହିବା, ଅସୁରକ୍ଷିତ ମନେ କଲେ ପ୍ରତିବାଦ କରିବା, ଆଇନକୁ ବୁଝି ଅଧିକାର ସାବ୍ୟସ୍ତ କରିବା, ଆବଶ୍ୟକ ସ୍ଥଳେ ଆଭ୍ୟନ୍ତରିଣ କମିଟିକୁ ଜଣାଇବା ସହ କୌଣସି ପ୍ରକାରର ନିର୍ଯ୍ୟାତନାକୁ ପ୍ରଶ୍ରୟ ନ ଦେବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ସମସ୍ତ କ୍ଷେତ୍ରରେ ଛୋଟ ଛୋଟ ବିଷୟ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ପରବର୍ତ୍ତୀ ସମୟରେ ତାହା କୌଣସି ବଡ଼ ସମସ୍ୟାର ରୂପ ଧାରଣ କରିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ ।

ସମସ୍ତ ସରକାରୀ ଓ ଘରୋଇ ପ୍ରତିଷ୍ଠାନରେ ବିଶେଷ କରି ମହିଳାମାନେ ଯେପରି କୌଣସି ପ୍ରକାରର ଯୌନ ନିର୍ଯାତନାର ସମ୍ମୁଖୀନ ନହେବେ, ମାନସିକ ନିର୍ଯ୍ୟାତନାର ଶିକାର ନହେବେ ସେଥିପ୍ରତି ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ସ୍ୱାଗତ ଅଭିଭାଷଣ ପ୍ରଦାନ କରି କର୍ମଶାଳା ଆୟୋଜନ ସଂପର୍କରେ ଅବଗତ କରାଇଥିଲେ ।

ଏହି କର୍ମଶାଳାରେ ରିସୋର୍ସ ପର୍ସନ୍ ଅରୁଣୋଦୟ ୟୁନିଭର୍ସିଟିର ପ୍ରଫେସର ଆବାଶ ପରିଡ଼ା, ନ୍ୟାସନାଲ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ଡକଫର କୁନ୍ତିରାଣୀ ପଧାନ ଏବଂ ଉଦୟଟେଲ କମୁନିକେସନ୍‌ର ଦିବାକର ପ୍ରସାଦ ଦାଶ ଯୋଗ ଦେଇ, ଲିଙ୍ଗଗତ ପ୍ରଭେଦ ଯୋଗୁଁ ଉପୁଯୁଥିବା ହିଂସା ଓ ତାର ପ୍ରତିକାର, ଡ଼ିଜିଟାଲ ନିରାପତ୍ତା ରକ୍ଷା, ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ଥିବା ସାମ୍ବିଧାନିକ ଅଧିକାର ଓ ନାରୀ ସଶକ୍ତିକରଣ ସଂପର୍କରେ ବିଷଦ ଆଲୋଚନା କରିଥିଲେ ।

ସର୍ବଶ୍ରେଷ୍ଠ ହେବାର ଆଶା, ବଳ ଓ କ୍ଷମତା ହାସଲ, ପ୍ରଚଳିତ ଲୋକ କଥା, ଭାଷାଗତ ବ୍ୟବହାର ହିଂସା ବୃଦ୍ଧିର କାରଣ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁପୋଷିତ ଓଡିଶା ମିଶନ କର୍ମଶାଳା

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହୋଲରେ ଜିଲ୍ଲା ସ୍ତରୀୟ ସୁପୋଷିତ ଓଡିଶା ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଳବ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତିଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଏହି କାର୍ଯ୍ୟକ୍ରମଟି ସୁରୁଖୁରୁରେ ପରିଚାଳିତ ହୋଇଥିଲା । ଏହି କର୍ମଶାଳାରେ ରାଜ୍ୟ ସ୍ତରୀୟ ତାଲିମ ଦାତ୍ରୀ କୁମାରୀ ଇଶିକା ଡାଗା ସୁପୋଷିତ ଓଡିଶା ମିଶନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିଥଲେ । ଗର୍ଭବତୀ ମହିଳା, ୧ ରୁ ୬ ବର୍ଷର ଶିଶୁ ଓ ମାମାନେ କିପରି କୁପୋଷଣରୁ ମୁକ୍ତ ହୋଇପାରିବ ସେହି ବାବଦରେ ସେ ଆଲୋଚନା କରିଥଲେ । ଆଗାମୀ ୨୦୨୯ ମସିହା ସୁଦ୍ଧା ଶତ ପ୍ରତିଶତ ପୁଷ୍ଟିହୀନତା ମୁକ୍ତ ଓଡିଶା ଗଠନ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ବାଲେଶ୍ୱର ଜିଲ୍ଲାକୁ କିପରି କମ୍ ସମୟ ମଧ୍ୟରେ ସହଜରେ ପୁଷ୍ଟିହୀନତା ମୁକ୍ତ ହୋଇପାରିବ ସେ ସମ୍ବନ୍ଧରେ ସେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।ପୁଷ୍ଟିହୀନତା ମୁକ୍ତ ବାଲେଶ୍ୱର ଗଠନ କରିବା ପାଇଁ କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସେ ଶପଥ କରାଇଥିଲେ । ବାଲେଶ୍ୱର ଜିଲ୍ଲାର ସମସ୍ତ ସିଡ଼ିପିଓ, ସୁପରଭାଇଜର ଓ ଅଙ୍ଗନଓ୍ୱାଡ଼ି ଦିଦି ମାନଙ୍କ ସମେତ ବ୍ଲକ ଏବଂ ଜିଲ୍ଲାସ୍ତରୀୟ ଅନେକ ଅଧିକାରୀ ଗଣ ଏହି କର୍ମଶାଳାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଶେଷରେ ଜିଲ୍ଲା ସଂଯୋଜକ ପୋଷଣ ପଲ୍ଲୀଶ୍ରୀ ଦେବୀ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶାର ସ୍ୱାସ୍ଥ୍ୟଭିତ୍ତିକ ଷ୍ଟାର୍ଟଅପକୁ ଛୁଞ୍ଚି ଯନ୍ତ୍ରଣା-ମୁକ୍ତ ଡିଭାଇସ୍ ପାଇଁ ମିଳିଲା ପେଣ୍ଟେଟ୍

ଭୁବନେଶ୍ୱର (ସବ୍ୟୁ) : ଏବେ ଛୁଂଚି ଯନ୍ତ୍ରଣାର ଭୟ ବିନା ଚିକିତ୍ସା ଏବଂ ଇଞ୍ଜେକ୍ସନ ନେବା ସମ୍ଭବ ହେବ । ଓଡ଼ିଶା-ଭିତିକ ଏକ ଷ୍ଟାର୍ଟଅପ ଜେଡଟପ ଆଇଓଟି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ, ଏହାର ଅଗ୍ରଣୀ ଟପିକାଲ ଆନାସ୍ଥେଟିକ ଇଣ୍ଡ୍ୟୁସର (ଟିଏଆଇ) ଉପକରଣ ପାଇଁ ଏକ ପେଟେଂଟ ହାସଲ କରିଛି । ଏହା ଏକ ପ୍ରଥମ ଧରଣର ଉପକରଣ ଯାହା ଚିକିତ୍ସା ପ୍ରକ୍ରିୟା ସମୟରେ ଛୁଂଚି ଫୋଡ଼ିବା ସହିତ ଜଡିତ ଯନ୍ତ୍ରଣାକୁ ବହୁଳ ଭାବରେ ହ୍ରାସ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ଅଭିନବ ଉପକରଣ ବିଶ୍ୱ ସ୍ୱାସ୍ଥ୍ୟସେବା ବଜାର ପାଇଁ ଲକ୍ଷ୍ୟ ରଖି ଏକ ସ୍କିଲଡ ଇନ ଇଣ୍ଡିଆ ଉତ୍ପାଦର ଦୃଷ୍ଟିକୋଣକୁ ସୁଦୃଢ଼ କରିଛି । ସ୍ୱାସ୍ଥ୍ୟସେବା ଅଧ୍ୟୟନ ଦର୍ଶାଉଛି ଯେ ପ୍ରାୟ ୧୬% ବୟସ୍କ ବ୍ୟକ୍ତି ଛୁଂଚିକୁ ଭୟ ପାଇଁ ଟୀକାକରଣରୁ ବଂଚିତ ହୁଅନ୍ତି, ଏହା ସାଧାରଣତଃ ଟ୍ରାଇପାନୋଫୋବିଆ ସହିତ ଜଡିତ ଏକ ଅବସ୍ଥା । ରକ୍ତ ନମୁନା ସଂଗ୍ରହ ଏବଂ ଅନ୍ୟାନ୍ୟ ଛୁଂଚି-ଆଧାରିତ ରୋଗ ନିର୍ଣ୍ଣୟ ପ୍ରକ୍ରିୟା ସମୟରେ ମଧ୍ୟ ସମାନ ଚିନ୍ତା ପରିଲକ୍ଷିତ ହୁଏ, ଯାହା ପ୍ରାୟତଃ ରୋଗ ଚିହ୍ନଟ ଏବଂ ଚିକିତ୍ସାରେ ବିଳମ୍ବର କାରଣ ହୁଏ । ନୂତନ ଭାବରେ ପେଟେଂଟ ହୋଇଥିବା ଟିଏଆଇ ଉପକରଣ ଚର୍ମରେ ଏକ ପ୍ରାୟତଃ ଯନ୍ତ୍ରଣାହୀନ ଛୁଂଚି-ଆଧାରିତ ପ୍ରକ୍ରିୟାକୁ ସକ୍ଷମ କରି ଏହି ଆହ୍ୱାନର ସମାଧାନ କରୁଛି । ଚିକିତ୍ସା କ୍ଷେତ୍ରରେ ଏହି ନୂତନ ଉଦ୍ଭାବନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରି, ଷ୍ଟାର୍ଟଅପର ଉପଦେଷ୍ଟା ତଥା ବିଶିଷ୍ଟ ଯନ୍ତ୍ରଣା ବିଶେଷଜ୍ଞ ଡାକ୍ତର ଶୋଭନ ରଥ କହିଛନ୍ତି ଯେ, "ରୋଗୀମାନଙ୍କ ମଧ୍ୟରେ ଆମେ ଟ୍ରାଇପାନୋଫୋବିଆ (ଇଞ୍ଜେକ୍ସନ ଭୟ) ର ପ୍ରଭାବ ଦେଖିଛୁ । ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପାଇଁ ନିର୍ମିତ ଏହି ଉପକରଣର ଅତ୍ୟନ୍ତ ଆବଶ୍ୟକତା ରହିଛି ଏବଂ ଏହାର ଏହି କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି ।" ସେହିଭଳି ଜେଡଟପ ଆଇଓଟି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରୋଟାରିୟନ ବିକ୍ରମାଦିତ୍ୟ ନାୟକ କହିଛନ୍ତି ଯେ, "ସ୍ୱାସ୍ଥ୍ୟସେବା ପହଂଚରେ ଉନ୍ନତି ଆଣିବା ଦିଗରେ ସରକାର ପ୍ରଶଂସନୀୟ କାର୍ଯ୍ୟ କରୁଥିବା ବେଳେ, ରୋଗୀ-ଅନୁକୂଳ ନୂତନ ଉଦ୍ଭାବନ ମାଧ୍ୟମରେ ସେବାଗୁଡ଼ିକର ଗ୍ରହଣଯୋଗ୍ୟତା ବୃଦ୍ଧି କରି ଏଥିରେ ନିଜର ଅବଦାନ ରଖିବାକୁ ଆମେ ଲକ୍ଷ୍ୟ ରଖିଛୁ ।"

**AFFIDAVIT**

I, Snehaprava Pradhan, w/o Dr. Rajendra Nath Samantray, of Baruni Sahi, Po/Ps/Dist-Khurda, Odisha. Declare that, by virtue of an affidavit CN NO-85 dtd-13/07/98, in the court of executive magistrate Bhubaneswar due to my marriage I have changed my surname to Snehaprava Samantray. Henceforth I shall be known, called, & identified as **Snehaprava Samantray**.

**AFFIDAVIT**

By virtue of an affidavit sworn before Executive Magistrate, Bhadrak dt. 28.11.2025, I Monika Malik resident of Vill-Santarapur, Po. Achak, P.s- Tihidi, Dist- Bhadrak Odisha, Pin : 756130 declare that I have changed my name from Manika Das to Manika Malik and also declare my husband name Suresh Das and Nirakar Malik as a same person of our locality and my Date Birth is 09.05.1989 & LIC Policy No. 588434686 be declared as correct. I shall be known as Manika Malik W/o Nirakar Malik for all purpose.

**OFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**

**INVITATION FOR BIDS (IFB)**

E-mail: pwdoff_khd@yahoo.com

34001/157/2526 **Tender Call Notice**

**Bid Identification No. S.E.-KHD-(R&B)- 45 /25-26**

Letter No. 90 / dtd. 2/3/26

The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage Rate bids** in **Double Cover System** from appropriate Class of contractors as detailed below registered with the State Governments and Contractors of equivalent Grade / Class registered with Central Government / MES / Railways for execution of the Civil. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement

| | | | |
|---|---|---|---|
| 1. | Nature of Work | : | Road |
| 2. | No of Work | : | 01 No. |
| 3. | Tender Cost | : | Rs. 10000.00 (Online) |
| 4. | Class of Contractor | : | B Class Contractor |
| 5. | Available of Bid documents in the web site. | : | From Dt. 11.03.2026 at 12.00 Noon to Dt. 25.03.2026 at 5.00 PM |
| 6. | Date of opening of Bids | : | Dt.26.03.2026 at 11.30 AM |

7. Bidders have to participate in ONLINE bidding only. Further details can be seen from the Website : **https://tendersodisha.gov.in.** Any information regarding Addendum / Corrigendum / Cancellation of tender can be available in the said website.

Sd/- Superintending Engineer
Khordha (R&B) Division,
Khordha

OIPR : 34001/34095/1/25-26/0004

**OFFICE OF THE SUPERINTENDING ENGINFFR RURAL WORKS DIVISION, BALLIGUDA**

25001/298/2526

**Government of Odisha e-Procurement Notice**

**Bid Identification No. Online Tender-24/EERWD BLG/2025-26**

rw_balliguda@yahoo.com

Letter No. : 1984 // RWDBLG Date : 05.03.2026

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated cost | : | Rs.27.82 Lakhs to 42.51 lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 09.03.2026 at 10.00 AM to 17.03.2026 up to 5.00 PM |
| 5 | Last Date/ Time for receipt of Bids in the Portal | : | 17.03.2026 up to 5.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in ONLINE bidding only. Further details can be displayed from the e-procurement portal website **https://www.tendersodisha.gov.in** . Any addendum / corrigendum / cancellation of tender can also be seen in the said website only.

Sd/- Executive Engineer
Rural Works Division
Balliguda

OIPR : 25001/25164/1/25-26/0002

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଶନିବାର ଅପରାହ୍ନରେ ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତୀଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଏକ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା । ଏହି ବିକ୍ଷୋଭରେ ଗ୍ୟାସ ଟାଙ୍କି ମୁଣ୍ଡେଇ ମହିଳା କଂଗ୍ରେସ ନେତୃବୃନ୍ଦ ରାଲି କରିଥିଲେ ଏବଂ ମାଷ୍ଟର କ୍ୟାଣ୍ଟିନ ଛକରେ ଚୁଲିରେ କାଠ ଜାଳି ରୋଷେଇ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦିପ୍ ସିଂ ପୁରୀଙ୍କ କୁଶପୁଳିକା ଦାହ କରାଯାଇଥିଲା । ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି କହିଥିଲେ ଯେ ମୋଦୀ ସରକାର ସିଲିଣ୍ଡର (୧୪.୨ କିଲୋ) ପିଛା ୬୦ ଟଙ୍କା ଦର ବୃଦ୍ଧି କରିଛନ୍ତି । ଅନ୍ୟପକ୍ଷରେ ବ୍ୟବସାୟିକ ସିଲିଣ୍ଡର (୧୯ କିଲୋ) ୧୧୫



ଟଙ୍କା ବୃଦ୍ଧି ପାଇଛି । ଗତ ୧୧ ମାସ ତଳେ ଅପ୍ରିଲ ୮ ତାରିଖରେ ମୋଦୀ ସରକାର ଘରୋଇ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଥିଲେ । ସାଧାରଣ ଜନତାଙ୍କର ଗଳାରେ ଖୋଜ ପକାଇଛନ୍ତି । ସାଧାରଣ ଜନତାଙ୍କୁ କିଭଳି ଶୋଷଣ କରାଯିବ ତା'ର କାରସାଦି ମୋଦୀ ସରକାରଙ୍କୁ ଜଣା । ଅନ୍ୟପକ୍ଷରେ ୨୦୧୪ ମସିହା ପୂର୍ବରୁ ମନମୋହନ ସିଂ ସରକାରଙ୍କ ସମୟରେ ଘରୋଇ ସିଲିଣ୍ଡର ପିଛା ୪୧୦ ଟଙ୍କା ଥିବାବେଳେ ଏବେ ଏହା ୧୦୦୦ ଟଙ୍କାକୁ ପହଞ୍ଚିଲାଣି । ମୋଦୀଙ୍କର ଆଛାଦିନର ସ୍ୱପ୍ନର ବାସ୍ତବତା କିଭଳି ବିକୃତ ତାକୁ ଆଜି ଦେଶର ସାଧାରଣ ଜନତା ଅନୁଭବ କରୁଛନ୍ତି । ଏହି ମହଙ୍ଗା ମାଡ ସିଧାସଳଖ ହାଣ୍ଡିଶାଳରେ ପଡିଛି । ଏଣୁ ହାଣ୍ଡିଶାଳରୁ ବିପ୍ଳବର ସ୍ୱର ପ୍ରକଟିତ ହେବାର ସମୟ ଆସିଛି । ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ହରଦିପ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଅବିଶ୍ୱକଲ୍ୟାଣୀ କର, ସୁନିତା ବିଶ୍ୱାଳ, କୁସୁମ ପ୍ରଧାନ, ଗୀତାଞ୍ଜଳି ମହାନ୍ତି, ଶ୍ରୀୟାସ୍ମିତା ପଣ୍ଡା, ବାସନ୍ତି ସାମଲ, ଅମିସା ସାମନ୍ତରାୟ, ଜୟସ୍ମିତା ମହାନ୍ତି, ଚୈତାଲି ପଟ୍ଟନାୟକ, ମଞ୍ଜୁ ମିଶ୍ର, କଳ୍ପନା ପଣ୍ଡା, ଉର୍ବଶ୍ରୀ ମିଶ୍ର, ଗୀତାଞ୍ଜଳି ନାୟକ, ମାମିନା ବେହେରା, ମାଳତୀ ନାୟକ, ଜୟଶ୍ରୀ ପାତ୍ର ଓ କଳ୍ପନା ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ରାତି ଅଧରେ ଖୋଲୁଥିଲେ ମୋରମ, ଚଢ଼ାଉ କଲା ପୋଲିସ

ବାରଙ୍ଗ , (ସବ୍ୟୁ): ଶୁକ୍ରବାର ବିଳମ୍ବିତ ରାତିରେ ମଳିପଡା ମୋରମ ଖଣିରେ ବେଆଇନ ଭାବେ ମାଫିଆମାନେ ଚୋରାରେ ମୋରମ ଖୋଲୁଥିବାର ଆଇ ଆଇସି ସମିତା ମିଶ୍ରଙ୍କ ପାଖରେ ସୂଚନା ପହଞ୍ଚିଥିଲା ।ସେହି ଆଧାରରେ ଆଇଆଇ ସି ସଦଳବଳେ ଖଣି ଉପରେ ଚଢ଼ାଉ କରିଥିଲେ । ଏହି ସମୟରେ ମାଫିଆ ମାନଙ୍କ ସହ ଗାଡି ଚାଳକ ଖସି ପଳାଇଯାଇଥିଲେ । କିନ୍ତୁ ଚନ୍ଦକା ପୋଲିସ ଘଟଣା ସ୍ଥଳରୁ ଓଡ଼ି ୧୯ ସି ୮୬୫୧, ଓଡ଼ି ୦୨ସିକେ୦୬୬୧ ନମ୍ବର ହାଇୱା ଓଡ଼ି ୦୪ ଜେ ୪୮୮୫ନମ୍ବର ଜେଶିବିକୁ ଜବତ କରି ୧୩୨ ଓ ୧୩୩/୨୬ରେ ଦୁଇଟି ମକଦ୍ଦମା ରୁଜୁ କରିଛି ।

# ଭୁବନେଶ୍ୱରରେ ପହଞ୍ଚିଛି ଓଏସିସ୍ ଫର୍ଟିଲିଟିର 'ଜନନୀ ଯାତ୍ରା'

ଭୁବନେଶ୍ୱର, (ସବ୍ୟୁ): ଓଏସିସ୍ ଫର୍ଟିଲିଟି ପକ୍ଷରୁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ ଏବଂ ମହାରାଷ୍ଟ୍ରରେ ଦମ୍ପତିମାନଙ୍କୁ ସାହାଯ୍ୟ କରିବା ପାଇଁ ଏହାର ଯାତ୍ରା ସଫଳତାର ସହ ଶେଷ କରିବା ପରେ ଓଡ଼ିଶାର ଭୁବନେଶ୍ୱରରେ ପରବର୍ତ୍ତୀ ରହଣି ସହିତ ଦେଶବ୍ୟାପୀ ପ୍ରଜନନ ସଚେତନତା ଆନ୍ଦୋଳନ 'ଓଏସିସ୍ ଜନନୀ ଯାତ୍ରା' ଜାରି ରଖିଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଟାୟାର ୧, ୨ ଓ ୩ ଅଞ୍ଚଳର ଲୋକମାନଙ୍କ ପାଖରେ ସିଧାସଳଖ ପ୍ରଜନନ ସଚେତନତା, ବିଶେଷଜ୍ଞ ମାର୍ଗଦର୍ଶନ ଏବଂ ପ୍ରାଥମିକ ଯାଞ୍ଚ ସୁବିଧା ପହଂଚାଇବା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସେମାନେ ପରିବାରଗୁଡ଼ିକ ପାଖରେ ଅତ୍ୟାବଶ୍ୟକ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା ପହଂଚାଇବା ଏବଂ ଗୋଷ୍ଠୀ ସ୍ତରୀୟ ସ୍ୱାସ୍ଥ୍ୟ ସଚେତନତାକୁ ମଜବୁତ କରିବାରେ ଓଏସିସ୍ ଫର୍ଟିଲିଟିର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ଜୀବନଶୈଳୀରେ ପରିବର୍ତ୍ତନ, ବିଳମ୍ବିତ ମାତୃତ୍ୱ/ ପିତୃତ୍ୱ ଓ ବୈଜ୍ଞାନିକ ଜ୍ଞାନର ଅଭାବ ଯୋଗୁଁ ପ୍ରଜନନ ସମସ୍ୟା କ୍ରମାଗତ




ଭାବେ ବଢୁଥିବାରୁ ଓଏସିସ୍ ଜନନୀ ଯାତ୍ରା ବସ୍ ମାଗଣା ପ୍ରଜନନ ପରାମର୍ଶ, ମାଗଣା ଏଏମ୍‌ଏଚ୍ ଓ ହିମୋଗ୍ଲୋବିନ ପରୀକ୍ଷା, ମାଗଣା ବୀର୍ଯ୍ୟ ବିଶ୍ଳେଷଣ ଏବଂ ସୁରକ୍ଷିତ, ସ୍ୱଚ୍ଛ ନମୁନା ସଂଗ୍ରହ କେନ୍ଦ୍ର ଯୋଗାଇ ଦେଉଛି ଯାହା ଦ୍ୱାରା ଦମ୍ପତିମାନେ ଶୀଘ୍ର, ସଠିକ୍ ଏବଂ ସହାନୁଭୂତିଶୀଳ ମାର୍ଗଦର୍ଶନ ପାଇପାରିବେ । ଭୁବନେଶ୍ୱର ପରେ ଓସିଏସ୍ ଜନନୀ ଯାତ୍ରା ଆଗାମୀ ଦିନରେ କଟକ, ବାଲେଶ୍ୱର, ଅନୁଗୁଳ ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଯାଇ ଅଧିକ ଲୋକଙ୍କ ନିକଟରେ ଏହି ସଚେତନତା ଏବଂ ପ୍ରାଥମିକ ଯାଞ୍ଚ ସହାୟତା ପହଞ୍ଚାଇବ । ଓଏସିସ୍ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର ଏବଂ ସହ-ପ୍ରତିଷ୍ଠାତା ଡକ୍ଟର ଦୁର୍ଗା ଜି. ରାଓ କହିଛନ୍ତି ଯେ, "ବିଜ୍ଞାନ ଯେହେତୁ ଆମର ପ୍ରଜନନ ଚିକିତ୍ସା ପଦ୍ଧତିକୁ ପରିବର୍ତ୍ତନ କରିବାରେ ଲାଗିଛି, ଓଏସିସ୍ ଜନନୀ ଯାତ୍ରା ଉନ୍ନତ, ପ୍ରମାଣ-ଭିତ୍ତିକ ପ୍ରଜନନ ସେବା ବିଷୟରେ ସୂଚନାକୁ ସମ୍ପ୍ରଦାୟର ମୂଳ ସ୍ତରକୁ ନେଇଯାଉଛି, ଯାହା ପିତାମାତା ହେବାକୁ ଯାଉଥିବା ଦମ୍ପତିମାନଙ୍କୁ ପ୍ରାଥମିକ ଚିକିତ୍ସା ମାର୍ଗଦର୍ଶନ ପ୍ରଦାନ କରୁଛି ।

# ୯ ବାଲି , ଚିପ୍ସ ବୋଝେଇ ହାଇୱା ଜବତ

ବାରଙ୍ଗ ,(ସବ୍ୟୁ): ବାରଙ୍ଗ ଦେଇ ବେଆଇନ ଭାବେ ଲଘୁଖଣିଜ ସମ୍ପଦ ପରିବହନ କରୁଥିବା ବେଳେ ତହସିଲ ପକ୍ଷରୁ ଗାଡି ଚେକିଙ୍ଗ କରାଯାଇ ୯ଟି ଗାଡିକୁ ଜବତ କରାଯାଇଛି ।ଗୁରୁବାର ଓ ଶୁକ୍ରବାର ବିଳମ୍ବିତ ରାତିରେ ବାରଙ୍ଗ ତହସିଲଦାର ଡ଼.ତୃଷାର ଜ୍ୟୋତି ରଞ୍ଜନ ସଦଳବଳେ ବାରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚେକିଂ କରୁଥିବା ବେଳେ ଦୃତଗତିରେ ଆସୁଥିବା ଗାଡିଗୁଡ଼ିକ ରୋକି ଲଘୁଖଣିଜ ସମ୍ପଦ ପରିବହନ କାଗଜ ପତ୍ର ଯାଞ୍ଚ କରିଥିଲେ । ସେଥିମଧ୍ୟରୁ ଓଡି ୦୨ ଏଡି ୧୧୭୯,ଓଡି ୦୫ ବିଡି ୧୨୧୩,ଓଡି ୦୨ ବିବି ୪୩୭୯,ଓଡି ୦୨ ସିଡି ୧୫୭୯,ଓଡି ୧୬ ଇ ୨୬୨୦,ଓଡି ୧୬ ଇ ୨୮୨୦,ଓଡି ୦୪ୟୁ ୭୪୧୯,ଓଡି ୦୫ ବିଡି ୧୨୧୩ ନମ୍ବର ବାଲି ଓ ଚିପ୍ସ ବୋଝେଇ ହାଇୱା ସମେତ ଅନ୍ୟ ଏକ ଗାଡ଼ି ବୈଧ କାଗଜପତ୍ର ଦେଖାଇ ପାରିନଥିବାରୁ ସେଗୁଡିକୁ ଜବତ କରି ବାରଙ୍ଗ ଥାନାକୁ ହସ୍ତାନ୍ତର କରିଥିଲେ ଓ ଖଣି ବିଭାଗକୁ ସୂଚନା ଦେଇଥିଲେ ।

# ସେଣ୍ଟ ଜାଭିୟର୍ସ ସ୍କୁଲ୍ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ

କଟକ,(ସବ୍ୟୁ) :ଯେଉଁ ସମାଜ ମହିଳାଙ୍କୁ ଯେତେ ସମ୍ମାନ ଦେଇ ଶିଖିଛି ସେହି ସମାଜ ସେତେ ଗୌରାବାନ୍ୱିତ । ଏହି ମହିଳାମାନଙ୍କୁ



ସମ୍ମାନ ଜଣାଇବା ତଥା ଆନ୍ତର୍ଜାତୀକ ମହିଳା ଦିବସ ମିଶନ ରୋଡ଼ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ପାଳିତ ହୋଇଯାଇଛି । ମହିଳାମାନଙ୍କ ସଶକ୍ତିକରଣ, ସାହସ ଏବଂ ସଫଳତାକୁ ବିଦ୍ୟାଳୟ ପରିସରରେ ପ୍ରଦର୍ଶିତ କରାଯାଇଥିଲା । 'ଉଡ଼ାନ-ୱିଂସ୍ ଅଫ୍ ୱମେନ୍‌ହୁଡ' ନାମରେ ଏହି କାର୍ଯ୍ୟକ୍ରମଟିକୁ ପାଳନ କରାଯାଇଥିଲା । ସେଣ୍ଟ ଜାଭିଅର୍ସ ଏଜୁକେସନାଲ୍ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ପ୍ରଭୁଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷା ସିଗ୍ଧା ମହାନ୍ତି ଓ ସହକାରୀ ନିର୍ଦ୍ଦେଶିକା ଆୟେଶା ଦାସଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ବାରବାଟୀ-କଟକର ବିଧାୟିକା ସୋଫିଆ ଫିରଦୋଷ ଯୋଗଦେଇଥିଲାବେଳେ ଇନ୍‌ଫରମେସନ କମିଶନର କଳ୍ପନା ପଟ୍ଟନାୟକ, ଆନ୍ତର୍ଜାତୀୟ ଟାଇକୋଣ୍ଡ କୋଚ ଓ ରେଫରୀ ସୁଦିପ୍ତା ନନ୍ଦ, ସେଣ୍ଟ ଜାଭିଅର୍ସ ପଟିଆ ପରିସରର ପ୍ରଧାନ ଅଧ୍ୟାପିକା ପି.ଏସ୍.ପ୍ରିୟଦର୍ଶିନୀ, ମିଶନରୋଡର କର୍ପୋରେଟର ଲିଜା ରାଉତ ପ୍ରମୁଖ ଯୋଗଦେଇଥିଲେ ।
ଉକ୍ତ କାର୍ଯ୍ୟକ୍ରମରେ ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦ ଓ ଆରତି ଦାସ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଭାବେ ରୂପା ମିଶ୍ରଙ୍କ ସୃଜନାତ୍ମକ ଶୈଳୀରେ ଏହା ଆୟୋଜିତ ହୋଇଥିଲା । ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲା । ଶିକ୍ଷୟିତ୍ରୀମାନେ ପକ୍ଷରୁ ରାମ୍ପୱାକ, ଟ୍ରାଡିସ୍‌ନାଲ ଡ୍ରେସ୍, ମ୍ୟୁଜିକାଲ ଚେୟାର ପରି ପ୍ରତିଯୋଗିତା ଆୟୋଜନ କରାଯାଇ ପ୍ରତିଭାଶାଳୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଦଉଡି ଟଣାଟିଣି, ପଞ୍ଜା ଲଢେଇ, ୱିଇକ୍ ଖେଳ ସହିତ ଟଙ୍ଗ ଟୁଇଷ୍ଟର ଖେଳଗୁଡିକ ଆୟୋଜନ କରାଯାଇଥିଲା । କଟକର ବିଭିନ୍ନ ମହିଳା କ୍ଲବ ଯେପରିକି ରୋଟାରୀ ଇନର ୱିଲ କ୍ଲବ ଓ ଶୈଳବାଳା ବାଳିକା ମହାବିଦ୍ୟାଳୟରୁ ବିଭିନ୍ନ ପ୍ରାଧାପକମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ବେଶ୍ ଉପଭୋଗ କରିଥିଲେ ।

# ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ ଏବଂ ପଟ୍ଟା ଓ ନକ୍ସାର ସଂଶୋଧନ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ଆଇନରେ ଉଲ୍ଲିଖିତ ଅଧିକାର ଅନୁଯାୟୀ ରାଜସ୍ୱ ବିଭାଗ ଦ୍ୱାରା ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରାଯିବ । ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ଯେଉଁ ରେକର୍ଡ଼ରେ ସେହି ଜମି ରହିଛି, ସମ୍ପୃକ୍ତ କର୍ତ୍ତୃପକ୍ଷ ସେହି ରେକର୍ଡ଼ରେ ତାକୁ ସମ୍ମିଳିତ କରିବେ । ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଜାରି କରିଛନ୍ତି । ରାଜ୍ୟର ନିୟମର ପ୍ରାସଙ୍ଗିକତାକୁ ନେଇ ଦିଆଯାଇଥିବା ସମୟସୀମା କିମ୍ବା ତିନିମାସର ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି । ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ଜଙ୍ଗଲ ଜମିର ପର୍ଯ୍ୟବେକ୍ଷଣ କରି, ବକେୟା ଥିବା ଜଙ୍ଗଲ ଜମି ସ୍ୱତ୍ୱ ଗୁଡ଼ିକର ସୀମା ନିର୍ଦ୍ଧାରଣ (ଡିମାର୍କେସନ୍) ସହ 'ଭୂଲେଖ' ଡାଟାବେସରେ ବକେୟା ଥିବା ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟକୁ ୩୦ ଏପ୍ରିଲ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମ୍ବନ୍ଧୀୟ ସମସ୍ତ ସଂଶୋଧିତ ସୂଚନା ସରକାରୀ ରେକର୍ଡ଼ରେ ତୁରନ୍ତ ସମ୍ମିଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ହିତାଧିକାରୀମାନଙ୍କ ଅଧିକାରର ସୁରକ୍ଷା ହେବା ସହ ସେମାନେ ସଠିକ୍ ଭାବରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇପାରିବେ ବୋଲି ରାଜସ୍ୱ ସଚିବ ଆଶାବ୍ୟକ୍ତ କରିଛନ୍ତି ।

## ଫୁଲନଖରା ନିଆଳି ରାସ୍ତାରେ ଭୟାବହ ସଡ଼କ ଦୁର୍ଘଟଣା

# ତିନି ବାଇକ ଆରୋହୀଙ୍କ ମୃତ୍ୟୁ

ଫୁଲନଖରା (ସବ୍ୟୁ): ପାହାଳ ଥାନା ଅନ୍ତର୍ଗତ ଫୁଲନଖରାନିଆଳି ମୁଖ୍ୟ ସଡ଼କରେ ଶୁକ୍ରବାର ବିଳମ୍ବିତ ରାତ୍ରି ପ୍ରାୟ ୧ଟା ସମୟରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟି ୩ଜଣ ବାଇକ ଆରୋହୀଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ପ୍ରସାରିତ କରିଛି । ସୂଚନା ଅନୁଯାୟୀ, ଫୁଲନଖରାରୁ ନିଆଳି ଅଭିମୁଖେ ଯାଉଥିବା ବାଲି ବୋଝେଇ ଏକ ହାଇଓ୍ୱା ଟ୍ରକ ପଛପଟୁ ଆସୁଥିବା ଏକ ବାଇକକୁ କୁ ଜୋରଦାର ଧକ୍କା ଦେଇଥିଲା । ଧକ୍କା ଏତେ ଭୟାବହ ଥିଲା ଯେ ବାଇକରେ ଯାଉଥିବା ତିନିଜଣ ଯୁବକ ଗୁରୁତର ଆହତ ହୋଇ ଘଟଣାସ୍ଥଳରେହିଁ ପ୍ରାଣ ହାରାଇଥିଲେ । ମୃତକମାନଙ୍କ ମଧ୍ୟରୁ ଜଣେ ସତ୍ୟଜିତି ଓଝା (ସିପୁ) ବୋଲି ପରିଚୟ ମିଳିଥିବା ବେଳେ ସେ ନିଆଳି ଅଞ୍ଚଳର କର୍ସରଦା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି । ଅନ୍ୟ ଦୁଇ ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଦୁର୍ଘଟଣା ପରେ ହାଇୱା ଟି ନିୟନ୍ତ୍ରଣ ହରାଇ ରାସ୍ତା ପାଖରେ ଥିବା ଏକ ଦୋକାନକୁ ମଧ୍ୟ ଧକ୍କା ଦେଇଥିଲା । ଫଳରେ ଦୋକାନଟିର ତାଜା ଓ ସାମଗ୍ରୀ ଭାଙ୍ଗି ନଷ୍ଟ ହୋଇଯାଇଥିବା ଦେଖାଯାଇଛି । ଘଟଣା ସମ୍ବନ୍ଧରେ ସୂଚନା ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରୁଥିବା ବେଳେ ଆଗାମୀ କାର୍ଯ୍ୟବାହୀ ଜାରି ରହିଛି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁସାରେ, ରାସ୍ତା ପାର୍ଶ୍ୱରେ ଅନଧିକୃତ ଭାବେ ଦୋକାନ, ବଜାର ଓ ଉଠା ଦୋକାନ ଗଢ଼ିଉଠିବାରୁ ରାସ୍ତା ସଂକୁଚିତ ହୋଇପଡ଼ିଛି । ଏହାର ଫଳରେ ସେଠାରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଥିବା ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସମ୍ପର୍କିତ ପ୍ରଶାସନ ଏଥିପାଇଁ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

## ଡାଇକିନ୍ ଇଣ୍ଡିଆ ନୂତନ ଉଚ୍ଚ-ପାରଦର୍ଶିତା ସହିତ କୁଲିଂର ଭବିଷ୍ୟତ ପୁନଃଭାଷିତ କରୁଛି

ଭୁବନେଶ୍ୱର, (ସବ୍ୟୁ): ଡାଇକିନ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ, ଜାପାନର ୧୦୦% ସହଯୋଗୀ କମ୍ପାନୀ ଡାଇକିନ୍‌ଏ ୟାରକଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏହାର ଅତିମାତ୍ରାରେ ଆକାଂକ୍ଷିତ ୨୦୨୬ ଉତ୍ପାଦ ବର୍ଗମାଳାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି । ଏହା ଶକ୍ତି ସଞ୍ଚୟ ଏବଂ ସ୍ମାର୍ଟ ଜଳବାୟୁ ନିୟନ୍ତ୍ରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଲମ୍ଫ ପ୍ରଦାନ ହୋଇଛି । ନୂତନ ବର୍ଗମାଳା ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ନବୀକୃତ ରୁମ୍ ଏୟାର କଣ୍ଡିସନରସ୍ (ଆରଏ) ସିରିଜ ଅନ୍ତର୍ଭୁକ୍ତ ଯାହା ସର୍ବାଧୁନିକ ବିଇଇ ୨୦୨୬ ଷ୍ଟାର ରେଟିଂ ମାନକ ଅନୁପାଳନ କରୁଛି ଏବଂ ତାହାସହିତ ଏହା ଅଗ୍ରଣୀ ଭିଆର୍‌ଭି ଆଲ୍‌ଫା ସିରିଜ ମଧ୍ୟ ବଜାର ପ୍ରବେଶ କରାଇଛି, ଯାହା ଉନ୍ନତ ଏଆଇ ଏବଂ ଆଇଓଟି ସାମର୍ଥ୍ୟଗୁଡିକୁ ଡାଇକିନ୍‌ର ଭିଆର୍‌ଭି ପ୍ରଯୁକ୍ତି ସହିତ ସମନ୍ୱିତ କରୁଛି । ଡାଇକିନ୍ ଇଣ୍ଡିଆର ୨୦୨୬ ରୁମ୍ ଏସି ବର୍ଗ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ର କଡାକଡି ନୂଆ ଆଇଏସ୍‌ଇଇଆର୍ ସୀମା ଅତିକ୍ରମ କରିବାକୁ ଅତି ନିଖୁଣ ଭାବରେ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ବ୍ରାଣ୍ଡର 'ଦାୟିତ୍ୱସମ୍ପନ୍ନ କୁଲିଂ' ବ୍ୟବସ୍ଥା ରହିଛି । ଏହାର ମୂଳରେ ଡାଇକିନ୍‌ର ସ୍ୱାତନ୍ତ୍ର୍ୟ ବହନ କରୁଥିବା ନବସୃଜନସମୂହ ଯଥା- ପାଟେଣ୍ଟକୃତ ଷ୍ଟ୍ରିମର୍ ଡିସଚାର୍ଜ ଏବଂ ସ୍ୱିଙ୍ଗ କମ୍ପ୍ରେସର ଫର୍ ଏକ୍ସେପସନାଲ ଏୟାର ପ୍ୟୁରିଫିକେସନ ଆଣ୍ଡ ଏଫିସିଏନ୍ସି, ସ୍ମାର୍ଟ ଆଇଓଟି କନେକ୍ଟିଭିଟି, ଡିଏନଏନଏସ୍ ଆଣ୍ଟି-କରୋଜନ୍ କୋଟିଂ ଏବଂ ହାଇ-ଆମ୍ବିଏଣ୍ଟ ପରଫରମାନ୍ସ ଟେକ୍‌ନୋଲୋଜି ରହିଛି ।

## ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସର

# 'ହାପି ଓମେନ୍ସ ପେ' ଆରମ୍ଭ ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ବୀମା କମ୍ପାନୀ ଜେନେରାଲି ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମିଳିତ ଉଦ୍ୟମ ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ ଏହାର ନୂତନ ଅଭିଯାନ 'ହାପି ଓମେନ୍ସ ପେ' ଆରମ୍ଭ କରିବାକୁ ଘୋଷଣା କରିଛି । ଏହି ପଦକ୍ଷେପ ପାରମ୍ପାରିକ ଅଭିବାଦନକୁ ପୁନଃ ଗଠନ କରେ ଏବଂ କର୍ପୋରେଟ୍ ଉତରଦାୟିତ୍ୱର କେନ୍ଦ୍ରରେ ବେତନ ଇକ୍ୱିଟି ରଖିଥାଏ । ସମାନତା ଉପରେ ଉଚ୍ଚ ବାର୍ତାଳାପ ସତ୍ତ୍ୱେ , ବିଶ୍ୱ ତଥ୍ୟ ଦର୍ଶାଏ ଯେ ମହିଳାମାନେ ତୁଳନାତ୍ମକ କାର୍ଯ୍ୟ ପାଇଁ ପୁରୁଷଙ୍କ ଅପେକ୍ଷା କମ୍ ରୋଜଗାର କରନ୍ତି - ଏକ ବ୍ୟବଧାନ ଯାହା ମହାମାରୀ ପରେ ଆହୁରି ବୃଦ୍ଧି ପାଇଛି । ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ ଆନୁଷ୍ଠାନିକ ଅଙ୍ଗଭଙ୍ଗୀ ସହିତ ନୁହେଁ ବରଂ କାର୍ଯ୍ୟ ସହିତ ପ୍ରତିକ୍ରିୟା କରେ, ଏହାର ସମାନ ବେତନ ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରେ ଏବଂ ସୂଚାଇ ଦିଏ ଯେ ପ୍ରକୃତ ଉତ୍ସବ ଗଠନମୂଳକ ନିରପେକ୍ଷତାରେ ଅଛି, ପ୍ରତୀକବାଦ ନୁହେଁ । ଏହି ଅଭିଯାନ ଏକ କଠୋର ବାସ୍ତବତାକୁ ସାମ୍ନା କରେ: ଭାରତର ଲିଙ୍ଗଗତ ବେତନ ବ୍ୟବଧାନ ପ୍ରାୟ ୩୫%, ସମାନ ପାରିଶ୍ରମିକ ଆଇନର ଦଶନ୍ଧି ପରେ ମଧ୍ୟ ମହିଳାମାନେ ପୁରୁଷଙ୍କ ମଜୁରୀର ମାତ୍ର ୬୫% ରୋଜଗାର କରୁଛନ୍ତି । ଏହି ପଦକ୍ଷେପ ଉପରେ ମନ୍ତବ୍ୟ ଦେଇ ଜେନେରାଲି ସେଣ୍ଟ୍ରାଲ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅନୁପ ରାଓ କହିଛନ୍ତି, ସ୍ଥାୟୀ ବ୍ୟବସାୟ ପ୍ରତ୍ୟେକ ହିତାଧିକାରୀ - କର୍ମଚାରୀ, ଗ୍ରାହକ, ଅଂଶୀଦାର ଏବଂ ଅଂଶୀଦାରଙ୍କ ପାଇଁ ନିରପେକ୍ଷତା ଏବଂ ବିଶ୍ୱାସ ଉପରେ ନିର୍ମିତ ହୋଇଥାଏ । ସମାନ କାର୍ଯ୍ୟ ପାଇଁ ସମାନ ଦରମା ଏକ ଆକାଂକ୍ଷା ହେବା ଉଚିତ୍ ନୁହେଁ ; ଏହା ଆଦର୍ଶ ହେବା ଉଚିତ୍ । ଯେତେବେଳେ ସଂଗଠନଗୁଡ଼ିକ ଏହି ଅଧିକାର ପାଆନ୍ତି, ସେମାନେ କେବଳ ଏକ ଇକ୍ୱିଟି ସମସ୍ୟାର ସମାଧାନ କରନ୍ତି ନାହିଁ, ସେମାନେ କର୍ମକ୍ଷେତ୍ରରେ ଅଧିକ ଶକ୍ତିଶାଳୀ ଦଳ ଏବଂ ଅଧିକ ବିଶ୍ୱାସ ଗଠନ କରନ୍ତି - ଏବଂ ତା ଠାରୁ ଅଧିକ ।

## ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗ ସ୍ପର୍ଶ କରିବା ନିର୍ଯାତନା ସହ ସମାନ: ହାଇକୋର୍ଟ

# ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ କାଏମ

କଟକ,(ସବ୍ୟୁ): ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ଯୌନ ନିର୍ଯାତନା ସହ ସମାନ । ଯଦିଓ ଏଥିରେ ଚର୍ମକୁ ଚର୍ମ ସହ ସ୍ପର୍ଶ ହୋଇନି ତଥାପି ଏହାକୁ ଯୌନ ନିର୍ଯାତନା ଆଇନର ଅନ୍ତର୍ଭୁକ୍ତ କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନିମ୍ନ ଅଦାଲତଙ୍କ ଦ୍ୱାରା ୩ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ ହୋଇଥିବା ଆସାମୀ ଅଭିନାସ ଦିଗଲଙ୍କ ପକ୍ଷରୁ ଆଗତ ମାମଲାକୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଜଣେ ନାବାଳିକା ତାଙ୍କ ପରିବାର ଲୋକଙ୍କ ସହ ରାଇକିଆରୁ ବସ୍ ଯୋଗେ ଜି. ଉଦୟଗିରି ଯାଉଥିଲେ । ବସ୍‌ଟି ଏକ ବସ୍‌ଷ୍ଟାଣ୍ଡରେ ଛିଡ଼ା ହୋଇଥିଲାବେଳେ ଡାହାଣ ପାର୍ଶ୍ୱରେ ବସିଥିବା ନାଳବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗରେ ଆସାମୀ ଅଭିନାସ ଦିଗଲ ସ୍ପର୍ଶ କରି ଦୌଡ଼ି ପଳାଇଥିଲା । ନାବାଳିକା ଚିତ୍କାର କରିବାରୁ ପାଖରେ ଥିବା ଲୋକମାନେ ଅଭିନାସକୁ ଘେରି ଯାଇଥିଲେ । ଅଭିନାସ ଧକ୍କା ମାରି ଯଦିଓ ଚାଲିଯାଇଥିଲା କିନ୍ତୁ ଲୋକେ ପୁଲିସ୍‌କୁ ଖବର ଦେବାପରେ ତାକୁ ଗିରଫ କରାଯାଇଥିଲା । ଏହି ମାମଲାର ଶୁଣାଣି ଫୁଲବାଣୀ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ହୋଇଥିଲା । ଅଦାଲତ ମାମଲାର ଶୁଣାଣି କରି ଆସାମୀ ଅଭିନାସକୁ ୩ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଅଭିନାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ହାଇକୋର୍ଟ ମାମଲାର ରାୟ ପ୍ରକାଶ କରିବା ଅବସରରେ ନିମ୍ନ ଅଦାଲତଙ୍କ ଆଦେଶକୁ କାଏମ୍ ରଖିଛନ୍ତି । ହାଇକୋର୍ଟ କହିଛନ୍ତି ଯେ, ଚର୍ମକୁ ଚର୍ମ ସ୍ପର୍ଶ କଲେ ଏହା ବଳାତ୍କାର ବୋଲି ଧରାଯାଇଥାଏ । କିନ୍ତୁ ଏହାର ଅର୍ଥ ନୁହେଁ ଜଣେ ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ଯୌନ ନିର୍ଯାତନା ଅନ୍ତର୍ଭୁକ୍ତ ହେବ ନାହିଁ । ଚର୍ମକୁ ଚର୍ମ ସ୍ପର୍ଶ କରିବା କଥାକୁ ବ୍ୟାପକ ଅର୍ଥରେ କୁହାଯାଇଛି । ଏଥିରେ ନାବଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ଛୁଇଁବା ବା ସ୍ପର୍ଶ କରିବା ଯୌନ ନିର୍ଯାତନା ଆଇନ ଭିତରେ ଆସିବ । ତେଣୁ ନିମ୍ନ ଅଦାଲତ ଆସାମୀକୁ ଯେଉଁ ଦଫାରେ ଦଣ୍ଡିତ କରିଛନ୍ତି ତାହା ଗ୍ରହଣୀୟ ବୋଲି ହାଇକୋର୍ଟ ମତ ଦେବାସହ ଆବେଦନକାରୀ ଆସାମୀର ଅପିଲ୍‌କୁ ଖାରଜ କରି ଦେଇଛନ୍ତି ।

## ବେଦାନ୍ତ ଝାରସୁଗୁଡାରେ ମହିଳାମାନେ ଗୁଣବତା ପ୍ରୟୋଗଶାଳାରୁ ଆରମ୍ଭ କରି

# ସ୍ମେଲଟରର ଲାଇନ ପର୍ଯ୍ୟନ୍ତ ଏକ ନୂତନ ଶିଳ୍ପ କାହାଣୀକୁ ଶକ୍ତି ଦେଇଛନ୍ତି

ଭୁବନେଶ୍ୱର, (ସବ୍ୟୁ): ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ମେଗା ଆଲୁମିନିୟମ ପ୍ଲାଂଟ ଯେଉଁଠାରେ ଶକ୍ତିଶାଳୀ ମେସିନଗୁଡ଼ିକ ଜୋରରେ ଶବ୍ଦ କରନ୍ତି, ଫର୍ଣ୍ଣେସଗୁଡ଼ିକ ଉଜ୍ଜ୍ୱଳ ଏବଂ ତରଳ ଆଲୁମିନିୟମକୁ ଜଟିଳ ଉତ୍ପାଦନ ପ୍ରକ୍ରିୟା ମାଧ୍ୟମରେ ଗତି କରନ୍ତି, ମହିଳା ବୃତିଗତମାନେ ଗୁଣବତାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ କ୍ରମଶଃ ନେତୃତ୍ୱ ନେଉଛନ୍ତି । ପ୍ଲାଂଟର ଗୁଣବତା ପ୍ରୟୋଗଶାଳା ଭିତରେ, ମହିଳା ଇଞ୍ଜିନିୟର ଏବଂ ଟେକ୍ନିସିଆନ୍ ମାନେ କଠୋର ପରୀକ୍ଷଣ ପ୍ରକ୍ରିୟାଗୁଡ଼ିକ ତଦାରଖ କରନ୍ତି ଯାହା ପ୍ରଥମ ପର୍ଯ୍ୟାୟରେ ନିର୍ଭରଯୋଗ୍ୟତା ଏବଂ ସ୍ଥିରତା ସ୍ଥାପନ କରେ, କଂଚାମାଲକୁ ବୈଧ କରେ, ଇଲେକ୍ଟ୍ରୋଲାଇଟିକ୍ ଅବସ୍ଥା ନିରୀକ୍ଷଣ କରେ ଏବଂ କଠୋର ମାନଦଣ୍ଡ ବିରୁଦ୍ଧରେ ସମାପ୍ତ ଧାତୁକୁ ପ୍ରମାଣିତ କରେ । ସେମାନଙ୍କର କାର୍ଯ୍ୟ ସମଗ୍ର ପ୍ଲାଂଟରେ ସ୍ଥିର, ଉଚ୍ଚ ବିଶୁଦ୍ଧତା ଆଲୁମିନିୟମ ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଗଠନ କରେ, ଯେଉଁଠାରେ ୫୫୦ ରୁ ଅଧିକ ପ୍ରତ୍ୟକ୍ଷ ମହିଳା କର୍ମଚାରୀ ବର୍ତମାନ କାର୍ଯ୍ୟରେ ଯୋଗଦାନ ଦିଅନ୍ତି, ଯାହା କମ୍ପାନୀର ଅଧିକ ଲିଙ୍ଗ ବିବିଧତା ଏବଂ ବୈଷୟିକ ଅନ୍ତର୍ଭୁକ୍ତିକରଣ ପ୍ରତି ଚାଲୁଥିବା ପରିବର୍ତନକୁ ପ୍ରତିଫଳିତ କରେ । ଏହି ଗୁଣବତା ପ୍ରୟୋଗଶାଳାଗୁଡ଼ିକରେ, ଦଳଗୁଡ଼ିକ ହ୍ରାସ ପ୍ରକ୍ରିୟା ପରୀକ୍ଷା ପରିଚାଳନା କରନ୍ତି, ଯାହା ଆଲୁମିନାକୁ ସ୍ଥିର ଭାବରେ ଉଚ୍ଚ ବିଶୁଦ୍ଧତା ଆଲୁମିନିୟମରେ ରୂପାନ୍ତରିତ କରିବା ନିଶ୍ଚିତ କରିବା ପାଇଁ ତରଳାଇବା ପାତ୍ର ଅବସ୍ଥାଗୁଡ଼ିକର ମୂଲ୍ୟାଙ୍କନ କରେ । ସେମାନେ କଠୋର ଗୁଣବତା ମାନଦଣ୍ଡରେ ଇନପୁଟ୍ ଏବଂ ସମାପ୍ତ ଉତ୍ପାଦ ଉଭୟର ରାସାୟନିକ ଏବଂ ଭୌତିକ ଅଖଣ୍ଡତା ଯାଂଚ କରି ସାମଗ୍ରୀ ବିଶ୍ଳେଷଣ ମଧ୍ୟ କରନ୍ତି । ଏହି ମୂଲ୍ୟାଙ୍କନଗୁଡ଼ିକ ସ୍ମେଲ୍ଟରର ଲାଇନ୍ ଏବଂ ଡାଉନଷ୍ଟ୍ରିମ୍ ୟୁନିଟ୍ ମଧ୍ୟରେ ସୁରକ୍ଷା, ସଠିକତା ଏବଂ କାର୍ଯ୍ୟଦକ୍ଷତାକୁ ସମର୍ଥନ କରି ସୁଗମ ପ୍ଲାଂଟ କାର୍ଯ୍ୟର ଭିତିଭୂମି ଗଠନ କରେ ।
ଗୁଣବତା ଉପରେ ଏହି ଗୁରୁତ୍ୱ



କାର୍ଯ୍ୟରେ ଏକ ବ୍ୟାପକ ପରିବର୍ତନକୁ ପ୍ରତିଫଳିତ କରେ, ଯେଉଁଠାରେ ମହିଳା ଇଞ୍ଜିନିୟର ଏବଂ ଅପରେଟରମାନେ ବିବେଚିତ ହୋଇଥିବା ଉତ୍ପାଦନ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ପରୀକ୍ଷାଗାର ବେଂଚରୁ କାର୍ଯ୍ୟକ୍ଷମ ନିୟନ୍ତ୍ରଣ କକ୍ଷ ପର୍ଯ୍ୟନ୍ତ, ସେମାନଙ୍କର ବର୍ଦ୍ଧିତ ଉପସ୍ଥିତି ଶିଳ୍ପ ଅଂଶଗ୍ରହଣ କିପରି ଦେଖାଯାଏ ତାହା ପୁନଃ ଆକାର ଦେଉଛି । ବେଦାନ୍ତ ଆଲୁମିନିୟମ ପ୍ରତିନିଧିତ୍ୱ ବୃଦ୍ଧି କରିବା ପାଇଁ ଏକ ସଂରଚିତ ପ୍ରତିବଦ୍ଧତା ସହିତ ଏହି ପରିବର୍ତନକୁ ଆଗେଇ ନେଉଛି, ଯାହା ୨୦୩୦ ସୁଦ୍ଧା ଏହାର କର୍ମଶକ୍ତିରେ ୩୦% ମହିଳା ପାଇଁ ଲକ୍ଷ୍ୟ ରଖିଛି । ଗତ ବର୍ଷ ମଧ୍ୟରେ, କମ୍ପାନୀ ଭାରତର ପ୍ରଥମ ସମସ୍ତ ମହିଳା ପଟଲାଇନ୍, ସମସ୍ତ ମହିଳା ଲୋକୋମୋଟିଭ୍ ଦଳ ଏବଂ ଏକ ସମସ୍ତ ମହିଳା ପାୱାର ପ୍ଲାଂଟ ୟୁନିଟ୍ ଭଳି ମାଇଲଖୁଂଟ ପଦକ୍ଷେପ ଆରମ୍ଭ କରିଛି । ଶ୍ରୀ ଶକ୍ତି ପଦକ୍ଷେପ ମାଧ୍ୟମରେ, ଝାରସୁଗୁଡା ମଧ୍ୟ ଓଡ଼ିଶାରେ ପ୍ରଥମ ଉତ୍ପାଦନ ସ୍ଥଳ ପାଲଟିଛି ଯେଉଁଠାରେ ମହିଳା କର୍ମଚାରୀମାନଙ୍କୁ ରାତି ସିଫ୍ଟ କାର୍ଯ୍ୟରେ ନିୟୋଜିତ କରାଯାଇଛି, ଯାହା ଦକ୍ଷତା ବିକାଶ ଏବଂ କ୍ୟାରିଅର ପ୍ରଗତି ପାଇଁ ସୁଯୋଗକୁ ସୁଦୃଢ଼ କରୁଛି ।
ଏହି ପଦକ୍ଷେପଗୁଡ଼ିକ ଉପରେ ମତ ଦେଇ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ଆମେ ବିଶ୍ୱାସ କରୁଛୁ ଯେ ଅନ୍ତର୍ଭୁକ୍ତି ବିକାଶ ନବସୃଜନ ଏବଂ ଉତ୍କର୍ଷତା ପାଇଁ ଜରୁରି ଅଟେ । ଆମର କାର୍ଯ୍ୟରେ ମହିଳା ବୃତିଗତଙ୍କ ବୃଦ୍ଧି ପାଉଥିବା ଅଂଶଗ୍ରହଣ ଏକ ସମାନ କର୍ମକ୍ଷେତ୍ର ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଯେଉଁଠାରେ ପ୍ରତିଭା ଏବଂ ଦୃଢ଼ ନିଷ୍ପତି ସଫଳତାକୁ ପରିଭାଷିତ କରେ । ଏହି ମହିଳାମାନେ କେବଳ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ଆଗେଇ ନେଉନାହାଁନ୍ତି ବରଂ ନୂତନ ପିଢ଼ିକୁ ଉତ୍ପାଦନକୁ ସମାନ ସୁଯୋଗର ସ୍ଥାନ ଭାବରେ ଦେଖିବା ପାଇଁ ପ୍ରେରଣା ଦେଉଛନ୍ତି । କମ୍ପାନିର ସମସ୍ତ କାର୍ଯ୍ୟରେ, ମହିଳାମାନେ ନବସୃଜନ ଚଳାଇବାରେ ଏବଂ ଆଲୁମିନିୟମ ଉତ୍ପାଦନର ଭବିଷ୍ୟତକୁ ଗଢ଼ିବା ପାଇଁ ବିଶେଷଜ୍ଞତା ଏବଂ ନେତୃତ୍ୱକୁ ମିଶ୍ରଣ କରିବାରେ ନେତୃତ୍ୱ ନେଉଛନ୍ତି । ସେମାନଙ୍କର ବର୍ଦ୍ଧିତ ଉପସ୍ଥିତି ଶିଳ୍ପ ଦୃଶ୍ୟପଟରେ ଏକ ବ୍ୟାପକ ପରିବର୍ତନକୁ ପ୍ରତିଫଳିତ କରେ,ଯେପରିକି ଦକ୍ଷତା, ପ୍ରତିବଦ୍ଧତା ଏବଂ ଦୃଢ଼ ନିଷ୍ପତି ଲିଙ୍ଗ ଦ୍ୱାରା ପରିଭାଷିତ ନୁହେଁ । ଏହି ପ୍ରକ୍ରିୟାରେ, ଏହି ମହିଳାମାନେ କେବଳ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପରିଚାଳନା କରୁନାହାଁନ୍ତି ବରଂ ଅଧିକ ପାଇଁ ପଥ ମଧ୍ୟ ସୃଷ୍ଟି କରୁଛନ୍ତି । ଦକ୍ଷତା ସୁଯୋଗ ସହିତ ମିଶିଲେ କ'ଣ ସମ୍ଭବ ହୁଏ ତାହାର ଏକ ସତ୍ୟ ପ୍ରମାଣ ହେଉଛି ସେମାନଙ୍କର ସଫଳତାର ଯାତ୍ରା ।

# ୧୨ ତାରିଖରେ ଶେଷ ହୋଇଯିବ ମଧ୍ୟପ୍ରାଚ୍ୟ ଯୁଦ୍ଧ !



**ନୂଆଦିଲ୍ଲୀ:** କ'ଣ ମଧ୍ୟପ୍ରାଚ୍ୟରେ ଫେରିବ ଶାନ୍ତି? ବନ୍ଦ୍ ହେବ ଇରାନ-ଇସ୍ରାଏଲ-ଆମେରିକା ସଂଘର୍ଷ? ସପ୍ତାହେ ଧରି ଚାଲିଛି ଯୁଦ୍ଧ। ଜଳୁଛି ମଧ୍ୟପ୍ରାଚ୍ୟ। ଇରାନ-ଇସ୍ରାଏଲ-ଆମେରିକା ମଧ୍ୟରେ ଥମୁନି ସଂଘର୍ଷ। ହେଲେ ଏବେ ଯୁଦ୍ଧ ବନ୍ଦ୍ ନେଇ ସାମ୍ନାକୁ ଆସିଲା ତାରିଖ! କ'ଣ ସତରେ ଯୁଦ୍ଧରେ ପଡ଼ିବ ବିରାମ? ତେବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ବର୍ଷର ୧୨ ଦିନିଆ ଯୁଦ୍ଧ ସମୟରେ "ବିନା ସର୍ତ୍ତରେ ଆତ୍ମସମର୍ପଣ" ପୋଷ୍ଟ କରିଥିଲେ, ଯାହାର ପ୍ରଭାବରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ମାତ୍ର ଛଅ ଦିନ ପରେ ଯୁଦ୍ଧବିରତି ହୋଇଥିଲା। ଆଉ ଏବେ ମଧ୍ୟ କିଛି ସମାନ ସଙ୍କେତ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଶୁକ୍ରବାର ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି, " ବିନା ସର୍ତ୍ତରେ ଆତ୍ମସମର୍ପଣ ବ୍ୟତୀତ ଇରାନ ସହିତ କୌଣସି ଚୁକ୍ତି ହେବ ନାହିଁ!" ଟ୍ରମ୍ପଙ୍କ ପୋଷ୍ଟ ପୁଣି କଳ୍ପନାଜଳ୍ପନା ସୃଷ୍ଟି କରିଛି ଯେ ଯୁଦ୍ଧ ଛଅ ଦିନ ପରେ ଶେଷ ହେବ, ଏବଂ ଏହା ଏକ ଯୁଦ୍ଧବିରତିର ସଙ୍କେତ କି ନାହିଁ।

ଟ୍ରମ୍ପ ପୋଷ୍ଟରେ ଆହୁରି ଲେଖିଛନ୍ତି, "ତା'ପରେ, ଏବଂ ଜଣେ ମହାନ ଏବଂ ଗ୍ରହଣୀୟ ନେତାଙ୍କ ନିର୍ବାଚନ ପରେ, ଆମେ ଏବଂ ଆମର ଅନେକ ଚମତ୍କାର ଏବଂ ଅତ୍ୟନ୍ତ ସାହସୀ ସହଯୋଗୀ ଏବଂ ଅଂଶୀଦାରମାନେ ଇରାନକୁ ଧ୍ୱଂସର ଧାରରୁ ଫେରାଇ ଆଣିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିବୁ, ଏହାକୁ ପୂର୍ବ ଅପେକ୍ଷା ଅଧିକ ବଡ଼, ଭଲ ଏବଂ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ କରିବୁ। ଇରାନର ଏକ ମହାନ ଭବିଷ୍ୟତ ରହିବ।" ଇରାନକୁ ପୁଣି ଥରେ ମହାନ କରନ୍ତୁ" ବୋଲି ଲେଖିଛନ୍ତି ଟ୍ରମ୍ପ। ଯାହା ଏବେ ଖୁବଶୀଘ୍ର ଯୁଦ୍ଧ ସମାପ୍ତ ହେବାକୁ ଯାଉଛିବ ନେଇ ଆସ ପ୍ରକଟ ହୋଇଛି। ତେବେ ଜୁନ୍ ୧୭, ୨୦୨୫ ରେ, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବାର ଦିନିଆ ଯୁଦ୍ଧ ସମୟରେ ଟ୍ରମ୍ପ ସମାନ ଦାବି କରିଥିଲେ। ଛଅ ଦିନ ପରେ, ଜୁନ୍ ୨୩ ରେ, ସେ ଘୋଷଣା କରିଥିଲେ ଯେ ଏକ ଯୁଦ୍ଧବିରତି ଚୁକ୍ତିନାମା ହୋଇଛି। କାତାର ଆମେରିକା ସହିତ ଏହି ଯୁଦ୍ଧବିରତି ମଧ୍ୟସ୍ଥତା କରିଥିଲା। ଯଦି ଏହି ଧାରା ଜାରି ରହେ, ତେବେ ମାର୍ଚ୍ଚ ୧୨ ସୁଦ୍ଧା ଏକ ଯୁଦ୍ଧବିରତି ଘୋଷଣା କରାଯାଇପାରେ ବୋଲି ଆଶା କରାଯାଉଛି। ତଥାପି, ଦୁଇଟି ଘଟଣା ମଧ୍ୟରେ ଆକାଶ ପାତାଳ ଫରକ୍ ଅଛି। ସେତେବେଳେ କେବଳ ଇସ୍ରାଏଲ ଇରାନ ମଧ୍ୟରେ ସଂଘର୍ଷ ଚାଲିଥିଲା। ବର୍ତ୍ତମାନର ସଂଘର୍ଷ ବାର ଦିନିଆ ଯୁଦ୍ଧ ଅପେକ୍ଷା ବହୁତ ବଡ଼, ଏକ ଡଜନରୁ ଅଧିକ ଦେଶରେ ବ୍ୟାପିଛି। ଏହା ଫଳରେ ଗଲ୍ଫ ଶକ୍ତି ରପ୍ତାନି ବାଧାପ୍ରାପ୍ତ ହୋଇଛି, ଅନେକ ଆମେରିକୀୟ ସୈନିକଙ୍କୁ ହତ୍ୟା କରାଯାଇଛି ଏବଂ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇ ମଧ୍ୟ ଯୁଦ୍ଧରେ ନିହତ ହୋଇଛନ୍ତି। ଯାହାକୁ ନେଇ ଏବେ ପ୍ରତିଶୋଧ ନିଆଁରେ ଜଳୁଛି ଇରାନ। ଖାମେନେଇଙ୍କ ମୃତ୍ୟୁର ତେହେରାନ ପ୍ରତିଶୋଧ ନେବାକୁ ଚାହୁଁଛି। ଆଉ ଇରାନ ମଧ୍ୟ ଏଥର ଯୁଦ୍ଧ ବନ୍ଦ କରିବାକୁ କୌଣସି ଆଗ୍ରହ ଦେଖାଉନାହିଁ। ରାଷ୍ଟ୍ରପତି ମାସୁଦ ପେଜେଶକିୟାନ ଏକ ବିରୋଧାତ୍ମକ ସ୍ୱର ଗ୍ରହଣ କରି କହିଛନ୍ତି ଯେ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଇରାନ ତାର ସର୍ବୋଚ୍ଚ ନେତା, ନାଗରିକ ଏବଂ ସେନାଙ୍କ ମୃତ୍ୟୁର ପ୍ରତିଶୋଧ ନେବ ।

## ଜନ ଔଷଧି ଦିବସରେ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା



**ନୂଆଦିଲ୍ଲୀ:** ଜନଔଷଧି ଦିବସ ୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଦ୍ୱାରା ସକାରାତ୍ମକ ଭାବେ ଉପକୃତ ହୋଇଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ, ଏହି ପଦକ୍ଷେପ ପ୍ରତ୍ୟେକ ନାଗରିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଔଷଧ ପାଇବା ସୁନିଶ୍ଚିତ କରିବା ଲାଗି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଶ୍ରୀ ମୋଦୀ ଏହା ମଧ୍ୟ କହିଛନ୍ତି ଯେ ଜନ ଔଷଧି କେନ୍ଦ୍ର ମାଧ୍ୟମରେ ଅଗଣିତ ପରିବାର ସ୍ୱାସ୍ଥ୍ୟସେବା ଖର୍ଚ୍ଚ ସଞ୍ଚୟ କରୁଛନ୍ତି ଏବଂ ସଠିକ୍ ଚିକିତ୍ସା ପାଉଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନାର ପରିବର୍ତ୍ତନଶୀଳ ପ୍ରଭାବର ଏକ ଝଲକ ସେୟାର କରିଛନ୍ତି। "ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଦ୍ୱାରା ସକାରାତ୍ମକ ଭାବେ ଉପକୃତ ହୋଇଥିବା ସମସ୍ତଙ୍କୁ ଜନଔଷଧି ଦିବସ ୨୦୨୬ ଅବସରରେ ମୋର ଶୁଭେଚ୍ଛା। ପ୍ରତ୍ୟେକ ନାଗରିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଔଷଧ ପାଇପାରିବେ ବୋଲି ସୁନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜନଔଷଧି କେନ୍ଦ୍ର ମାଧ୍ୟମରେ ଅସଂଖ୍ୟ ପରିବାର ସ୍ୱାସ୍ଥ୍ୟସେବା ଖର୍ଚ୍ଚରେ ସଞ୍ଚୟ କରୁଛନ୍ତି ଏବଂ ଉପଯୁକ୍ତ ଚିକିତ୍ସା ପାଉଛନ୍ତି ।

## ଯୁଦ୍ଧ ଯୋଗୁ ସାଉଦୀଆରବରେ ଫଶିଛନ୍ତି ଲକ୍ଷଲକ୍ଷ ହଜ ଯାତ୍ରୀ

**ଜେଦ୍ଦା:** ମଧ୍ୟପ୍ରାଚ୍ୟରେ ଇରାନ, ଇସ୍ରାଏଲ-ଆମେରିକା ଯୁଦ୍ଧ ବିଶ୍ୱରେ ମୁସଲମାନଙ୍କ ଚିନ୍ତା ବଢେଇ ଦେଇଛି। ଖାସ କରି ରମଜାନ ମାସରେ ଉମରାହ କରିବାକୁ ଯାଇଥିବା ଲକ୍ଷଲକ୍ଷ ମୁସଲମାନ ଏବେ ସାଉଦୀ ଆରବରେ ଫଶି ରହିଛନ୍ତି। ଯୁଦ୍ଧ ଯୋଗୁ ଯାତ୍ରା ଠପ ହୋଇଯାଇଛି। ଏଣୁ ଅଟକି ରହିଥିବା ଲୋକେ ଏବେ ଘରକୁ ଫେରିବା ପାଇଁ ଚିନ୍ତାରେ ପଡି ଯାଇଛନ୍ତି। କେବଳ ଯାତ୍ରା ଲାଗି ନୁହେଁ ବରଂ ଆସ୍ଥା ଓ ସୁରକ୍ଷା ଲାଗି ମଧ୍ୟ ଏହା ସଂକଟ ସୃଷ୍ଟି କରିଛି। ଏଥିରେ ସବୁଠୁ ଅଧିକ ପ୍ରଭାବିତ ହୋଇଛି ଇଣ୍ଡୋନେସିୟା। ବିଶ୍ୱରେ ଇଣ୍ଡୋନେସିୟା ସବୁଠୁ ବଡ଼ ମୁସଲମାନ ଦେଶ। ଉପମନ୍ତ୍ରୀ ଦହନିଲ ଅଞ୍ଚର ସିମନଜନ୍ତକଙ୍କ ଅନୁସାରେ ୫୮,୮୬୦ରୁ ଅଧିକ ଇଣ୍ଡୋନେସିୟ ତୀର୍ଥ ଯାତ୍ରୀ ସାଉଦୀ ଆରବରେ ଅଟକି ରହିଛନ୍ତି। ଏ ନେଇ ସରକାର ସାଉଦୀ ଅଧିକାରୀ ଓ ଏୟାରଲାଇନ୍ସଙ୍କ ସହ କଥାବାର୍ତ୍ତା କରୁଛନ୍ତି ଯାହା ଦ୍ୱାରା ଅତିରିକ୍ତ ହୋଟେଲ ଓ ଉଡାଣ ଖର୍ଚ୍ଚ କମ ହୋଇ ପାରିବ। ଏହା ଛଡା ୬୦,୦୦୦ରୁ ଅଧିକ ଲୋକେ ଏପ୍ରିଲରେ ଉମରାହ ଟାଳିବାକୁ ନିବେଦନ କରିଛନ୍ତି।

## ମହିଳା ଦିବସରେ କ୍ରିଷ୍ଣା ହର୍ବାଲ ଆଣ୍ଡ ଆୟୁରର୍ବେଦର ସଚେତନତା ଅଭିଯାନ



**ନୂଆଦିଲ୍ଲୀ:** ମହିଳା ଦିବସ ଅବସରରେ କ୍ରିଷ୍ଣା ହର୍ବାଲ ଆଣ୍ଡ ଆୟୁରର୍ବେଦର ଗର୍ବର ସହିତ ସି ନୀଡ୍ କେୟାର" ନାମକ ଏକ ହୃଦୟସ୍ପର୍ଶୀ ସଚେତନତା ଅଭିଯାନ ଆରମ୍ଭ କରୁଛି। ବିଭିନ୍ନ ଡିଜିଟାଲ୍ ପ୍ଲାଟଫର୍ମର ଅନେକ ଇନ୍‌ଫ୍ଲୁଏନ୍ସରଙ୍କ ସହଭାଗିତାରେ ଚାଲୁଥିବା ଏହି ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ଆଗକୁ ଆଣୁଛି। ମହିଳାମାନେ ସମସ୍ତଙ୍କ ଯତ୍ନ ନେଉଛନ୍ତି, ତାହେଲେ ତାଙ୍କ ଯତ୍ନ କିଏ ନେଉଛି? ଭାରତୀୟ ପରିବାର ହେଉ କି ଆଧୁନିକ କାର୍ଯ୍ୟସ୍ଥଳ — ମହିଳାମାନେ ସାଧାରଣତଃ ଶକ୍ତିର ନିରବ ଭିତ୍ତିସ୍ତମ୍ଭ। ଘର ଓ କାମକୁ ସମ୍ଭାଳିବା, ପରିବାରକୁ ଦେଖଭାଳ କରିବା ଓ ପ୍ରିୟଜନଙ୍କୁ ସହାୟତା କରିବାରେ ସେ ସଦା ସଚେତନ। ସେ ନିଶ୍ଚିତ କରନ୍ତି ଯେ ସମସ୍ତଙ୍କୁ ଶୁଣାଯାଉ, ସେମାନେ ସୁସ୍ଥ ଓ ସୁରକ୍ଷିତ ରହନ୍ତୁ। କିନ୍ତୁ ଏହି ଅନବରତ ଦେବାର ମଧ୍ୟରେ କେତେବେଳେ ତାଙ୍କ ନିଜ ସ୍ୱାସ୍ଥ୍ୟ ପଛକୁ ପଡ଼ିଯାଏ।

ହର୍ମୋନ ଅସନ୍ତୁଳନ, ଅନିୟମିତ ମାସିକ ଚକ୍ର, ଚୁଲ୍ ଝଡ଼ିବା, ଲଗାତାର ପିମ୍ପଲ୍ସ, ୩୫ ପରେ କମ୍ ଶକ୍ତି, ମୁଡ୍ ପରିବର୍ତ୍ତନ — ଏହି ସମସ୍ୟାଗୁଡ଼ିକୁ ଅନେକ ସମୟରେ "ସାଧାରଣ" ବୋଲି ଅବହେଳା କରାଯାଏ। ମହିଳାମାନେ ପ୍ରାୟତଃ ଅସୁବିଧାକୁ ସହିବାକୁ, କ୍ଲାନ୍ତିକୁ ସାଧାରଣ ଭାବିବାକୁ ଓ ଚିକିତ୍ସାକୁ ପଛକୁ ଠେଲିଦେବାକୁ ଅଭ୍ୟସ୍ତ ଭାବନ୍ତି ଯେ ଏହା ବଡ଼ ହେବା, ବୟସ୍ ବଢ଼ିବା କିମ୍ବା "ଶକ୍ତିଶାଳୀ"ହେବାର ଅଂଶ।

ବିଶ୍ୱସନୀୟ ଇନ୍‌ଫ୍ଲୁଏନ୍ସରମାନଙ୍କ ଦ୍ୱାରା ନିର୍ବିକାର ଓ ସତ୍ୟ ଆଲୋଚନା ମାଧ୍ୟମରେ ଏହି ଅଭିଯାନ ମହିଳାମାନଙ୍କୁ କିଛି ସମୟ ରୁକି ନିଜକୁ ଭାବିବାକୁ ପ୍ରେରିତ କରେ। ଏହାର ସରଳ କିନ୍ତୁ ସକ୍ତିଶାଳୀ ବାର୍ତ୍ତା ଶକ୍ତିଶାଳୀ ହେବାର ଅର୍ଥ ନିରବ ଭାବେ କଷ୍ଟ ସହିବା ନୁହେଁ। ନିଜକୁ ଯତ୍ନ କରିବା କୌଣସି ଆଡମ୍ବର ନୁହେଁ ଏହା ଏକ ଆବଶ୍ୟକତା। ଅଭିଯାନରେ ଯୋଗଦେଇଥିବା ଇନ୍‌ଫ୍ଲୁଏନ୍ସରମାନେ ନିଜ ଅନୁଭବ ଓ ଚିନ୍ତାଭାବନା ସେୟାର କରୁଛନ୍ତି କିପରି ମହିଳାମାନେ ସଦା ଅନ୍ୟମାନଙ୍କ ସୁସ୍ଥତାକୁ ପ୍ରାଥମିକତା ଦେଇ ନିଜକୁ ଅବହେଳା କରନ୍ତି। ହର୍ମୋନ ଅସନ୍ତୁଳନର ପ୍ରାରମ୍ଭିକ ଲକ୍ଷଣକୁ ଅନଦେଖା କରିବା, ଷ୍ଟ୍ରେସ୍ ଦ୍ୱାରା ହେଉଥିବା ଚୁଲ୍ ଝଡ଼ିବାକୁ ଗୁରୁତ୍ୱ ନ ଦେବା, କିମ୍ବା ସବୁବେଳେ କ୍ଲାନ୍ତ ଲାଗିବାକୁ ସାଧାରଣ ଭାବିବା ଏହି ଅଭିଯାନ ଦେଖାଏ ଯେ ନିଜକୁ ଅବହେଳା କରିବା କେତେ ଗଭୀର ଭାବରେ ସାଧାରଣ ହୋଇପଡ଼ିଛି। ଆୟୁର୍ବେଦର ପୁରାତନ ଜ୍ଞାନରେ ଆଧାରିତ କ୍ରିଷ୍ଣା ହର୍ବାଲ ଆଣ୍ଡ ଆୟୂରର୍ବେଦ ବିଶ୍ୱାସ କରେ ଯେ ସତ୍ୟ ସଶକ୍ତିକରଣର ଆରମ୍ଭ ହୁଏ ସନ୍ତୁଳନରୁ ଶାରୀରିକ, ଭାବନାତ୍ମକ ଓ ହର୍ମୋନିକ ସନ୍ତୁଳନ। ଏହି ପଦକ୍ଷେପ ମାଧ୍ୟମରେ ବ୍ରାଣ୍ଡ ଏହାକୁ ଉଦ୍ଧାର କରୁଛି ଯେ ସ୍ୱାସ୍ଥ୍ୟ ସଚେତନତା ପୂର୍ବରୁ ଆରମ୍ଭ ହେବା ଉଚିତ, ସମସ୍ୟା ହେବା ପରେ ନୁହେଁ। ଯେତେବେଳେ ଜଣେ ମହିଳା ଭିତରୁ ସନ୍ତୁଳିତ ଅନୁଭବ କରନ୍ତି, ସେ ସ୍ୱାଭାବିକ ଭାବରେ ଶକ୍ତି, ସ୍ୱଷ୍ଟତା ଓ ଆତ୍ମବିଶ୍ୱାସକୁ ପ୍ରକାଶ କରନ୍ତି।

## ମହିଳା ଶକ୍ତିର ପଦଧ୍ୱନି : କର୍ତ୍ତବ୍ୟ ପଥରେ ଶକ୍ତି ପଦଯାତ୍ରା



**ନୂଆଦିଲ୍ଲୀ:** ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ୮ ମାର୍ଚ୍ଚ ୨୦୨୬ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଅଂଶ ଭାବରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥ ଠାରେ "ଶକ୍ତି ପଦଯାତ୍ରା ସିଲିଡ୍ସଭାରତ (ମହିଳାଙ୍କ ନେତୃତ୍ୱରେ ଆଗକୁ ବଢେ ଭାରତ)" ଶୀର୍ଷକ ଏକ ମହିଳା ନେତୃତ୍ୱ ପଦଯାତ୍ରା ଆୟୋଜନ କରୁଛି । ମାର୍ଚ୍ଚ ୮ ତାରିଖରେ ବିଶ୍ୱବ୍ୟାପୀ ପାଳିତ ଅନ୍ତର୍ଜାତୀୟ ମହିଳା ଦିବସ, ଜୀବନର ସମସ୍ତ କ୍ଷେତ୍ରରେ ମହିଳାମାନଙ୍କର ସଫଳତା, ନେତୃତ୍ୱ ଏବଂ ଅବଦାନକୁ ପାଳନ କରେ ଏବଂ ଲିଙ୍ଗଗତ ସମାନତା, ସୁରକ୍ଷା, ସମ୍ମାନ ଏବଂ ସଶକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରେ। ଏହି ଭାବନା ଆଧାରରେ, ଏକ ପ୍ରଗତିଶୀଳ ଏବଂ ସମାବେଶୀ ଭାରତ ଗଠନରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦର୍ଶନ କରିବା ପାଇଁ ଶକ୍ତି ପଦଯାତ୍ରା ଆୟୋଜନ କରାଯାଉଛି।

ଶକ୍ତି ପଦଯାତ୍ରାର ଲକ୍ଷ୍ୟ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ନେତୃତ୍ୱ ଏବଂ ଅବଦାନକୁ ପାଳନ କରିବା, ମହିଳା ସୁରକ୍ଷା, ନିରାପତ୍ତା ଏବଂ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରିବା, ମହିଳାମାନଙ୍କ ପାଇଁ ଲାଭଦାୟକ ନିର୍ଦ୍ଦିଷ୍ଟ ଯୋଜନା ଏବଂ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରିବା। ଏହା ସହିତ ବିଭିନ୍ନ ପୃଷ୍ଠଭୂମିର ମହିଳାମାନଙ୍କ ମଧ୍ୟରେ ଏକତା ଏବଂ ସାମୂହିକ ଗର୍ବ ବୃଦ୍ଧି କରିବା ତଥା ଦେଶର ପ୍ରଗତି ପାଇଁ ମହିଳାମାନଙ୍କ ନେତୃତ୍ୱରେ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବାର୍ତ୍ତା ପ୍ରସାର କରିବା। ଏହି ପଦଯାତ୍ରା ସକାଳ ୭:୩୦ ରୁ ୧୦ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ, ଯାହା ଇଣ୍ଡିଆ ଗେଟରୁ ବିଜୟ ଚୌକ ପର୍ଯ୍ୟନ୍ତ କର୍ତ୍ତବ୍ୟ ପଥ ଦେଇ ପ୍ରାୟ ୨ କିଲୋମିଟର ଦୂରତା ଅତିକ୍ରମ କରିବ। ଏହି କାର୍ଯ୍ୟକ୍ରମରେ ୧୫୦ ରୁ ଅଧିକ ମନ୍ତ୍ରଣାଳୟ, ବିଭାଗ ଏବଂ ସଂଗଠନର ପ୍ରାୟ ୩,୦୦୦ ମହିଳା ଅଂଶଗ୍ରହଣ କରିବାର ଆଶା କରାଯାଉଛି, ଯେଉଁମାନଙ୍କ ମଧ୍ୟରେ ସଶସ୍ତ୍ର ବାହିନୀ, ପୋଲିସ, ଗଣମାଧ୍ୟମ, ସ୍ୱାସ୍ଥ୍ୟସେବା, କ୍ରୀଡା, ସରକାରୀ ପ୍ରତିଷ୍ଠାନ, ଶିଳ୍ପ ଏବଂ ତୃଣମୂଳ ସ୍ତରର ସଂଗଠନର ପ୍ରତିନିଧିମାନେ ସାମିଲ ଅଛନ୍ତି। ଅଂଶଗ୍ରହଣକାରୀମାନେ #ସିଲିଡ୍ସଭାରତ (ମହିଳାଙ୍କ ନେତୃତ୍ୱରେ ଆଗକୁ ବଢେ ଭାରତ) " ବିଷୟ ଅନୁଯାୟୀ ଏକାଠି ପଦଯାତ୍ରା କରିବେ, ଯାହା ଏକ ପ୍ରଗତିଶୀଳ ଏବଂ ସମାବେଶୀ ଭାରତ ଗଠନରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦର୍ଶନ କରିବ। ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ମହିଳା ଅଧିକାରୀମାନଙ୍କୁ ଅଂଶଗ୍ରହଣ କରିବାକୁ ନିମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ମଧ୍ୟ ଅଂଶଗ୍ରହଣ କରିବେ।

## ସର୍ବନିମ୍ନ ପେନ୍ସନ୍ ୭୫୦୦କୁ ବୃଦ୍ଧି ଦାବିରେ ୯ରୁ ବିକ୍ଷୋଭ

ନୂଆଦିଲ୍ଲୀ: କର୍ମଚାରୀ ପେନ୍ସନ ଯୋଜନା (ଇପିଏସ୍-୯୫)ରେ ହିତାଧିକାରୀ ପେନ୍ସନଭୋଗୀମାନେ ସର୍ବନିମ୍ନ ପେନ୍ସନ୍ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସଂପ୍ରତି ଏହି ଯୋଜନାରେ ସର୍ବନିମ୍ନ ପେନ୍ସନ୍ ମାତ୍ର ୧୦୦୦ ଟଙ୍କା ରହିଛି। ଏହାକୁ ୭୫୦୦ ଟଙ୍କାକୁ ବୃଦ୍ଧି କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏଥିପାଇଁ ନୂଆଦିଲ୍ଲୀସ୍ଥିତ ଯନ୍ତରମନ୍ତରଠାରେ ଚଳିତ ମାସ ୯ ତାରିଖଠାରୁ ତିନି ଦିନିଆ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ରୀୟ ଓ ରାଜ୍ୟମାନଙ୍କର ରାଷ୍ଟ୍ରାୟତ୍ତ ସଂସ୍ଥା ସମେତ ବିଭିନ୍ନ ଘରୋଇ ଓ ସମବାୟ ସଂସ୍ଥାରୁ ଅବସର ନେଇଥିବା ପ୍ରାୟ ୮.୧ ନିୟୁତ କର୍ମଚାରୀ 'ଇପିଏସ୍-୯୫ ଜାତୀୟ ବିକ୍ଷୋଭ କମିଟି' ମାଧ୍ୟମରେ ଜାତୀୟ ସଭାପତି ଅଶୋକ ରାଉତଙ୍କ ନେତୃତ୍ୱରେ ଦୀର୍ଘ ନଅ ବର୍ଷ ହେଲା ଏହି ଦାବି ଉପସ୍ଥାପନ କରି ଆସୁଛନ୍ତି। କମିଟି ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି ଯେ ଏହି ପ୍ରସଙ୍ଗରେ ଦେଶର ପ୍ରଧାନମନ୍ତ୍ରୀଙ୍କ ସମେତ ସମସ୍ତ ସାଂସଦଙ୍କୁ ଅବଗତ କରାଯାଇଛି। କିନ୍ତୁ 'ସବ୍କା ସାଥ୍ ସବ୍କା ବିକାଶ' ନାରା ଦେଉଥିବା ସରକାର ବରିଷ୍ଠ ପେସନ୍ସନଭୋଗୀଙ୍କ ଏହି ଆବଶ୍ୟକତାକୁ ଅଣଦେଖା କରୁଛି। କମିଟି ପକ୍ଷରୁ କୁହାଯାଇଛି ଯେ ଚାକିରି କାଳରେ ୩୦ରୁ ୩୫ ବର୍ଷ ଧରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ନିୟମିତ ଭାବେ ଜମା କରୁଥିଲେ ମଧ୍ୟ ପେନ୍ସନଭୋଗୀଙ୍କୁ ମାତ୍ର ୧,୧୭୧ ଟଙ୍କା ପେନ୍ସନ୍ ମିଳୁଛି। ଯାହାକି ସେମାନଙ୍କ ଚାହିଦା ପୂରଣ କରି ପାରୁନି।

## ଟ୍ରମ୍ପଙ୍କୁ ହତ୍ୟା କରିବାକୁ ହୋଇଥିଲା ଷଡ଼ଯନ୍ତ୍ର!

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତିଙ୍କୁ ମାରିଦେବାକୁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର! ଇରାନ ସହିତ ସମ୍ପର୍କ ଥିବା ଜଣେ ପାକିସ୍ତାନୀ ବ୍ୟକ୍ତିଙ୍କୁ ରିଭୋଲ୍ୟୁସନରୀ ଗାର୍ଡ କମାଣ୍ଡର କାସେମ ସୋଲେମାନିଙ୍କ ଆମେରିକୀୟ ସାମରିକ ହତ୍ୟାର ପ୍ରତିଶୋଧ ନେବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିମ୍ବା ଅନ୍ୟ ଆମେରିକୀୟ ଅଧିକାରୀଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ ଶୁକ୍ରବାର ଦିନ ଦୋଷୀ ସାବ୍ୟସ୍ତ କରାଯାଇଛି। ବ୍ରୁକଲିନର ଏକ ଫେଡେରାଲ୍ କୋର୍ଟରେ ବିଚାର ସମୟରେ ପବ୍ଲିକ୍ ପ୍ରସିକ୍ୟୁଟରମାନେ କହିଛନ୍ତି ଯେ ଆସିଫ୍ ରାଜା ମର୍ଚାଣ୍ଟ ଆମେରିକାରେ ଜଣେ ରାଜନେତା କିମ୍ବା ସରକାରୀ ଅଧିକାରୀଙ୍କୁ ହତ୍ୟା କରିବା ପାଇଁ ଜଣେ ହିଟ୍ମ୍ୟାନଙ୍କୁ ନିଯୁକ୍ତି ଦେବାକୁ ଚାହୁଁଥିଲେ ବୋଲି ଅଭିଯୋଗ ହୋଇଛି। ଇରାନର ବିଦେଶୀ ସାମରିକ ଅଭିଯାନର ମୁଖ୍ୟ ସୋଲେମାନି ଜାନୁଆରୀ ୨୦୨୦ ରେ ବାଗଦାଦରେ ଏକ ଆମେରିକୀୟ ଡ୍ରୋନ ଆକ୍ରମଣରେ ନିହତ ହୋଇଥିଲେ। ଇରାନୀ ଅଧିକାରୀମାନେ ତାଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି।

ବୁଧବାର ଦିନ ତାଙ୍କ ବିଚାର ସମୟରେ, ମର୍ଚ୍ଚାଣ୍ଟ ସାକ୍ଷ୍ୟ ଦେଇଥିଲେ ଯେ ଇରାନର ରାଜଧାନୀ ତେହେରାନରେ ତାଙ୍କ ପରିବାରକୁ ଗାର୍ଡମାନଙ୍କଠାରୁ ରକ୍ଷା କରିବା ପାଇଁ ତାଙ୍କୁ ଷଡ଼ଯନ୍ତ୍ର କରିବାକୁ ବାଧ କରାଯାଇଥିଲା, ସେ ଆହୁରି ମଧ୍ୟ ଦାବି କରିଥିଲେ ଯେ ସେ ଭାବିଥିଲେ ଯେ କେହି ହତ୍ୟା ହେବା ପୂର୍ବରୁ ସେ ଧରାପଡ଼ିବେ। ତେଣୁ ସେ ରାଜି ହୋଇଯାଇଥିଲେ। ସେ କହିଛନ୍ତି ଯେ ତାଙ୍କୁ କେବେବି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦିଆଯାଇନଥିଲା।

# ବିଶ୍ୱ ଅସ୍ଥିରତା ସମୟରେ ଭାରତର ସୁଦୃଢ ତୈଳ ନିରାପତ୍ତା

ନୂଆଦିଲ୍ଲୀ: ବିଶ୍ୱର ତୈଳ କ୍ଷେତ୍ରରେ ବର୍ତ୍ତମାନ ଦେଖାଯାଇଥିବା ଅନିଶ୍ଚିତତା ଭାରତ ପାଇଁ ଏକ ସଂକଟ ଓ ଏହା ଆମ ଦୁର୍ବଳତାକୁ ପଦାରେ ପକାଇଛି ବୋଲି କେତେକ ମହଲରେ ଆଲୋଚନା ହେଉଛି। କିନ୍ତୁ ବାସ୍ତବତାଠାରୁ ଏହା ଦୂରରେ । କାରଣ ଗତ ୧୨ ବର୍ଷର ଶକ୍ତି ନୀତି ଫଳରେ ଭାରତ ଯୋଜନାବଦ୍ଧ ଭାବେ ଏକ ସୁଦୃଢ଼ ସ୍ଥିତିରେ ଅଛି। ଜରୁରୀକାଳୀନ ସ୍ଥିତି ପାଇଁ ଭାରତର ଏକ ବିଶାଳ ତୈଳ ଭଣ୍ଡାର ଅଛି ଓ ବିଭିନ୍ନ ଉତ୍ସରୁ ଭାରତକୁ ତୈଳ ଯୋଗାଣ ହେଉଛି।

ଦେଶର ସୁଦୃଢ ତୈଳ ଭଣ୍ଡାର

ଭାରତରେ ପ୍ରାୟ ୨୫୦ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ଓ ବିଶୋଧିତ ପେଟ୍ରୋଲିୟମ ଉତ୍ପାଦ ଗଚ୍ଛିତ ରହିଛି। ଏହା ୭ରୁ ୮ ସପ୍ତାହ ପାଇଁ ଦେଶର ତୈଳ ଚାହିଦାକୁ ପୂରଣ କରିପାରିବ। ପୁଣି ଏହି ଭଣ୍ଡାର ଗୁଡ଼ିକ ଗୋଟିଏ ସ୍ଥାନ ବଦଳରେ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୂପରେ ରହିଛି। ଦେଶର ତିନିଟି ରଣନୈତିକ ତୈଳ ଭଣ୍ଡାର ମାଙ୍ଗାଲୋର, ବିଶାଖାପାଟଣା ଓ ପଦୁରଠାରେ ରହିଛି। ଦେଶରେ ବିପୁଳ ପରିମାଣରେ ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ, ଏଲପିଜି ଓ ଏଲଏନଜି ସଂରକ୍ଷିତ ରହିଛି, ଯାହାକି ଯେକୌଣସି ପ୍ରକାରର ସ୍ୱଳ୍ପମିଆଦୀ ଅସ୍ଥିରତାର ମୁକାବିଲା କରିପାରିବ। ଏହା ସହିତ ବିଭିନ୍ନ ଅନ୍ତର୍ଜାତୀୟ ଯୋଗାଣକାରୀଙ୍କଠାରୁ ଭାରତ ତୈଳ ଆମଦାନୀ କରିଚାଲିଛି। ଏଣୁ ଭାରତରେ ମାତ୍ର ୨୫ ଦିନର ଇନ୍ଧନ ଥିବା ନେଇ ହେଉଥିବା ଦାବି ଅମୂଳକ। ଏପରିକି ଯଦି ହର୍ମୁଜ୍ ପ୍ରଣାଳୀ ସଂପୂର୍ଣ୍ଣ ବନ୍ଦ ହୋଇଯାଏ, ତେବେବି ଭାରତ ଉପରେ ତାହାର ଆଂଶିକ ପ୍ରଭାବ ପଡ଼ିବ।

ବିକଳ୍ପ ତୈଳ ଆମଦାନୀ ପଥ

ଭାରତ ନିଜ ତୈଳ ଆମଦାନୀର କେବଳ ୪୦ ପ୍ରତିଶତ ହୋର୍ମୁଜ ପ୍ରଣାଳୀ ଦେଇ ଆମଦାନୀ କରିଥାଏ ଓ ୬୦ ପ୍ରତିଶତ ତୈଳ ଅନ୍ୟ ବୈକଳ୍ପିକ ପଥ ଦେଇ ଆସିଥାଏ। ବିଗତ ଦଶନ୍ଧୀରେ ଭାରତର ତୈଳ କୂଟନୀତି ଫଳରେ ତୈଳ ଯୋଗାଣକାରୀ ଦେଶ ସଂଖ୍ୟା ୨୭ରୁ ୪୦କୁ ବୃଦ୍ଧି ପାଇଛି। ଏଣୁ ଗୋଟିଏ ସାମୁଦ୍ରିକ ପଥ ଦେଇ ଭାରତର ତୈଳ ଆସୁନାହିଁ। ଭାରତକୁ ରୁଷିଆ, ଆମେରିକା, ପଶ୍ଚିମ ଆଫ୍ରିକା, କେନ୍ଦ୍ର ଏସିଆ ଓ ଅଣ-ଉପସାଗରୀୟ ମଧ୍ୟପୂର୍ବ ଦେଶରୁ ତୈଳ ଯୋଗାଣ ହେଉଛି। ଏଣୁ ଗୋଟିଏ ହୋର୍ମୁଜ ପ୍ରଣାଳୀ ପ୍ରଭାବିତ ହେଲେ ବି ଅନ୍ୟ ପଥଗୁଡିକ ଚାଲୁ ରହିଛି। ଏଣୁ କୌଣସି ବୈଶ୍ୱିକ ସଙ୍କଟ ବା ମହାମାରୀ ସମୟରେ ବି ଦେଶରେ ଶକ୍ତି ସଙ୍କଟ ହେବ ନାହିଁ। ଅଷ୍ଟ୍ରେଲିଆ, କାନାଡା ପରି ଭାରତକୁ ଗ୍ୟାସ ଯୋଗାଣ ପାଇଁ ପ୍ରସ୍ତାବ ଦେଇଛନ୍ତି। ସେହିପରି ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁଏଇ ପରି ଦେଶ ଭାରତ ସହ ଦୀର୍ଘମିଆଦୀ ତୈଳ ଯୋଗାଣ ଚୁକ୍ତି କରିଛନ୍ତି।

ଭାରତର ତୈଳ ବିଶୋଧନାଗାର କ୍ଷମତା ୨୫୮ ଏମଏମଟିପିଏ ରହିଛି, ଯାହାକି ଏହାର ଘରୋଇ ଚାହିଦା ୨୧୦ରୁ ୨୩୦ ଏମଏମଟିପିଏଠାରୁ ଅଧିକ। ପୁଣି ଭାରତର ତୈଳ ବିଶୋଧନାଗାରଗୁଡ଼ିକ ବିଶ୍ୱର ବିଭିନ୍ନ ଉତ୍ସରୁ ଆସୁଥିବା ଭିନ୍ନ ଭିନ୍ନ ଗ୍ରେଡ୍ର ଅଶୋଧିତ ତୈଳ ବିଶୋଧନ କରିବାକୁ ସକ୍ଷମ। ଏଣୁ ଭାରତ ଗୋଟିଏ ତୈଳ ଉତ୍ସ ଉପରେ ନିର୍ଭର କରେ ନାହିଁ।



ରୁଷୀୟ ତେଲ କିଣିବା ପାଇଁ ଭାରତ କେବେବି କୌଣସି ଦେଶର ଅନୁମତି ଉପରେ ନିର୍ଭର କରିନାହିଁ। ଭାରତ ଫେବୃଆରୀ ୨୦୨୬ରେ ମଧ୍ୟ ରୁଷୀୟ ତେଲ ଆମଦାନୀ କରୁଛି, ଏବଂ ରୁଷ ଏବେ ବି ଭାରତର ସବୁଠାରୁ ବଡ଼ ଅଶୋଧିତ ତେଲ ଯୋଗାଣକାରୀ ରହିଛି। ରୁଷ-ୟୁକ୍ରେନ ଯୁଦ୍ଧର ତିନି ବର୍ଷ ଧରି, ଆମେରିକା ଏବଂ ୟୁରୋପୀୟ ସଂଘର ଆପତ୍ତି ସତ୍ତ୍ୱେ ଭାରତ ରୁଷୀୟ ତେଲ କିଣି ଚାଲିଥିଲା। ରିହାତି ମୂଲ୍ୟ ଏବଂ ରିଫାଇନାରୀ ଚାହିଦା ଯୋଗୁଁ ୨୦୨୨ ପରେ ଆମଦାନୀ ଯଥେଷ୍ଟ ବୃଦ୍ଧି ପାଇଛି। ଏଣୁ ଏହି ତୈଳକ୍ରୟ ଜାରି ରହିଥିବାବେଳେ ଏକ ସ୍ୱଳ୍ପ କାଳ ପାଇଁ ରିହାତି ମିଳିବା ଯୋଗୁଁ ଏହା ସମ୍ଭବ ହେଉଥିବା କହିବା ବାସ୍ତବତା ନୁହେଁ।

ଭାରତର ତୈଳ ଆତ୍ମନିର୍ଭରଶୀଳତା

ଭାରତର ୨୦% ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମ ପ୍ରତିବର୍ଷ ପ୍ରାୟ ୬ ନିୟୁତ ଟନ୍ ଅଶୋଧିତ ତୈଳ ସଞ୍ଚୟ କରୁଛି। ୨୦୧୪ ପରଠାରୁ ଏକ ଦଶନ୍ଧି ଧରି, ଏହି କାର୍ଯ୍ୟକ୍ରମ କ୍ରମାଗତ ଭାବେ ୧୮୧ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ଅଶୋଧିତ ତୈଳ ଆମଦାନୀକୁ ପ୍ରତିସ୍ଥାପିତ କରିଛି, ଯାହା ଦ୍ୱାରା ୧.୩୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ସଞ୍ଚୟ ହୋଇଛି ଏବଂ ଭାରତୀୟ କୃଷକମାନଙ୍କ ନିକଟରେ ୧.୧୮ ଲକ୍ଷ କୋଟି ଟଙ୍କା ପହଞ୍ଚିଛି। ଭାରତର ଘରୋଇ ଉତ୍ପାଦନ ଦେଶର ଶକ୍ତି ଆବଶ୍ୟକତାର ପ୍ରାୟ ୧୫-୧୬% ଯୋଗଦାନ କରେ ଏବଂ ଏହା ବର୍ତ୍ତମାନ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଶିଳ୍ପ ଓ ବ୍ୟବସାୟିକ ଏଲପିଜି ଗ୍ରାହକଙ୍କ ତୁଳନାରେ ସରକାର ଘରୋଇ ବ୍ୟବହାରକାରୀଙ୍କୁ ପ୍ରାଥମିକତା ଦେଉଛନ୍ତି।

ଦେଶରେ ତୈଳ ଦରରେ ସ୍ଥିରତା

ବିଶ୍ୱରେ ଅଭୁତପୂର୍ବ ଅସ୍ଥିରତା ସତ୍ତ୍ୱେ ଖୁଚୁରା ଇନ୍ଧନ ମୂଲ୍ୟ ଲଗାତାର ୪ ବର୍ଷ ଧରି ସ୍ଥିର ରହିଛି । ୟୁକ୍ରେନ ବିବାଦ ପରେ ଯେତେବେଳେ ବିଶ୍ୱରେ ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇଲା, ସେତେବେଳେ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିନ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ମିଳିତ ଭାବରେ ୨୪,୫୦୦ କୋଟି ଟଙ୍କାର କ୍ଷତି ସହି ଭାରତୀୟ ଗ୍ରାହକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟକୁ ସ୍ଥିର ରଖିବାକୁ ସକ୍ଷମ ହୋଇଥିଲେ। ଏହି ସମୟ ମଧ୍ୟରେ ପାକିସ୍ତାନରେ ପେଟ୍ରୋଲ ମୂଲ୍ୟ ୫୫%, ଜର୍ମାନୀରେ ୨୨% ଏବଂ ଫ୍ରାନ୍ସରେ ୧୯% ବୃଦ୍ଧି ପାଇଥିବାବେଳେ, ଭାରତରେ ପେଟ୍ରୋଲ ମୂଲ୍ୟ ୧%ରୁ କମ୍ ବୃଦ୍ଧି ପାଇଛି।

ଜାତୀୟ ସ୍ୱାର୍ଥରେ ତୈଳ କ୍ରୟ

ଭାରତର ତୈଳ କ୍ରୟ ପଛରେ ଥିବା ଏକମାତ୍ର ନୀତି ହେଉଛି ଜାତୀୟ ସ୍ୱାର୍ଥ। ଯେଉଁ ଉତ୍ସରୁ ସୁଲଭ ମୂଲ୍ୟରେ ସୁବିଧାରେ ତୈଳ ଉପଲବ୍ଧ ହୁଏ ସେଠାରୁ ଭାରତ ତୈଳ କିଣିଥାଏ ଓ ସେଠାରୁ କିଣିଚାଲିବ।

ନିକଟରେ ଆମେରିକା ପକ୍ଷରୁ ଦିଆଯାଇଥିବା ବକ୍ତବ୍ୟ ସେମାନଙ୍କ ଘରୋଇ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ। ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଭାରତୀୟ ରିଫାଇନରମାନଙ୍କୁ ରୁଷୀୟ ତୈଳ କ୍ରୟ ଜାରି ରଖିବାକୁ ଅନୁମତି ଦେବା ପାଇଁ ୩୦ ଦିନିଆ ଛାଡ଼ ଘୋଷଣା କରିଛନ୍ତି, ସ୍ପଷ୍ଟ ଭାବରେ ଭାରତକୁ ଏକ ଅତ୍ୟାବଶ୍ୟକୀୟ ଅଂଶୀଦାର ଭାବରେ ବର୍ଣ୍ଣନା କରିଛନ୍ତି। ଭାରତ ଜି୭ ମୂଲ୍ୟ ସୀମା ନିୟମର ସମସ୍ତ ୧୮ଟି ଯାଞ୍ଚ ପର୍ଯ୍ୟାୟ ପାଳନ କରିଛି । ଏହି ଛାଡ଼ ଏକ ମତଭେଦକୁ ଦୂର କରିଛି ଯାହା କେବେବି କାହାରି ସ୍ୱାର୍ଥରେ ନଥିଲା - ଏବଂ ଏହା ବିଶ୍ୱ ଶକ୍ତି ବଜାରରେ ଭାରତର ବିଶୋଧନ ଏବଂ କ୍ରୟକ୍ଷମତାର ସ୍ଥିର ଭୂମିକାକୁ ସ୍ୱୀକାର କରେ। ଭାରତ ପ୍ରମୁଖ ବିଶ୍ୱ ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣକାରୀଙ୍କ ସହିତ ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ଯେପରିକି ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇଏ) ଏବଂ ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶମାନଙ୍କର ସଂଗଠନ (ଓପେକ) ସହିତ ନିରନ୍ତର ସମ୍ପର୍କରେ ରହିଛି।

ସମସ୍ତଙ୍କ ପାଇଁ ଉର୍ଜ୍ଜା

ପେଟ୍ରୋଲିୟମ କ୍ଷେତ୍ରରେ ଏହି ସରକାର ନେଇଥିବା ପ୍ରତ୍ୟେକ ନିଷ୍ପତ୍ତି ତିନୋଟି ମାନଦଣ୍ଡ ଅନୁଯାୟୀ ପରୀକ୍ଷିତ ହୁଏ: ସୁଲଭତା, ଉପଲବ୍ଧତା ଏବଂ ସ୍ଥାୟୀତ୍ୱ। ଆଜି ଭାରତରେ ୩୩.୩ କୋଟିରୁ ଅଧିକ ଏଲପିଜି ଗ୍ରାହକ ଅଛନ୍ତି, ଯେଉଁଥିରେ ୧୦.୫୩ କୋଟି ପିଏମୟୁୱାଇ ହିତାଧିକାରୀ ଅଛନ୍ତି, ଏବଂ ୧.୬ କୋଟିରୁ ଅଧିକ ପରିବାର ନିରବଚ୍ଛିନ୍ନ ରୋଷେଇ ଶକ୍ତି ପାଇଁ ପିଏନଜି ସହିତ ସଂଯୋଗ ହୋଇଛନ୍ତି।

ଏନଡିଏ ସରକାରଙ୍କ ତୈଳ ମୂଲ୍ୟ ପରିଚାଳନା

ପୂର୍ବ ୟୁପିଏ ସରକାର (୨୦୦୪ ରୁ ୨୦୧୪) ସମୟରେ ପେଟ୍ରୋଲ ମୂଲ୍ୟ ୧୧୨% ଏବଂ ଡିଜେଲ ୧୫୫% ବୃଦ୍ଧି ପାଇଥିଲା। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ଜାରି ହୋଇଥିବା ୧.୫ ଲକ୍ଷ କୋଟି ଟଙ୍କାର ତୈଳ ବଣ୍ଡ ଦ୍ୱାରା ଇନ୍ଧନ ମୂଲ୍ୟ ବ୍ୟବସ୍ଥାକୁ ଭରଣା କରାଯାଇଥିଲା । ଏହି ଋଣଗୁଡ଼ିକ ୨୦୨୧ ରୁ ୨୦୨୬ ମଧ୍ୟରେ ମୂଳ ଏବଂ ସୁଧ ପରିଶୋଧ ଆବଶ୍ୟକ ହେଉଥିଲା। କିନ୍ତୁ ୨୦୧୪ ପରଠାରୁ ଏନଡିଏ ଅଧୀନରେ, ପେଟ୍ରୋଲ ପାଇଁ ୩୩% ଏବଂ ଡିଜେଲ ପାଇଁ ୫୮% ବୃଦ୍ଧି ହୋଇଛି, ତାହା ପୁଣି ଏକ ବିଶ୍ୱବ୍ୟାପୀ ମହାମାରୀ, ୟୁରୋପୀୟ ଭୂମି ଯୁଦ୍ଧ ଏବଂ ସର୍ବାଧିକ ତୈଳମୂଲ୍ୟ ଅସ୍ଥିରତାର ସମୟ ମଧ୍ୟରେ। ଆହୁରି ମଧ୍ୟ ଦେଶର ଯେଉଁ ରାଜ୍ୟଗୁଡ଼ିକରେ ଭାଟ୍ ହ୍ରାସ କରାଯାଇଥିଲା, ସେଠାରେ ମୂଲ୍ୟ ହ୍ରାସ ପାଇଥିଲା, କିନ୍ତୁ ରାଜନୈତିକ କାରଣରୁ ଯେଉଁ ରାଜ୍ୟ ସରକାର ଭାଟ୍ କମାଇନଥିଲେ ସେଠାରେ ତେଲଦର ମହଙ୍ଗା ଥିଲା।

# ରବିବାର ମହାଲଢ଼େଇ

ଅହମ୍ମଦାବାଦ,୭।୩(ଏଜେନ୍ସି): ରବିବାର ମହାମୁକାବିଲା । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ହେବ ଟାଇଟଲ ଟକ୍କର। ଦୁନିଆର ସବୁଠୁ ବଡ଼ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ ଏହି ମହାମୁକାବିଲା। କିନ୍ତୁ ଖେଳାଳିଙ୍କ ପ୍ରଦର୍ଶନ ପୂର୍ବରୁ ସମସ୍ତଙ୍କ ନଜର ପିଚ ଉପରେ ରହିଛି। ରବିବାର ପ୍ରାୟ ୧ ଲକ୍ଷ ୩୦ ହଜାର ଦର୍ଶକ ଏହି ମ୍ୟାଚର ସାକ୍ଷୀ ପାଲଟିବେ। ଷ୍ଟାଡିୟମରେ ମୋଟ୍ ୧୧ଟି ପିଚ ରହିଛି। ଏଥିରେ ଉଭୟ ଲାଲ ଓ କଳାମାଟି ବ୍ୟବହାର କରାଯାଇଛି। ବିଶ୍ୱକପ ଫାଇନାଲ ପାଇଁ କେଉଁ ପିଚ ବ୍ୟବହାର ହେବ ତାହା ଉପରେ ଦଳର ଅଧିନାୟକ ପାଣିପାଗ ଉପରେ ନିର୍ଭର କରୁଛି। ଏପର୍ଯ୍ୟନ୍ତ ଟି-୨୦ରେ ଭାରତ-ନ୍ୟୁଜିଲାଣ୍ଡ ପରସ୍ପରକୁ ୩୦ଟି ମ୍ୟାଚରେ ଭେଟିଛନ୍ତି। ଯେଉଁଥିରେ ଭାରତୀୟ ଦଳ ୧୬ଟି ଜିତିଥିବା ବେଳେ ଜିତିଥିବା ବେଳେ ନ୍ୟୁଜିଲାଣ୍ଡ ୧୧ଟି ବାଜି ମାରିଛି। ୩ଟି ଟାଇ ହୋଇଛି।

ଗୁରୁବାର ସେମିଫାଇନାଲରେ ଭାରତୀୟ ଦଳ ଇଂଲଣ୍ଡକୁ ୭ ରନରେ ହରାଇଥିଲା। ଭାରତ ୨୫୩/୭ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଇଂଲଣ୍ଡ ୨୪୬/୭ ରନ୍ କରିଥିଲା। ଏହି ମ୍ୟାଚରେ ଭାରତୀୟ ବ୍ୟାଟର ଦୃଢ଼ ପ୍ରଦର୍ଶନ କରିଥିଲେ। ସଞ୍ଜୁ ସାମସନ ୪୨ ବଲରୁ ୮୯ ରନ୍ କରିଥିଲେ। ଅନ୍ୟ ବ୍ୟାଟର ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ତଥାପି ଏହି ମ୍ୟାଚରେ ବୋଲରଙ୍କ ଆଶାନୁରୂପ ପ୍ରଦର୍ଶନ ଦେଖିବାକୁ ମିଳିନଥିଲା। ଅର୍ଶଦୀପ ସିଂ ୪ ଓଭରରେ ୫୧ ରନ୍ ଦେଇ ଗୋଟିଏ ୱିକେଟ୍ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୬୪ ରନ୍ ଦେଇ ଗୋଟିଏ ୱିକେଟ୍ ନେଇଥିଲେ। ବରୁଣଙ୍କ ଫର୍ମ ସମସ୍ତଙ୍କୁ ନିରାଶ କରିଥିଲା। ଯାହା ଭାରତୀୟ ଦଳର ଚୂଡାନ୍ତ ଏକାଦଶରେ ପରିବର୍ତ୍ତନର ଆଭାସ ଦେଉଛି। ସମଗ୍ର ଟୁର୍ଣ୍ଣାମେଣ୍ଟରେ ବେଞ୍ଚରେ ବସିଥିବା ଚାଇନାମ୍ୟାନ ସ୍ପିନର କୁଳଦୀପ ଯାଦବଙ୍କୁ ସୁଯୋଗ ମିଳିପାରେ। ସେହିଭଳି ଅଭିଶେକ ଶର୍ମାଙ୍କ ଫର୍ମ ଚିନ୍ତାର ବିଷୟ।

ଭାରତୀୟ ଓପନର ଏବଂ ବିଶ୍ୱର ନଂ.୧ ଟି-୨୦ ବ୍ୟାଟର ଅଭିଶେକ ଶର୍ମା ୨୦୨୬ ଟି-୨୦ ବିଶ୍ୱକପରେ ପ୍ରଦର୍ଶନ ଭଲ ଦେଖାଇପାରିନାହାନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ତାଙ୍କ ବ୍ୟାଟ ପ୍ରାୟତଃ ନୀରବ ରହିଛି। ସେ ସେମିଫାଇନାଲରେ ଇଂଲଣ୍ଡ ବିପକ୍ଷରେ ଏକ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ତେଣୁ ଦଳରେ ତାଙ୍କ ଉପସ୍ଥିତି ନେଇ ପ୍ରଶ୍ନ ଉଠିଛି। ସେମିଫାଇନାଲରେ ସେ ମାତ୍ର ୯ ରନ୍ କରିଥିଲେ। ଜିମ୍ବାୱେ ବିପକ୍ଷରେ ୫୫ ରନ୍ କରିଥିଲେ। ବିଶ୍ୱକପରେ ମୋଟ୍ ୭ଟି ମ୍ୟାଚ ଖେଳି କେବଳ ୮୯ ରନ୍ କରିଛନ୍ତି।

ବିଗତ ଦୁଇଟି ମ୍ୟାଚରେ ସଞ୍ଜୁ ସାମସନ କ୍ୟାରିୟରର ସବୁଠୁ ଭଲ ଫର୍ମରେ ଅଛନ୍ତି। ତାଙ୍କର ଜମାଣିଆ ପ୍ରଦର୍ଶନ ଲାଗି ଭାରତ ଫାଇନାଲରେ ପହଞ୍ଚି ପାରିଛି। ତେଣୁ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷରେ ପୁଣିଥରେ ତାଙ୍କ ବ୍ୟାଟ ଗର୍ଜିବ ବୋଲି ଭାରତୀୟ ଦର୍ଶକ ଆଶାବାଦୀ ଅଛନ୍ତି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ମଧ୍ୟ ବିଶ୍ୱକପ୍ ଟ୍ରଫି ତୋଳିଧରିବାକୁ ସ୍ୱତନ୍ତ୍ର ରଣନୀତି କରିଛି। କାରଣ ପ୍ରଥମ ସେମିଫାଇନାଲରେ ଦଳ ଯେଉଁଭଳି ଭାବେ ଦ.ଆଫ୍ରିକାକୁ ଧରାଶାୟୀ କରିଥିଲା ତେଣୁ ନ୍ୟୁଜିଲାଣ୍ଡକୁ ସାମାନ୍ୟତମ ଅବହେଳା କଲେ ହାତରୁ ଟ୍ରଫି ଖସି ଯିବ ବୋଲି ଭାରତ ଭଲ ଭାବେ ଜାଣିଛି। ତେଣୁ ରବିବାର ଲଢ଼େଇ ବେଶ ରୋଚକ ଏବଂ ସଂଘର୍ଷପୂର୍ଣ୍ଣ ହେବ ବୋଲି ସମସ୍ତଙ୍କ ଆଶା।

ଏଥର ଫାଇନାଲରେ ଦୁଇ ଦଳର ଯୁଗଯୋଦ୍ଧା ସଞ୍ଜୁ ସାମସନ ଓ ଫିନ ଆଲିନଙ୍କ ବ୍ୟାଟିଂ ପ୍ରମୁଖ ଆକର୍ଷଣ ହେବ। ଯଶପ୍ରୀତ ବୁମରା ପୁଣିଥରେ ଭାରତୀୟ ବୋଲିଂ ବାହିନୀର ନେତୃତ୍ୱ ନେବେ। ଅଭିଶେକ ଶର୍ମାଙ୍କ ଫ୍ଲପ ଶୋ ଏବଂ ବରୁଣ ଚକ୍ରବର୍ତ୍ତୀଙ୍କ ବ୍ୟହ ବହୁଳ ବୋଲି ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ। ଉଭୟ ଦଳ ବେଶ ସନ୍ତୁଳିତ ହୋଇଥିବାରୁ ଟକ୍କର ଯୋରଦାର ହେବ ବୋଲି ଆଶା କରାଯାଉଛି। ନ୍ୟୁଜିଲାଣ୍ଡ ସ୍ପିନରମାନେ ହିଁ ଭାରତୀୟ ବ୍ୟାଟରଙ୍କୁ ଅସୁବିଧା ପକାଇବେ ବୋଲି ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି। ଲାଲ ଓ କଳାରଙ୍ଗର ମିଶ୍ରିତ ମାଟିରେ ପ୍ରସ୍ତୁତ ପିଚରେ କମ ଟର୍ଣ୍ଣ ଅଧିକ ବାଉନ୍ସ ମ୍ୟାଚରେ ରୋଚକ ଭରି ଦେବ।

## ଆଜିର ମ୍ୟାଚ

- ଭାରତ-ନ୍ୟୁଜିଲାଣ୍ଡ
- ସ୍ଥାନ - ଅହମ୍ମଦାବାଦ
- ସମୟ - ରାତି ୭ଟା
- ପ୍ରସାରଣ- ଷ୍ଟାର ନେଟ୍‌ୱର୍କ






## ଫାଇନାଲରେ ଜମିବ ଷ୍ଟାରଙ୍କ ଜଲୱା

ଟି-୨୦ ବିଶ୍ୱକପ ଫାଇନାଲ ମ୍ୟାଚ ପୂର୍ବରୁ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହେବ। ଏହି ଉତ୍ସବରେ ଅନ୍ତର୍ଜାତୀୟ ତାରକାମାନେ ପ୍ରଦର୍ଶନ କରିବେ। ଆଇସିସି ପକ୍ଷରୁ ଉଦଯାପନୀ ଉତ୍ସବରେ ପ୍ରଦର୍ଶନ କରିବାକୁ ଥିବା କଳାକାରଙ୍କ ତାଲିକା ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଗାୟକ ରିକି ମାର୍ଟିନ ପ୍ରଦର୍ଶନ କରିବେ। ତାଙ୍କ ବ୍ୟତୀତ ଭାରତୀୟ ଗାୟକ ସୁଖବୀର ସିଂ ଏବଂ ଫାଲଗୁନୀ ପାଠକ ମଧ୍ୟ ଉଦ୍‌ଯାପନୀରେ ସାମିଲ ହେବେ। ଆଇସିସି ପକ୍ଷରୁ ଲେଖାଯାଇଛି ଯେ, ମଞ୍ଚ ଆହୁରି ବଡ଼ ହେଉଛି, ଟି-୨୦ ବିଶ୍ୱକପ୍ ଫାଇନାଲ ପୂର୍ବରୁ ଉଦ୍‌ଯାପନୀ ଉତ୍ସବରେ ଗ୍ଲୋବାଲ ସୁପରଷ୍ଟାର ରିକି ମାର୍ଟିନଙ୍କ ସହିତ ସଂଗୀତ କିମ୍ବଦନ୍ତୀ ସୁଖବୀର ଏବଂ ଫାଲଗୁନୀ ପାଠକ ଯୋଗଦେବେ। ଫାଇନାଲ ମ୍ୟାଚ ସନ୍ଧ୍ୟା ୭ଟାରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟରେ ଆରମ୍ଭ ହେବ। ଉଦ୍‌ଯାପନୀ ଉତ୍ସବ ସନ୍ଧ୍ୟା ୫.୩୦ରେ ଆରମ୍ଭ ହେବ। ୩ ଜଣ ଗାୟକ ମଞ୍ଚରେ ରଙ୍ଗ ଭରିବେ।

## ବୁମରାଙ୍କ ପାଇଁ ଚକ୍ରବ୍ୟୁହ

ଟାଇଟଲ ମୁକାବିଲ ପୂର୍ବରୁ ନ୍ୟୁଜିଲାଣ୍ଡର ତାରକା ଅଲରାଉଣ୍ଡ ଗ୍ଲେନ ଫିଲିପ୍ସ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ପ୍ରଶଂସା କରିଛନ୍ତି। ଫିଲିପ୍ସ ଆଶାପ୍ରକାଶ କରିଛନ୍ତି ଯେ, ବୁମରା ବି ମଣିଷ। ତାଙ୍କର ଦିନ ବି ଖରାପ ହୁଏ। ଦଳ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିବ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ବୁମରା ଭାରତର ସବୁଠାରୁ ବୋଲର ପ୍ରମାଣିତ ହୋଇଛନ୍ତି। ତାଙ୍କର ସଠିକ ୟର୍କର ଓ ମାପଚୁପ ବୋଲି ତଥା ଡେଥ ଓଭରରେ ବିପକ୍ଷ ବ୍ୟାଟରଙ୍କୁ ଅସୁବିଧାରେ ପକାଇଛି। ଫାଇନାଲ ପୂର୍ବରୁ ଗ୍ଲେନଫିଲିପ୍ସ କହିଛନ୍ତି ଯେ, ବୁମରା ଜଣେ ମହାନ ବୋଲର। କିନ୍ତୁ ଯେ କୌଣସି ଖେଳାଳିଙ୍କ ପରି ତାଙ୍କର ମଧ୍ୟ କେତେ ବେଳେ ଖରାପ ବେଳ ଆସିପାରେ। ବୋଲିଂରେ ବୁମରାଙ୍କ ବିବିଧତା ଅଛି। ସେ ଡେଥ ଓଭରରେ ସଠିକ ୟର୍କର ବୋଲିଂ କରନ୍ତି। ଆଶା କରୁଛୁ ତାଙ୍କ ବିପକ୍ଷରେ ଭଲ ରହିବ ବୋଲି ଫିଲିପ୍ସ କହିଛନ୍ତି।

ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ବୁମରା ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିଲେ। ସେ ୪ ଓଭର ବୋଲିଂ କରି ମାତ୍ର ୩୩ ରନ୍ ଦେଇଥିଲେ। ବଲକୁ ସୀମାରେଖା ପାର କରିବା ବ୍ୟାଟରଙ୍କ କାମ। ଯଦି ସେ ଭଲ ବୋଲିଂ କରନ୍ତି ତେବେ ଆମକୁ ଆମର ରଣନୀତି ଗ୍ରହଣ କରିବାକୁ ପଡ଼ିବ। ପରିସ୍ଥିତି ସହିତ ଖାପ ଖୁଆଇବାକୁ ପଡିବ। ଟାଇଟଲ ବାଜିରେ ଥିବାରୁ ନ୍ୟୁଜିଲାଣ୍ଡ ଆଶା କରିବ ଯେ, ବୁମରାଙ୍କ ଦିନ ଭଲରେ ନଯାଉ। ତଥାପି କିଛି ବର୍ଷ ମଧ୍ୟରେ ତାଙ୍କ ରେକର୍ଡକୁ ବିଚାର କଲେ ବୁମରା ଅନ୍ୟମାନଙ୍କ ଠୁ ବିରଳ।





## ଚାମ୍ପିଅନ୍ସଙ୍କ ଉପରେ ଟଙ୍କା ବର୍ଷା

ଭାରତୀୟ ଦଳ ତୃତୀୟଥର ପାଇଁ ଟି-୨୦ ବିଶ୍ୱକପ ଜିତିବା ଲକ୍ଷ୍ୟରେ ରହିଛି। ନ୍ୟୁଜିଲାଣ୍ଡ ଆଦୌ ଟି-୨୦ ବିଶ୍ୱକପ ଜିତି ନାହିଁ। ତେବେ ଫାଇନାଲ ମ୍ୟାଚ ପରେ ବିଜେତା ଓ ରନର୍ସ ଅପ୍ ଦଳକୁ ବିପୁଳ ପରିମାଣର ପୁରସ୍କାର ମିଳିବ। ରିପୋର୍ଟ ଅନୁଯାୟୀ ଟି-୨୦ ବିଶ୍ୱକପର ବିଜେତା ଦଳକୁ ୨୭.୫୦ କୋଟି ଟଙ୍କା ମିଳିବ। ଉପବିଜେତା ଦଳକୁ ୧୪.୬୭ କୋଟି ଟଙ୍କା ପୁରସ୍କାର ରାଶି ମିଳିବ। ସେମିଫାଇନାଲରେ ପରାଜିତ ଦଳ ଇଂଲଣ୍ଡ ଓ ଦ.ଆଫ୍ରିକା ୭.୨୪ କୋଟି ଟଙ୍କା ପାଇବେ। ସମସ୍ତ ଦଳ ଯେପରି ଲାଭବାନ ହୁଅନ୍ତି ତାହା ନିଶ୍ଚିତ କରିବା ପାଇଁ ଆଇସିସି ବିଭିନ୍ନ ପର୍ଯ୍ୟାୟ ଅନୁଯାୟୀ ପୁରସ୍କାର ରାଶି ବାଣ୍ଟିଛି। ପଞ୍ଚମରୁ ଦ୍ୱାଦଶ ସ୍ଥାନ ମଧ୍ୟରେ ଥିବା ଦଳ ଗୁଡିକର ସମାନ ପରିମାଣର ୩.୪୮ କୋଟି ଟଙ୍କା ପାଇବେ। ୧୩ରୁ ୨୦ ତମ ସ୍ଥାନରେ ଥିବା ଦଳ ଗୁଡିକ ସମାନ ପରିମାଣର ୨.୨୯ କୋଟି ଟଙ୍କା ପାଇବେ।

ଚଳିତ ବିଶ୍ୱକପରେ ମୋଟ ୧୨୩.୭୭ କୋଟି ଟଙ୍କା ପୁରସ୍କାର ରାଶି ଟଙ୍କା ପ୍ରଦାନ କରାଯିବ। ୨୦୨୪ ବିଶ୍ୱକପର ପୁରସ୍କାର ରାଶି ତୁଳନାରେ ଏଥର ୨୦% ଅଧିକ ପୁରସ୍କାର ମିଳିବ। ଟି-୨୦ ବିଶ୍ୱକପ୍ କେବଳ କ୍ରିକେଟ ଉତ୍ସବ ପାଇଁ ଏକ ପ୍ଲାଟଫର୍ମ ନୁହେଁ, ବରଂ ଅଂଶଗ୍ରହଣକାରୀ ଦଳ ଗୁଡିକ ପାଇଁ ଏକ ପ୍ରମୁଖ ଆର୍ଥିକ ପ୍ଲାଟଫର୍ମ ହୋଇଛି। ଆଗାମୀ ବର୍ଷ ଗୁଡିକରେ ବିଶ୍ୱକପ ଆହୁରି ବ୍ୟାପକ ହୋଇପାରେ।

## ପ୍ରଥମଥର ୩ଟି ଫର୍ମାଟର ଫାଇନାଲରେ ଭାରତ-ନ୍ୟୁଜିଲାଣ୍ଡ

ପ୍ରଥମଥର ପାଇଁ ଭାରତ-ନ୍ୟୁଜିଲାଣ୍ଡ ଆଇସିସିର ୩ଟି ଫର୍ମାଟର ଫାଇନାଲରେ ସାମ୍ନାସାମ୍ନି ହେବେ। କ୍ରିକେଟ୍ ଇତିହାସରେ ପୂର୍ବରୁ କେବେ ଘଟିନଥିଲା। ଭାରତ କ୍ରମାଗତ ଦ୍ୱିତୀୟଥର ପାଇଁ ଟି-୨୦ ବିଶ୍ୱକପ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଥିବା ବେଳେ ନ୍ୟୁଜିଲାଣ୍ଡ ପ୍ରଥମଥର ଚାମ୍ପିଅନ ହେବା ଆଶାରେ ରହିଛି। ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ନ୍ୟୁଜିଲାଣ୍ଡ ୮ ୱିକେଟରେ ଭାରତକୁ ହରାଇ ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚ ସାଉଥମ୍ପଟନରେ ଖେଳାଯାଇଥିଲା। ୨୦୨୫ ଆଇସିସି ଚାମ୍ପିଅନ୍ସ ଟ୍ରଫି ଦିନିକିଆ ଫର୍ମାଟରେ ଖେଳାଯାଇଥିଲା। ଉଭୟ ଦଳ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ୪ ୱିକେଟରେ ବାଜି ମାରିଥିଲା। ଭାରତ ତୃତୀୟଥର ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏବେ ଟି-୨୦ ଫର୍ମାଟରେ ଉଭୟ ପୁନର୍ବାର ଭେଟାଭେଟି ହେବ। ଇଂଲଣ୍ଡକୁ ହରାଇ ଭାରତ ଏବଂ ଦ.ଆଫ୍ରିକାକୁ ପରାସ୍ତ କରି ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ସବୁଠୁ ଚିନ୍ତାର ବିଷୟ ଟି-୨୦ ବିଶ୍ୱକପରେ ଭାରତ କେବେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିପାରିନାହିଁ। ଦୁଇ ଦଳ ମଧ୍ୟରେ ୩ଟି ମ୍ୟାଚ ଖେଳାଯାଇଛି ସମସ୍ତ ମ୍ୟାଚ ନ୍ୟୁଜିଲାଣ୍ଡ ଜିତିଛି।

## ଆମେ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ: ସାଣ୍ଟନର

ବିଶ୍ୱକପ ଫାଇନାଲ ପୂର୍ବରୁ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ସାମ୍ବାଦିକ ସମ୍ମିଳନୀରେ ଭାରତକୁ ଚାପଗ୍ରସ୍ତ କରିବାକୁ ଚେଷ୍ଟା କରିଛନ୍ତି। ସେ କହିଛନ୍ତି ଆମ ଦଳ ଯଦି ଯୋଜନା ଅନୁସାରେ ଠିକ୍‌ଠାକ୍ ଚାଲେ ଯେକୌଣସି ବଡ଼ ଦଳ ବିପକ୍ଷରେ ବିପର୍ଯ୍ୟୟ ସୃଷ୍ଟି କରିବାକୁ ଆମେ ସକ୍ଷମ। ବିଶ୍ୱକପ ଭାରତରେ ହେଉଥିବାରୁ ଘରୋଇ ଦଳ ଅତିରିକ୍ତ ଚାପରେ ରହିବ। ତେଣୁ ଆୟୋଜକ ଦଳ ଉପରେ ଆହୁରି ଅତିରିକ୍ତ ଚାପ ସୃଷ୍ଟି କରିବାକୁ ନ୍ୟୁଜିଲାଣ୍ଡ ଉଦ୍ୟମ କରିବ ବୋଲି ସେ କହିଛନ୍ତି। ଫାଇନାଲ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ହୋଇଥିବାରୁ ଦଳ ସମାନ ପ୍ରସ୍ତୁତି ଓ ଅଭିମୁଖ୍ୟ ନେଇ ଖେଳିବ। ଯେପରି ଆଫଗାନିସ୍ତାନ ବିପକ୍ଷରେ ପ୍ରଥମ ମ୍ୟାଚ କିମ୍ବା ଦ.ଆଫ୍ରିକା ବିପକ୍ଷରେ ସେମିଫାଇନାଲ ମ୍ୟାଚ ପୂର୍ବରୁ ରହିଥିଲା। ଦଳ ଭିଡ଼ିଓ ଦେଖି ପରିସ୍ଥିତିକୁ ବୁଝି ରଣନୀତି ପ୍ରସ୍ତୁତି କରିଛି ଓ ପଡ଼ିଆରେ ତାହାର ପ୍ରୟୋଗ କରିବ ବୋଲି ସେ କହିଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଗ୍ରାହକ ବନ୍ଧୁ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୬୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୬୩୩୧୭୪ରେ ଯୋଗାଯୋଗ କରନ୍ତୁ।

## ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଦୌଡ଼ରେ ସଞ୍ଜୁ

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ପ୍ଲେୟାର ଅଫ୍ ଟୁର୍ଣ୍ଣାମେଣ୍ଟ କେଉଁ ଖେଳାଳି ଅଛନ୍ତି ତାହାର ସଂକ୍ଷିପ୍ତ ତାଲିକା ଜାରି ହୋଇଛି। ଭାରତର ଜଣେ ମାତ୍ର ଖେଳାଳି ସଞ୍ଜୁ ସାମସନ ଏହି ଦୌଡ଼ରେ ରହିଛନ୍ତି। ୱିଲ ଜ୍ୟାକ୍, ସାହେବ ଯାଦ ଫରହାନ, ଲୁଙ୍ଗି ଏନଗିଡି, ମାକ୍ରାମ, ରଚିନ ରବିନ୍ଦ୍ର, ସେଡଲି ଭ୍ୟାନ ସ୍କୋଲୱାକ ଏବଂ ଟିମ୍ ସେଫର୍ଟ ଅଛନ୍ତି। ସଞ୍ଜୁ ୪ଟି ମ୍ୟାଚରେ ୨୩୨ ରନ ସଂଗ୍ରହ କରିଛନ୍ତି। ଇଂଲଣ୍ଡର ୱିଲଜ୍ୟାକ୍ସ ଚମତ୍କାର ପ୍ରଦର୍ଶନ କରି ୪ଥର ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ ହୋଇଛନ୍ତି। ସେ ୨୨୬ ରନ୍ କରିଛନ୍ତି। ଇଟାଲି ଏବଂ ଶ୍ରୀଲଙ୍କା ବିପକ୍ଷରେ ଭଲ ବ୍ୟାଟିଂ ଓ ବୋଲିଂ କରିଥିଲେ। ପାକିସ୍ତାନର ଫରହାନ ୬ଟି ଇନିଂସରେ ୩୮୩ ରନ୍ କରିଛନ୍ତି। ସେ ପ୍ରଥମ ଖେଳାଳି ଭାବେ ୨ଟି ଶତକ ହାସଲ କରିଛନ୍ତି। ଦ.ଆଫ୍ରିକାର ଲୁଙ୍ଗି ଏନଗିଡି ଚମତ୍କାର ବୋଲିଂ କରିଛନ୍ତି। ସେ କାନାଡା ଓ ଅଫଗାନିସ୍ତାନ ବିପକ୍ଷରେ ଯଥାକ୍ରମେ ୪ଟି ଓ ୩ଟି ୱିକେଟ୍ ନେଇଥିଲେ। ଇଣ୍ଡିଜ ବିପକ୍ଷରେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଦ.ଆଫ୍ରିକାର ଆଦିନ ମାକ୍ରାମ ନ୍ୟୁଜିଲାଣ୍ଡ ବିପକ୍ଷରେ ୮୬ ଓ ଇଣ୍ଡିଜ୍ ବିପକ୍ଷରେ ୮୬ ରନ୍ କରି ଦଳକୁ ବିଜୟ କରିଥିଲେ। ନ୍ୟୁଜିଲାଣ୍ଡର ରଚିନ ରବିନ୍ଦ୍ର ଭଲ ପ୍ରଦର୍ଶନ କରିଛନ୍ତି।



କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଏଫଆଇଭିବି ବିଚ୍ ଭଲିବଲ ପ୍ରୋ-ଟୁର ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଅଲିମ୍ପିଆନ୍ ଡ.ଅନୁରାଧା ବିଶ୍ୱାଳ। ବିଶ୍ୱସ୍ତରୀୟ କ୍ରୀଡା ମଞ୍ଚରେ ଅତିଥି ଭାବେ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିବା ତାଙ୍କ ପାଇଁ ବଡ଼ ସମ୍ମାନ ଓ ଗୌରବ ବୋଲି ଅନୁରାଧା କହିଛନ୍ତି।

## ଟିଲୋ କପ୍ : କୋଲକାତାକୁ ହରାଇଲା ହାଇଦ୍ରାବାଦ



ଭୁବନେଶ୍ୱର,୭।୩(ସବ୍ୟୁ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଟିଲୋ ହନୁମାନ ଜିୟୁ ଷ୍ଟାଡିୟମରେ ସର୍ବଭାରତୀୟ ଟିଲୋ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ହାଇଦ୍ରାବାଦ ନେକସାଜ ୫ ୱିକେଟରେ ଏ ଆଣ୍ଡ ଏସ୍ କୋଲକାତାକୁ ପରାଜିତ କରିଛି। ଏହି ମ୍ୟାଚରେ ଟସ ଜିତି ହାଇଦ୍ରାବାଦ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଏ ଆଣ୍ଡ ଏସ କୋଲକାତା ୨୦ ଓଭରରେ ୬ ୱିକେଟ ହରାଇ ୧୯୦ ରନ୍ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ବଳ ସର୍ବାଧିକ ୬୭ ଓ ଅଲମାସ ସୌକତ ୫୬ ରନ କରିଥିଲେ। ୧୯୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ହାଇଦ୍ରାବାଦ ଦଳ ୧୭.୨ ଓଭରରେ ୧୯୩/୫ ରନ୍ କରି ଲକ୍ଷ୍ୟହାସଲ କରିନେଇଥିଲା। ନିଶାନ୍ତ ଯାଦବ ସର୍ବାଧିକ ୭୩, ଇର୍ସାଦ ରହିମ ୪୯ ରନ୍ କରିଥିଲେ। ନିଶାନ୍ତ ଯାଦବଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ବିଭୂ ପ୍ରସାଦ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ରବିବାର ଲାଇଟନିଙ୍ଗ ଲିଜେଣ୍ଡ ଓ ହାଇଦ୍ରାବାଦ ନେକ୍ସାଜ ଏବଂ ନୋଏଡା ଜେପି ସ୍ପୋର୍ଟ୍ସ ଓ ଏ ଆଣ୍ଡ ଏସ କୋଲକାତା ମଧ୍ୟରେ ମ୍ୟାଚ ଖେଳାଯିବ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି